୬ ଟିମ୍ ଇଣ୍ଡିଆକୁ କିଭଳି କୋଚ୍ ଆବଶ୍ୟକ ? ବିସିସିଆଇକୁ ଗାଙ୍ଗୁଲିଙ୍କ ପରାମର୍ଶ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ପୃଷ୍ଠା ମୂଲ୍ୟ : ୨.୦୦ 8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୧୨୫ ● ୦୨ ଜୁନ୍ ୨୦୨୪, ରବିବାର ● ଭୁବନେଶ୍ୱର ● Vol -31 ● Issue-125 ● 2nd June 2024, Sunday ● Bhubaneswar

Licensed to post without pre-payment of postage No- BN-60/22-24

# ରାଜ୍ୟରେ ସନ୍ଧ୍ୟା ୫ ସୁଦ୍ଧା ୬୨.୪୬% ମତଦାନ

## ଜଗତସିଂହପୁରରେ ସର୍ବାଧିକ, ଭଦ୍ରକରେ ସର୍ବନିମ୍ନ ଭୋଟିଂ

ଭୁବନେଶ୍ୱର, ୧।୬

ନ୍ୟୁଜ୍ ବ୍ୟୁରୋ

ଶାନ୍ତିଶୃଙ୍ଖଳା ମଧ୍ୟରେ ସାଧାରଣ ନିର୍ବାଚନ-୨୦୨୪ ପାଇଁ ମତଦାନ ଶେଷ ହୋଇଛି। ରାଜ୍ୟରେ ସନ୍ଧ୍ୟା ୫ଟା ସୁଦ୍ଧା ୬୨.୪୬ ପ୍ରତିଶତ ମତଦାନ ହୋଇଛି । ଜଗତସିଂହପୁରରେ ସର୍ବାଧିକ ଓ ଭଦ୍ରକରେ ସର୍ବନିମ୍ନ ଭୋଟିଂ ହୋଇଥିବା ଜଣାପଡିଛି। ସଂପୂର୍ଣ୍ଣ ମତଦାନ ଶେଷ ହେଲା ପରେ ଭୋଟ ପ୍ରତିଶତ ବଢ଼ିବ।

ରାଜ୍ୟ ମୁଖ୍ୟନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଶେଷ ପର୍ଯ୍ୟାୟ ଭୋଟ୍ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ବାଲେଶ୍ୱରରେ ୬୧.୯୪ ପ୍ରତିଶତ ମତଦାନ ହୋଇଥିବା ବେଳେ ଭଦ୍ରକରେ ୫୬.୬୮ ପ୍ରତିଶତ, ଜଗତସିଂହପୁରରେ ୬୪.୩୧ ପ୍ରତିଶତ, ଯାଜପୁରରେ ୬୨.୯୨ ପ୍ରତିଶତ, କେନ୍ଦ୍ରାପଡ଼ାରେ ୫୯.୮୯ ପ୍ରତିଶତ, ମୟୂରଭଞ୍ଜରେ ୬୩.୯୭ ପ୍ରତିଶତ ମତଦାନ ହୋଇଛି। ସେହିପରି ପୁରୀରେ ୬୭.୩୦ ଓ କଟକରେ ୬୭.୯୬ ପ୍ରତିଶତ ମତଦାନ



ହୋଇଛି।

ରାଜ୍ୟରେ ଶନିବାର ୬ଟି ଲୋକସଭା ଆସନ ଅନ୍ତର୍ଗତ ୪୨ଟି ବିଧାନସଭା ଆସନରେ ମତଦାନ ହୋଇଛି । ସାଲେପୁରରେ ୬୬.୮୦%, ସାରସକଣାରେ ୬୨.୨୦%, ସିମୁଳିଆରେ ୬୨.୩୦%, ସୋରୋରେ ୬୨.୨୦%, ସୁକିନ୍ଦାରେ ୬୬%, ତିର୍ତ୍ତୋଲରେ ୬୪.୫୭%, ଉଦଳାରେ ୬୫.୭୨%, ନୀଳଗିରିରେ ୬୨.୧୫%, ନିମାପଡ଼ାରେ ୬୭.୧୦%, ପାରାଦୀପରେ ୬୧.୯୦%, ପାଟକୁରାରେ ୬୦.୧୪%, ରାଇରଙ୍ଗପୁରରେ ୬୨.୪୦%, ରାଜନଗରରେ ୫୯.୪୭%, ରେମୁଣାରେ ୬୧.୯୦%, କାକଟପୁରରେ ୬୭.୫୦%, କେନ୍ଦ୍ରାପଡ଼ାରେ ୫୮.୬୦%, କୋରେଇ ୬୧%, ମହାକାଳପଡ଼ାରେ ୬୧%, ମାହାଙ୍ଗାରେ ୬୭.୬୦%, ମୋରଡ଼ାରେ ୬୩.୧୨%, ନିଆଳିରେ ୬୯.୫୦%, ଚନ୍ଦବାଲିରେ ୬୩.୧୫ ପ୍ରତିଶତ ମତଦାନ ହୋଇଛି।

ସେହିପରି ଧାମନଗରରେ ୫୩.୪୦%, ଧର୍ମଶାଳାରେ ୬୫.୫୦%, ଯାଜପୁରରେ ୬୦%, ଜଳେଶ୍ୱରରେ ୬୨.୩୫%, ଯଶିପୁରରେ ୭୦.୧୧%, ବାରିପଦାରେ ୬୧.୬୦%, ବସ୍ତାରେ ୬୧.୫୬%, ବାସୁଦେବପୁରରେ ୫୬.୫୦%, ଭଦ୍ରକରେ ୫୫.୬୦%, ଭଣ୍ଡାରିପୋଖରୀରେ ୫୪.୭୦%, ଭୋଗରାଇରେ ୬୧.୫୦, ବିଞ୍ଝାରପୁରରେ ୬୦%, ଆଳିରେ ୬୦.୧୪%, ବଡ଼ସାହିରେ ୬୨.୪୫%, ବାଲେଶ୍ୱରରେ ୬୧.୫୩%, ବାଲିକୁଦା-ଏରସମାରେ ୬୫.୦୭%, ବାଙ୍ଗିରିପୋଷିରେ ୬୪.୨୦%, ବଡ଼ଚଣାରେ ୬୫ ଓ ବରୀରେ ୬୪ ପ୍ରତିଶତ ମତଦାନ ହୋଇଛି।

ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି, ନିର୍ବାଚନ ଘୋଷଣା ହେବା ଦିନ ଠାରୁ ଆଜି ପର୍ଯ୍ୟନ୍ତ ୨୮୫ ହାର୍ମସ ଜବତ ହୋଇଛି। ୧୪ ହଜାର ୭୬୨ଟି ବନ୍ଧୁକ ଡିପୋଜିଟ କରାଯାଇଛି । ବିଭିନ୍ନ ରାଜନୈତିକ ଦଳ ଠାରୁ ୧୭୫୫ଟି (ପୃଷ୍ଠା ୭ରେ)

# ଆସିଲା ଏକଜିଟ୍ ପୋଲ : ମୋଦି ମାରିବେ ହ୍ୟାଟ୍ରିକ

ନୂଆଦିଲ୍ଲୀ, ୧।୬

ଶେଷ ହୋଇଛି ଗଣତନ୍ତ୍ରର ମହାନ ପର୍ବ ନିର୍ବାଚନ । ଦେଶରେ ୫୪୩ ଲୋକସଭା ଆସନ ଓ କିଛି ରାଜ୍ୟର ବିଧାନସଭା ଆସନ ପାଇଁ ଲୋକମାନେ ଦେଇଛନ୍ତି ଭୋଟ। ମୋଟ ୭ଟି ପର୍ଯ୍ୟାୟରେ ଭୋଟିଂ କରି ଦେଶର ଜନତା ଆସନ୍ତା ୫ ବର୍ଷ ପାଇଁ ନିଜର ସରକାରଙ୍କୁ ବାଛି ସାରିଛନ୍ତି।

୭ମ ପର୍ଯ୍ୟାୟ ଭୋଟିଂ ଶେଷ ହେବା ସହ ୮ ହଜାରରୁ ଅଧିକ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ ହୋଇଯାଇଛି। ଏପ୍ରିଲ ୧୯ରେ ପ୍ରଥମ ପର୍ଯ୍ୟାୟ ପାଇଁ ମତଦାନ ହୋଇଥିବା ବେଳେ ଶନିବାର ଜୁନ୍ ୧ ତାରିଖରେ ସପ୍ତମ ପର୍ଯ୍ୟାୟ ଭୋଟିଂ ହୋଇଛି। ଭୋଟିଂ ଶେଷ ହୋଇଥିବା ବେଳେ ଆସନ୍ତା ୪ ତାରିଖରେ ଗଣତି ସହ ରେଜଲ୍ଟ ପ୍ରକାଶ ପାଇବ।

ତେବେ ଭୋଟିଂ ଶେଷ ହେବା ମାତ୍ରେ ବିଭିନ୍ନ ନ୍ୟୁଜ ଏଜେନ୍ସି ପକ୍ଷରୁ କରାଯାଇଥିବା ବୁଥ ବାହୁଡ଼ା ମତ ବା ଏକଜିଟ ପୋଲ ରେଜଲ୍ଟ ସାମ୍ନାକୁ ଆସିଛି। ଅଧିକାଂଶ ଏକଜିଟ ପୋଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇତିହାସ ରଚିବାକୁ ଯାଉଥିବା ଆକଳନ କରିଛନ୍ତି । ଏହାର ଅର୍ଥ ବିଜେପି ନେତୃତ୍ୱାଧୀନ ଏନଡିଏ ହ୍ୟାଟ୍ରିକ ବିଜୟ ହାସଲ କରିବ ବୋଲି ଏକଜିଟ ପୋଲରୁ ସ୍ପଷ୍ଟ ହୋଇଛି।

ତେବେ ବିଜେପି ଦେଇଥିବା ୪୦୦ ପାର ନାରା ଫେଲ ମାରିବ ବୋଲି ଏକଜିଟ




ପୋଲରେ କୁହାଯାଇଛି । ସେହିପରି କଂଗ୍ରେସ ସମେତ ଏକାଧିକ ବିରୋଧୀ ଦଳଗୁଡ଼ିକ ୨୦୧୯ ଅପେକ୍ଷା ଏଥର ଭଲ ପ୍ରଦର୍ଶନ କରିବେ। ୨୦୧୯ରେ କଂଗ୍ରେସ ମାତ୍ର ୫୨ଟି ଓ ୟୁପିଏ ୯୧ଟି ସିଟ ଜିତିଥିଲା। ହେଲେ ଏଥର ଇଣ୍ଡିଆ ମେଣ୍ଟ ୧୫୦ରୁ ଅଧିକ ଆସନ ଜିତିବାକୁ ଯାଉଥିବା ଏକଜିଟ ପୋଲରେ କୁହାଯାଇଛି । ଦେଶରେ ସରକାର ଗଠନ ପାଇଁ ଆବଶ୍ୟକ ମ୍ୟାଜିକ ନମ୍ବର ହେଉଛି ୨୭୨।

'ଜନ କି ବାତ'ର ତଥ୍ୟ ଅନୁଯାୟୀ ଏନଡିଏ ୩୬୨ରୁ ୩୯୨, ଇଣ୍ଡିଆ ୧୪୧-୧୬୧ ଓ ଅନ୍ୟାନ୍ୟ ଦଳ ୧୦-୨୦ ଆସନ ଜିତବେ ବୋଲି ଆକଳନ କରାଯାଇଛି।

ସେହିପରି ରିପବ୍ଲିକ ଭାରତ-ପି ଏମଆରକ୍ୟୁର ଏକଜିଟ ପୋଲ ତଥ୍ୟ ଅନୁଯାୟୀ ବିଜେପି ନେତୃତ୍ୱାଧୀନ ଏନଡିଏ ୩୫୯, କଂଗ୍ରେସ ବା ଇଣ୍ଡିଆ ମେଣ୍ଟ ୧୫୪ ଓ ଅନ୍ୟାନ୍ୟ ଦଳ ୩୦ଟି ଆସନ ଜିତିବେ।

ଇଣ୍ଡିଆ ନ୍ୟୁଜ-ଡି ଡାଇନାମିକାର ଏକଜିଟ ପୋଲରେ କୁହାଯାଇଛି ଯେ ଏନଡିଏ ୩୭୧, ଇଣ୍ଡିଆ ୧୨୫ ଓ ଅନ୍ୟାନ୍ୟ ଦଳ ୪୭ଟି ଆସନ ପାଇବ ବୋଲି ଆକଳନ କରାଯାଇଛି।

ମଟରିଜ୍ କହିଛି ଯେ ଏନଡିଏ ୩୫୩ରୁ ୩୬୮, ଇଣ୍ଡିଆ ୧୧୮ରୁ ୧୩୩ ଓ ଅନ୍ୟାନ୍ୟ ଦଳ ୪୩ରୁ ୪୮ ଆସନ ଜିତିବେ।

ଟିଭି ୫ ତେଲୁଗୁର ସର୍ଭେରୁ ଜଣାପଡ଼ିଛି ଯେ ଏନଡିଏ ୩୫୯, ଇଣ୍ଡିଆ ୧୫୪ ଓ ଅନ୍ୟାନ୍ୟ ଦଳ ୩୦ଟି ଆସନରେ ବାଜିମାତ କରିବେ । (ପୃଷ୍ଠା ୭ରେ)

## ୨ରୁ ୩ ଡ଼ିଗ୍ରୀ ହ୍ରାସ ପାଇବ ତାପମାତ୍ରା ପ୍ରଚଣ୍ଡ ତାତିରୁ ମିଳିବ ଆଶ୍ୱସ୍ତି



ଭୁବନେଶ୍ୱର, ୧।୬

ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାର ଅନେକ ଅଞ୍ଚଳରେ ହିଟ୍‌ୱେଭ ଜାରି ରହିଛି । ଏହାକୁ ରାଜ୍ୟରେ ତୃତୀୟ ପର୍ଯ୍ୟାୟ ହିଟ୍‌ୱେଭ ବୋଲି କୁହାଯାଉଛି। ପ୍ରଥମ ହିଟ୍‌ୱେଭ କେବଳ ଦୁଇ ଦିନ, ଏପ୍ରିଲ ୫ ଓ ୬, ୨୦୨୪ ପର୍ଯ୍ୟନ୍ତ ଚାଲିଥିଲା । ଏହାପରେ ଦ୍ୱିତୀୟ ପର୍ଯ୍ୟାୟରେ ଏପ୍ରିଲ ୧୫ ରୁ ମେ ୫ ପର୍ଯ୍ୟନ୍ତ ଆରମ୍ଭ ହୋଇଥିବା ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟବାସୀ ପ୍ରାୟ ୨୧ ଦିନ ତୀବ୍ର ହିଟ୍‌ୱେଭ ଅନୁଭବ କରିଥିଲେ।

ତେବେ ମେ ୨୯ ରୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ହିଟ୍‌ୱେଭ ତୃତୀୟ ପର୍ଯ୍ୟାୟ ଜାରି ରହିଛି । ଏହାରି ମଧ୍ୟରେ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଶନିବାର ସୂଚନା ଦେଇଛି ଯେ ଆଗାମୀ ଦିନରେ ସର୍ବାଧିକ ତାପମାତ୍ରା ହ୍ରାସ ହେବାର ସମସ୍ତ ସମ୍ଭାବନା ରହିଛି।

ଆଇଏମଡି ସୂଚନା ଅନୁଯାୟୀ, ଆଗାମୀ ଦିନରେ ସର୍ବାଧିକ ତାପମାତ୍ରା (ଦିନର ତାପମାତ୍ରା) ୨ରୁ ୩ ଡ଼ିଗ୍ରୀ ହ୍ରାସ ପାଇବାର ସମ୍ଭାବନା (ପୃଷ୍ଠା ୭ରେ)

TATA MOTORS

Light Commercial Vehicles

24 hours help line :

# ଓଡ଼ିଶାରେ ବିଜେପି ଜିତିବ ୧୫ରୁ ୧୭ଟି ଲୋକସଭା ଆସନ !

ନୂଆଦିଲ୍ଲୀ, ୧।୬

ଦେଶରେ ଶନିବାର ଶେଷ ହୋଇଛି ନିର୍ବାଚନ ଆଉ ତା ସହିତ ସାମ୍ନାକୁ ଆସିଛି ବିଭିନ୍ନ ଗଣମାଧ୍ୟମ ଓ ସର୍ଭେ ସଂସ୍ଥାର ଏକଜିଟ ପୋଲ ତଥ୍ୟ। ଏହି କ୍ରମରେ ଓଡ଼ିଶା ଲୋକସଭା ନିର୍ବାଚନକୁ ନେଇ ହୋଇଥିବା ଏକଜିଟ ପୋଲ ରିପୋର୍ଟ ଆସିଛି। ସମସ୍ତଙ୍କ ରିପୋର୍ଟରେ ବିଜେପିକୁ ମିଳିଛି ଅଧିକ ଆସନ। ରାଜ୍ୟରେ ଏଥର ବିଜେପି ୧୫ ବା ତାଠାରୁ ଅଧିକ ଆସନ ହାତେଇବ ବୋଲି ବିଭିନ୍ନ ସଂସ୍ଥାର ଏକଜିଟ ପୋଲ ତଥ୍ୟରୁ ଜଣାପଡ଼ିଛି ।

ଇଣ୍ଡିଆ ଟିଭି'ର ଏକଜିଟ ପୋଲ ତଥ୍ୟ କହୁଛି ରାଜ୍ୟରେ ବାଜି ମାରିବ ବିଜେପି। ଏହାର ଆକଳନ ଅନୁଯାୟୀ ରାଜ୍ୟର ୨୧ଟି




ଲୋକସଭା ଆସନରୁ ବିଜେପି ୧୫ ରୁ ୧୭ଟି ଜିତିବ। ବିଜେଡିକୁ ମିଳିବ ମାତ୍ର ୪ରୁ ୬ଟି ଆସନ। ସେହିପରି କଂଗ୍ରେସକୁ ୦-୧ ଆସନ ମିଳିବ ।

ଜନ କି ବାତ୍'ର ଏକଜିଟ ପୋଲର ତଥ୍ୟ ମଧ୍ୟ ବିଜେପି (ପୃଷ୍ଠା ୭ରେ)

# କେଉଁ ରାଜ୍ୟରେ କେତେ ଆସନ ଜିତିବ ବିଜେପି ?

ନୂଆଦିଲ୍ଲୀ, ୧।୬

ନିର୍ବାଚନ ସରିବା ସହ ଆସି ଯାଇଛି ଏକଜିଟ ପୋଲ ରେଜଲ୍ଟ। ଜାତୀୟସ୍ତରର ଗଣମାଧ୍ୟମ କରିଥିବା ସର୍ଭେ କହୁଛି ଯେ ବିଜେପି କେନ୍ଦ୍ରରେ ହ୍ୟାଟ୍ରିକ ମାରିବାକୁ ଯାଉଛି। ସେହିପରି କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକୁ କ୍ଷମତାକୁ ଆସିବା ପାଇଁ ଆହୁରି ୫ ବର୍ଷ ଅପେକ୍ଷା କରିବାକୁ ପଡ଼ିବ।

ଅଧିକାଂଶ ଏକ୍‌ଜିଟ ପୋଲରୁ ସ୍ପଷ୍ଟ ହୋଇଛି ଯେ ବିଜେପି ୨୦୧୯ ଭଳି ୨୦୨୪ରେ ମଧ୍ୟ ହିମାଚଳ ପ୍ରଦେଶ, ମଧ୍ୟପ୍ରଦେଶ, ଗୁଜରାଟ, ଛତିଶଗଡ଼, ହରିୟାଣା ଓ ଦିଲ୍ଲୀର ସମସ୍ତ ଲୋକସଭା ଆସନ ଜିତିବ।

ସେହିପରି କେରଳ ଓ ତାମିଲନାଡୁ ଭଳି



ରାଜ୍ୟରେ ଦଳ ଏଥର ଖାତା ଖୋଲିବାକୁ ମଧ୍ୟ ସକ୍ଷମ ହେବ। କାରଣ କେରଳ ଓ ତାମିଲନାଡୁରେ ବିଜେପି ଖାତା ଖୋଲିବାକୁ ପୂର୍ବରୁ ସକ୍ଷମ ହୋଇ ନଥିଲା। କିନ୍ତୁ ୨୦୨୪ରେ ସ୍ଥିତି ବଦଳିବ ବୋଲି ଏକଜିଟ ପୋଲରେ ଆକଳନ କରାଯାଇଛି।

ଏକ୍ସିସ୍ ମାଇ ଇଣ୍ଡିଆ ପକ୍ଷରୁ ରାଜ୍ୟୱାରୀ ବିଜେପି ଓ ଅନ୍ୟ (ପୃଷ୍ଠା ୭ରେ)

# ଲିଙ୍ଗଗତ ସମ୍ବେଦନଶୀଳତା ଉପରେ କମିଟି ଗଠନ କଲେ ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ, ୧।୬

ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ୍‌କୋର୍ଟ ଏହାର ଲିଙ୍ଗଗତ ସମ୍ବେଦନଶୀଳତା ଏବଂ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ପୁନର୍ଗଠନ କରିଛନ୍ତି।

ସୁପ୍ରିମ୍‌କୋର୍ଟ (ନିବାରଣ, ନିଷେଧ ଓ ସମାଧାନ) ନିୟମାବଳୀ, ୨୦୧୩ରେ ମହିଳାଙ୍କ ଲିଙ୍ଗଗତ ସମ୍ବେଦନଶୀଳତା ଏବଂ ଯୌନ ଉତ୍ପୀଡ଼ନର ଧାରା ୪(୨) ଦ୍ୱାରା ପ୍ରଦତ୍ତ କ୍ଷମତା ଏବଂ ଏ ଦିଗରେ ସମସ୍ତ ସକ୍ଷମ ବ୍ୟବସ୍ଥାକୁ ବ୍ୟବହାର କରି ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଲିଙ୍ଗ ସମ୍ବେଦନଶୀଳତା ଏବଂ ଆଭ୍ୟନ୍ତରୀଣ



ଅଭିଯୋଗ କମିଟି ପୁନର୍ଗଠନ କରିଛନ୍ତି ବୋଲି ତାଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

ଏହି ୧୨ ଜଣିଆ କମିଟିର ଅଧ୍ୟକ୍ଷ ହେଉଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ୍‌କୋର୍ଟର ବିଚାରପତି ହିମା କୋହଲି।

ଏହି କମିଟିରେ ଜଷ୍ଟିସ ବିଭି ନାଗରତ୍ନା, ଅତିରିକ୍ତ ରେଜିଷ୍ଟ୍ରାର ସୁଖଦା (ପୃଷ୍ଠା ୭ରେ)

# ଜୁନ ୪ ନୁହେଁ, ଜୁନ ୨ରେ ଏହି ଦୁଇ ରାଜ୍ୟରେ ଘୋଷଣା ହେବ ନିର୍ବାଚନ ଫଳ

ନୂଆଦିଲ୍ଲୀ, ୧।୬

ଶନିବାର ଦେଶରେ ଶେଷ ହୋଇଛି ସାଧାରଣ ନିର୍ବାଚନ। ଆସନ୍ତା ୪ ତାରିଖରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ। ଦେଶର ୫୪୩ ଲୋକସଭା ଆସନ ସହ ଓଡ଼ିଶା, ଆନ୍ଧ୍ର, ସିକ୍କିମ ଓ ଅରୁଣାଚଳ ପ୍ରଦେଶ ବିଧାନସଭା ଆସନ ପାଇଁ ମଧ୍ୟ ମତଦାନ ହୋଇଛି।

ନିର୍ବାଚନ କମିଶନ ଘୋଷଣା କରିଥିଲେ ଯେ ଜୁନ ୪ରେ ନିର୍ବାଚନ ଫଳାଫଳ ଘୋଷଣା କରାଯିବ। ତେବେ ଏଥିରେ ସାମାନ୍ୟ ସଂଶୋଧନ ହୋଇଛି। ସମସ୍ତ ଲୋକସଭା ଆସନର ରେଜଲ୍ଟ ୪ ତାରିଖରେ ପ୍ରକାଶ ପାଇବାକୁ ଯାଉଥିବା ବେଳେ ସିକ୍କିମ ଓ ଅରୁଣାଚଳ ବିଧାନସଭା ନିର୍ବାଚନ ରେଜଲ୍ଟ



ଆଗୁଆ ପ୍ରକାଶ ପାଇବ।

ଜୁନ ୪ ବଦଳରେ ଜୁନ ୨ ଅର୍ଥାତ ରବିବାର ଏହି ଦୁଇ ରାଜ୍ୟରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ। ତେବେ ଓଡ଼ିଶା ଓ ଆନ୍ଧ୍ର ବିଧାନସଭା ନିର୍ବାଚନର ଫଳାଫଳ ଜୁନ ୪ (ପୃଷ୍ଠା ୭ରେ)

## ଦକ୍ଷିଣ ଭାରତରେ ବିଜେପିକୁ ମିଳିପାରେ ଅତିରିକ୍ତ ୮ଟି ଆସନ

ନୂଆଦିଲ୍ଲୀ, ୧।୬

ଦକ୍ଷିଣ ଭାରତରେ ବିଜେପିର ପ୍ରଦର୍ଶନ ସବୁବେଳେ ଦୁର୍ବଳ ରହିଆସିଛି । କିନ୍ତୁ ଏଥର ଦକ୍ଷିଣଭାରତରେ ବିଜେପିର ପ୍ରଦର୍ଶନରେ ଢେର ଉନ୍ନତି ଆସିବାର ସମ୍ଭାବନା ରହିଛି। ବିଭିନ୍ନ ସଂସ୍ଥାମାନଙ୍କ ଦ୍ୱାରା କରାଯାଇଥିବା ଏକଜିଟ ପୋଲ ସର୍ଭେରୁ ଏହା ଜଣାପଡ଼ିଛି।

ନ୍ୟୁଜ୧୮ର ସର୍ଭେ ଅନୁସାରେ ଦକ୍ଷିଣ ଭାରତରେ ବିଜେପି ନେତୃତ୍ୱାଧୀନ ଏନଡିଏ ଲାଭବାନ ହେଉଥିବା ଜଣାପଡିଛି । ଏନଡିଏକୁ ୫୧ରୁ ୫୪ଟି ଆସନ ମିଳିପାରେ । ବିଜେପି ଏକାକୀ ୩୪ରୁ ୩୬ଟି ଆସନ ରେ ବିଜୟୀ ହୋଇପାରେ। ଗତଥର ଦକ୍ଷିଣ ଭାରତର ୫ଟି ରାଜ୍ୟରେ ବିଜେପିକୁ ମାତ୍ର ୨୯ଟି ଆସନ ମିଳିଥିଲା। ଏଥର ୫ରୁ ୭ଟି ଆସନରେ (ପୃଷ୍ଠା ୭ରେ)

## ଏକାଳ ସକାଳ




ଶେଷ ପର୍ଯ୍ୟାୟ ଭୋଟ ସରିଲା
ସରିନାହିଁ କସରତ
ଜିତିବ କିଏସେ ପଚାରି ଦେଲେ
ସଭିଏଁ ଟେକନ୍ତି ହାତ
କନ୍‌ଫିଡେନ୍ସ ଶହେ ପ୍ରତିଶତ
ଚାରିରେ ଜଣାପଡିବ ଭାଗ୍ୟରେ
ସୁନା ଅଛି ଅବା ଖତ।

# ଗ୍ରୀଷ୍ମପ୍ରବାହ ପାଇଁ ଜନସାଧାରଣ ସତର୍କତା ଅବଲମ୍ବନ କରିବାକୁ ମୁଖ୍ୟଶାସନ ସଚିବଙ୍କ ଅନୁରୋଧ




ଭୁବନେଶ୍ୱର, ୧।୬

ନ୍ୟୁଜ୍ ବ୍ୟୁରୋ

ଗତ କିଛିଦିନ ଧରି ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଫଳରେ କିଛି ଜିଲ୍ଲାରେ ଅତି ଅଧିକ ଅସହ୍ୟ ଗରମ ଓ ଗୁଳୁଗୁଳି ଲାଗି ରହିଛି।ଏହି ଅସ୍ୱାଭାବିକ ପରିସ୍ଥିତିରେ ଜନସାଧାରଣଙ୍କ ତରଫରୁ ସତର୍କତା ଅବଲମ୍ବନ କରିବା ପାଇଁ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ରାଜ୍ୟର ସମସ୍ତ ଜନସାଧାରଣ ତଥା ଭାଇଭଉଣୀମାନଙ୍କୁ ଅନୁରୋଧ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା କହିଛନ୍ତି ଯେ, ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆରସି)ଙ୍କ କାର୍ଯ୍ୟାଳୟ ତରଫରୁ ଏ ସମ୍ପର୍କରେ ବିଭିନ୍ନ ଉପଦେଶାବଳୀ ଦିଆଯାଇଛି। ସଂପ୍ରତି ଏହି ସମୟରେ ରାଜ୍ୟରେ ଉତ୍ତାପ ଅଧିକ ରହେ, ଏଥିପାଇଁ ସମସ୍ତ ଜନ ସାଧାରଣ ଅତି ଉତ୍ତପ୍ତ ସମୟ ମଧ୍ୟରେ, ସାଧାରଣତଃ ଦିନ ୧୦ଟା ବା ୧୧ଟାରୁ ଦିନ ୩ଟା ମଧ୍ୟରେ ଯେ କୌଣସି କାମ ଯଥା,ବ୍ୟକ୍ତିଗତ କାମ ହେଉ, କୌଣସି ଠିକାଦାରଙ୍କ କାମ ହେଉ ବା କୌଣସି ବାହାର କାମକୁ ଯିବାକୁ ନିବୃତ୍ତ ରହିବାର ଆବଶ୍ୟକତା ରହିଛି। ଯଦି ଅନିବାର୍ଯ୍ୟ କାରଣବଶତଃ ବାହାରକୁ କାମରେ ଯିବାକୁ ପଡୁଛି, ତେବେ ପାଖରେ ଛତା, ଯୋତା ବା ଚପଲ ବ୍ୟବହାର କରିବା, ସାଙ୍ଗରେ ପାଣି ବୋତଲ ଧରିବା, ତଉଲିଆ ବା ଓଦା ଗାମୁଛା ପକାଇଯିବାକୁ ସେ ଅନୁରୋଧ କରିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ତରଫରୁ ଏଥିପାଇଁ ସମସ୍ତ ପ୍ରକାର ଜନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି । ଶନିବାର ସେ ସମସ୍ତ ଜିଲ୍ଲାପାଳମାନଙ୍କ ସହିତ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବୈଠକ କରି ଡାକବାଜିଯନ୍ତ୍ର ଜରିଆରେ ଗ୍ରୀଷ୍ମ ପ୍ରବାହରୁ ସୁରକ୍ଷିତ ରହିବା ପାଇଁ (ପୃଷ୍ଠା ୭ରେ)

# ଭୋଟ ଦେବାକୁ ଆସିଥିଲେ ପତ୍ନୀ, ବୁଥ୍ ସାମ୍ନାରେ ନିର୍ମମ ଭାବେ ହତ୍ୟାକଲା ସ୍ୱାମୀ

ଭଦ୍ରକ, ୧।୬ : ନ୍ୟୁଜ୍ ବ୍ୟୁରୋ

ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି। ବୁଥ ସାମ୍ନାରେ ସ୍ତ୍ରୀକୁ ହତ୍ୟାକରିଛି ନୃଶଂସ ସ୍ୱାମୀ। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧିନ କାଉପୁର ପଞ୍ଚାୟତ ମୁକ୍ତାଡ଼ିହି ଗାଁ ୪ନମ୍ବର ବୁଥ ସାମ୍ନାରେ ଏମିତି ଅଭାବନୀୟ ଘଟଣା ଘଟିଛି । ମୃତ ମହିଳା ଜଣକ ହେଲେ ରଶ୍ମିରେଖା ବେହେରା। ଅଭିଯୁକ୍ତ ସ୍ୱାମୀ ପ୍ରଭାକରଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି ପୋଲିସ।

ସୂଚନା ଅନୁଯାୟୀ, ରଶ୍ମିରେଖା ଓ ପ୍ରଭାକରଙ୍କ ମଧ୍ୟରେ କୌଣସି କଥାକୁ ନେଇ ଝଗଡ଼ା ହୋଇଥିଲା। ଯେଉଁଥିପାଇଁ ମହିଳା ଜଣକ ସ୍ୱାମୀଙ୍କ ସହ କଳହ ପରେ ବାପ ଘର




ଜିରାଗମ୍ଭୀରରେ ରହୁଥିଲେ। ଶନିବାର ସେ ଭୋଟ ଦେବା ପାଇଁ ତାଙ୍କ ଦାଦାଙ୍କ ସହ ମୁକ୍ତାଡ଼ିହି ଗାଁର ୪ ନମ୍ବର ବୁଥକୁ ଆସିଥିଲେ। ମାତ୍ର ଏତିକିବେଳେ ସ୍ୱାମୀ ବୁଥ ସାମ୍ନାରେ ମାରଣାସ୍ତ୍ରରେ ଆକ୍ରମଣ କରିଥିଲା। ଫଳରେ ରଶ୍ମିଙ୍କ ମୁହଁରେ ଗଭୀର କ୍ଷତ ହୋଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନା ନିଆଯାଇଥିଲା ତେବେ (ପୃଷ୍ଠା ୭ରେ)

30 YEARS
ଭୁବନେଶ୍ୱର, ୨ ଜୁନ୍ ୨୦୨୪ ରବିବାର





# ରାଜଧାନୀର ଅପରାଜେୟ ବୁଲାଗୋରୁ ଓ କୁକୁର: ସହରରେ ଅଭାବନୀୟ ସ୍ଥିତି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀକୁ ବୁଲାଗୋରୁ ମୁକ୍ତ କରିବା ପାଇଁ ବିଏମ୍‌ସି ମିସନ ଆରମ୍ଭ କରିଛି। ଏଥିପାଇଁ ବିଏମ୍‌ସିରେ ସ୍ଥାୟୀ କର୍ମଚାରୀଙ୍କ ନିଯୁକ୍ତି ସହ ବୁଲାଗୋରୁ ଉଠାଇବାକୁ ଠିକାସଂସ୍ଥା ଓ ବୁଲାଗୋରୁଙ୍କୁ ରଖିବା ପାଇଁ ବିଭିନ୍ନ ଗୋ'ଶାଳାରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ସେହିଭଳି ବୁଲାକୁକୁରଙ୍କ ସଂଖ୍ୟା କମାଇବା ସହ ସେମାନଙ୍କ ଆଚରଣରେ ପରିବର୍ତ୍ତନ ଆଣିବା ପାଇଁ ଏବିସି (ଆନିମଲ୍ ବାର୍ଥ କଣ୍ଟ୍ରୋଲ୍) କାର୍ଯ୍ୟକ୍ରମ ଚାଲିଛି। ଏଥିରେ କୁକୁର ନେବା ଆଣିବା ଓ ଅପରେସନ ପାଇଁ ଡାକ୍ତର, ଓଟି ବାବଦରେ ମଧ୍ୟ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଏସବୁ ବର୍ତ୍ତମାନ କେବଳ କାଗଜପତ୍ରରେ ଚାଲିଛି। ଏବିସି କାର୍ଯ୍ୟକ୍ରମ ଓ ଗୋ'ଶାଳା ଦାୟିତ୍ୱରେ ଥିବା ଅଧିକାରୀଙ୍କ ବଦଳି ହେବାପରେ ନୂଆ ଅଧିକାରୀମାନେ ସେ ଫାଇଲ୍‌ରେ ହାତ ମାରୁନାହାନ୍ତି। ଫଳରେ ଗୋ'ଶାଳା ପରିଚାଳନା କରୁଥିବା ସଂସ୍ଥାମାନଙ୍କର ପ୍ରାପ୍ୟ ବାକି ପଡ଼ିଛି। ସେମାନେ ଆଉ ବୁଲାଗୋରୁ ଉଠାଉ ନାହାନ୍ତି। ଏଣେ ଗ୍ରୀଷ୍ମ ପ୍ରବାହ ଆଳରେ ଏବିସି ବା କୁକୁର ବନ୍ଧ୍ୟାକରଣ କାର୍ଯ୍ୟକ୍ରମ ମଧ୍ୟ ବନ୍ଦ ରଖିଛି ବିଏମ୍‌ସି। ଫଳରେ ବୁଲାଗୋରୁ ଓ କୁକୁରଙ୍କ ଉପଦ୍ରବ ଏବେ ରାଜଧାନୀବାସୀଙ୍କ ପାଇଁ କାଳ ହୋଇଛି। ସହରର ଅନେକ ସ୍ଥାନରେ ସ୍ଥିତି ସାଂଘାତିକ ରୂପ ଧାରଣ କରିଛି। ସଞ୍ଜ ନଇଁଲେ ବୁଲାଗୋରୁ ଓ କୁକୁର ରାଜଧାନୀରାସ୍ତାକୁ କବ୍‌ଜା କରୁଛନ୍ତି। ରାତି ଯେତେ ବଢୁଛି ବିଶେଷକରି କୁକୁରମାନେ ସେତେ ଆକ୍ରମଣାତ୍ମକ ହୋଇପଡୁଛନ୍ତି। ଗାଡ଼ିକୁ ପିଛା କରି ଗୋଡ଼ାଉଥିବା ବେଳେ ନିଜ ନିଜ ଭିତରେ ଆକ୍ରମଣ ପ୍ରତିଆକ୍ରମଣ ଯୋଗୁ ଗାଡ଼ି ଚାଳକ ଦୁର୍ଘଟଣାର ଶିକାର ହେଉଛନ୍ତି। ସହରର କେତେଟି ରାସ୍ତାରେ ତ ଲୋକେ ରାତି ହେଲେ ଯିବାକୁ ଭୟ କରୁଛନ୍ତି। ସେହିଭଳି ବୁଲାଗୋରୁ ମଧ୍ୟ ଦୁର୍ଘଟଣାର କାରଣ ସାଜୁଛନ୍ତି। କଳାରଙ୍ଗର ଷଣ୍ଢ କିମ୍ବା ଗାଈ ରାସ୍ତା ଉପରେ ଶୋଇ ରହିବା ଯୋଗୁ ଚାଳକ ଦେଖି ନପାରି ଦୁର୍ଘଟଣା ଘଟାଉଛନ୍ତି। ସରକାରୀ ଡାକ୍ତରଖାନାରେ ଗତ ୧୫ ଦିନର ତଥ୍ୟକୁ ବିଚାରକୁ ନେଲେ ଏଭଳି ଦୁର୍ଘଟଣାରେ ଶିକାର ହୋଇ ଦିନକୁ ୪ ଜଣ ଲୋକ ଚିକିତ୍ସା ପାଇଁ ଆସୁଛନ୍ତି। ଅନ୍ୟାନ୍ୟ ଘରୋଇ ଚିକିତ୍ସାଳୟକୁ ହିସାବକୁ ନେଲେ ଏହି ସଂଖ୍ୟା ଅନେକ ବଢ଼ିଯିବ କୁହାଯାଉଛି। ପୂର୍ବରୁ ଏଭଳି ନିୟମିତ ଘଟିବାରୁ ବିଏମ୍‌ସି ଏବିସି କାର୍ଯ୍ୟକ୍ରମ ଆରମ୍ଭ କରିଥିଲା। ସହିଦନଗରରେ ଦିନକୁ ୩୦ କୁକୁରଙ୍କର ଅସ୍ତ୍ରୋପଚାର କରାଯାଉଥିଲା। ହେଲେ ତାହା ସଫଳ ହେଲାନାହିଁ। ଏଣୁ ମଞ୍ଚେଶ୍ୱରରେ ଥିବା କର୍ମଜୀବୀ ମହିଳା ହଷ୍ଟେଲ୍‌ରେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରି ବିଏମ୍‌ସି ହସ୍‌ପିଟାଲ୍ ପ୍ରସ୍ତୁତ କଲା। ଏଠାରେ ଭେଟ୍‌ସ୍ ଫର ଆନିମଲ୍ସ ସଂସ୍ଥା କୁକୁର ଧରିବା, ଅସ୍ତ୍ରୋପଚାର, ଟିକାକରଣ ଓ ତା'ପରେ କୁକୁରଙ୍କୁ ନିର୍ଦ୍ଦିଷ୍ଟ ଜାଗାରେ ଛାଡ଼ିବା ପାଇଁ କୁକୁର ପିଛା ୧,୬୫୦ ଟଙ୍କା ନେଉଛି। ଉକ୍ତ ହସ୍ପିଟାଲରେ ମାସକୁ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଏହା ଏବେ ଖରା ଯୋଗୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରହିଛି। ଫଳରେ ଗୋଟିଏ ବର୍ଷ ଭିତରେ ସହରର ସମସ୍ତ କୁକୁରଙ୍କୁ ବନ୍ଧ୍ୟାକରଣ କରାଯିବାକୁ ଯେଉଁ ଲକ୍ଷ୍ୟ ରଖାଯାଇଥିଲା, ତାହା ସଂପୂର୍ଣ୍ଣ ଲକ୍ଷ୍ୟଚ୍ୟୁତ ହୋଇଛି। ସେହିଭଳି ସହରକୁ ବୁଲାଗୋରୁ ମୁକ୍ତ କରିବା ପାଇଁ ବିଏମ୍‌ସି ମିସନ୍ ମୋଡ୍‌ରେ କାମ ଆରମ୍ଭ କରିଥିଲା। ୫ଟି ଗୋ'ଶାଳାର ପରିସର ବୃଦ୍ଧି କରିବା ସହ ସହରରୁ ବୁଲାଗୋରୁଙ୍କୁ ଉଠାଇବା ପାଇଁ ୩ଟି ସଂସ୍ଥା- ବିଶାଲ୍, ଆରକେ ଏଜେନ୍‌ସି ଓ ଜେକେ ଏଜେନ୍‌ସିକୁ ନିୟୋଜିତ କରିଛି। ଭୁବନେଶ୍ୱରର ଜାମୁକୋଳି, ଜଟଣୀ, ଖୋର୍ଦ୍ଧା, ପୁରୀ ଓ ବ୍ରହ୍ମଗିରି ଗୋ'ଶାଳାରେ ୨,୦୦୦ରୁ ଉର୍ଦ୍ଧ୍ୱ ବୁଲାଗୋରୁ ରହିଛନ୍ତି। ଜାମୁକୋଳି ଗୋ'ଶାଳାର କଳେବର ବୃଦ୍ଧି ପାଇଁ ଅତିରିକ୍ତ ୨୦ ଏକର ଜାଗାର ଉନ୍ନତୀକରଣ ଚାଲିଛି। ସହରରୁ ଗୋରୁ ଉଠାଇ ନେବାକୁ ଠିକା ନେଇଥିବା ସଂସ୍ଥାମାନଙ୍କୁ ଗୋରୁ ପିଛା ୨,୨୮୬ ଟଙ୍କା ଓ ଗୋ'ଶାଳାରେ ରକ୍ଷଣାବେକ୍ଷଣ କରୁଥିବା ସଂସ୍ଥାକୁ ଗୋରୁ ପିଛା ଦିନକୁ ୨୦୦ ଟଙ୍କା ଦିଆଯାଉଛି। ଏହି ଗୋରୁଙ୍କୁ ଉଠାଇ ନେଇ ଗୋ'ଶାଳାରେ ରଖିବା ପାଇଁ ମାସକୁ ବିଏମ୍‌ସି ପାଣ୍ଠିରୁ ୧ କୋଟି ୮୦ ଲକ୍ଷଟଙ୍କା ଖର୍ଚ୍ଚ ହେଉଛି। ଏଣେ ବୁଲାଗୋରୁ ରାସ୍ତାରୁ ଉଠାଇବା ପାଇଁ ବିଏମ୍‌ସିରେ ମଧ୍ୟ ୨୦ ଜଣ କର୍ମଚାରୀ କାମ କରୁଛନ୍ତି।

ଦୁଇଟି ଗାଡ଼ି ମଧ୍ୟ ଏହି କାମରେ ନିୟୋଜିତ ହୋଇଛି। କିନ୍ତୁ ଗତ ୩ମାସରୁ




# ବ୍ୟାଙ୍କ ଠକେଇରେ ୩୦୦% ବୃଦ୍ଧି: ୭୦୮% ବଢ଼ିଛି ଡିଜିଟାଲ୍ ଠକେଇ



**କେତେ ଠକେଇ**

| ଆର୍ଥିକ ବର୍ଷ | ଠକେଇ ସଂଖ୍ୟା | ଜଡ଼ିତ ଟ |
|---|---|---|
| ୨୦୨୨-୨୩ | ୯୦୪୬ | ୪୫,୩୫ |
| ୨୦୨୩-୨୪ | ୩୬,୦୭୫ | ୧୩,୯ |

**ନୂଆଦିଲ୍ଲୀ,**

ଭାରତରେ ବ୍ୟାଙ୍କ ଓ ଡିଜିଟାଲ୍ ଠକେଇରେ ବଡ଼ ଧରଣର ବୃଦ୍ଧି ଘଟିଛି। ଲୋକମାନଙ୍କୁ ବିଭିନ୍ନ ପ୍ରକାରରେ ଠକିବା ଲାଗି ଅପରାଧୀମାନେ ଅଭିନବ କୌଶଳ ବ୍ୟବହାର କରୁଥିବାରୁ ଠକେଇ ପରିମାଣ ବୃଦ୍ଧି ପାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ବ୍ୟାଙ୍କ ଠକେଇ ୩୦୦ ପ୍ରତିଶତ ବୃଦ୍ଧି ପାଇ ୩୬,୦୭୫ରେ ପହଞ୍ଚିଛି। ୨୦୨୨-୨୩ରେ ଦେଶରେ ୯୦୪୬ଟି ବ୍ୟାଙ୍କ ଠକେଇ ସାମ୍ନାକୁ ଆସିଥିଲା। ତେବେ ଗତବର୍ଷଗୁଡ଼ିକର ଠକେଇରେ ଯେତିକି ଟଙ୍କା ସଂପୃକ୍ତ ଥିଲା ତାହା ଏଥର ହ୍ରାସ ପାଇଛି। ୨୦୨୨-୨୩ରେ ଚିହ୍ନଟ ହୋଇଥିବା ଠକେଇରେ ୪୫,୩୫୮ କୋଟି ଟଙ୍କା ସମ୍ପୃକ୍ତ ଥିବା ବେଳେ ୨୦୨୩-୨୪ରେ ତାହା ୧୩,୯୩୦ କୋଟି ଟଙ୍କାକୁ ହ୍ରାସ ପାଇଛି ବୋଲି ରିଜର୍ଭ ବ୍ୟାଙ୍କର ବାର୍ଷିକ ରିପୋର୍ଟରୁ ଜଣାପଡ଼ିଛି। ଗତ ତିନି ବର୍ଷରେ ଘରୋଇ ବ୍ୟାଙ୍କଗୁଡ଼ିକରେ ଅଧିକ ସଂଖ୍ୟକ ଠକେଇ ଚିହ୍ନଟ ହୋଇଥିବା ବେଳେ ସରକାରୀ ବ୍ୟାଙ୍କଗୁଡ଼ିକରେ ଠକେଇରେ ଲିପ୍ତ ଥିବା ଟଙ୍କା ପରିମାଣ ଅଧିକ ରହିଛି। ଠକେଇର ବର୍ଗୀକରଣରୁ ଜଣାପଡ଼ିଛି ଯେ ଡିଜିଟାଲ୍ ଠକେଇ ଅଧିକ ଘଟିଛି। ବିଶେଷ କରି ଡିଜିଟାଲ୍ ପେମେଣ୍ଟ ଓ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗରେ ହୋଇଥିବା ଠକେଇ ମାତ୍ରା ଅଧିକ ରହିଛି। ଋଣରେ ଅଧିକ ଟଙ୍କାର ଠକେଇ ହୋଇଛି। କାର୍ଡ ଓ ଇଣ୍ଟରନେଟ୍‌ରେ ହେଉଥିବା କାରବାରରେ ସଂଖ୍ୟା ଦୃଷ୍ଟିରୁ ଅଧିକ ଠକେଇ ହୋଇଥିଲେ ମଧ୍ୟ, ଠକେଇରେ ଜଡ଼ିତ ଥିବା ଟଙ୍କା ପରିମାଣ କମ୍ ରହିଛି। ସରକାରୀ ବ୍ୟାଙ୍କରେ ଯେଉଁ ସବୁ ଠକେଇ ହୋଇଛି ତାହା ମୁଖ୍ୟତଃ ଋଣରେ ହୋଇଛି ବୋଲି ରିଜର୍ଭ ବ୍ୟାଙ୍କ ତଥ୍ୟରୁ ଜଣାପଡ଼ୁଛି। ରିପୋର୍ଟ ଅନୁସାରେ, ୨୦୨୨-୨୩ରେ ୧୫୫ କୋଟି ଟଙ୍କାର ୩୫୯୬ଟି ଠକେଇ ହୋଇଥିଲା। ୨୦୨୩-୨୪ରେ ଠକେଇ ସଂଖ୍ୟା ୨୯,୦୮୨କୁ (୭୦୮%) ବୃଦ୍ଧି ପାଇଥିବା ବେଳେ ସେଥିରେ ଜଡ଼ିତ ଥିବା ରାଶି ପରିମାଣ ୧୪୫୭ କୋଟି ଟଙ୍କା ହୋଇଛି। ଠକେଇଗୁଡ଼ିକୁ ଅନୁଶୀଳନ କରିବା ପରେ ରିଜର୍ଭ ବ୍ୟାଙ୍କ ଜାଣିବାକୁ ପାଇଛି ଯେ ଠକେଇ ହେବାର ସମୟ ଏବଂ ବ୍ୟାଙ୍କ ତରଫରୁ ତାହାକୁ ଚିହ୍ନଟ କରିବା ଭିତରେ ସମୟର ଏକ ବଡ଼ ଅନ୍ତର ରହିଛି।

# ପାକିସ୍ତାନ ଅର୍ଥନୀତିର ଦୁଇ ଗୁଣା ପୁଞ୍ଜି ସମ୍ଭାଳୁଛି 'ଏଲ୍‌ଆଇସି'




**ନୂଆଦିଲ୍ଲୀ,**

ସରକାରଙ୍କ ଅଧୀନରେ ପରିଚାଳିତ ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ଯେତିକି ସମ୍ପତ୍ତିର ପରିଚାଳନା କରୁଛି ତାହା ପାକିସ୍ତାନ ଅର୍ଥନୀତିର ପ୍ରାୟ ଦୁଇଗୁଣା। ଏଲ୍‌ଆଇସି ପରିଚାଳନା କରୁଥିବା ସମ୍ପତ୍ତି ପରିମାଣ ୫୦ ଲକ୍ଷ କୋଟି ଟଙ୍କାରୁ ଅଧିକ। ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ତଥ୍ୟ ଅନୁସାରେ ପାକିସ୍ତାନ ଅର୍ଥନୀତିର ମୂଲ୍ୟ ୩୩,୮୨୪ କୋଟି ଡଲାର ହୋଇଥିବା ବେଳେ ଏଲ୍‌ଆଇସି ସମ୍ଭାଳୁଥିବା ସମ୍ପତ୍ତି ପରିମାଣ ୬୧,୬୦୦ କୋଟି ଡଲାର ରହିଛି। ଏଲ୍‌ଆଇସି ଯେଉଁ ପାଣ୍ଠି ସମ୍ଭାଳୁଛି ତାହା ତିନି ଦେଶ ପାକିସ୍ତାନ, ନେପାଳ ଓ ଶ୍ରୀଲଙ୍କାର ମିଳିତ ଅର୍ଥନୀତିଠାରୁ ଅଧିକ। ଏଲ୍‌ଆଇସିର ପରିଚାଳନା ଅଧୀନ ସମ୍ପତ୍ତି (ଏୟୁଏମ୍) ଡେନ୍‌ମାର୍କ, ଫିନ୍‌ଲ୍ୟାଣ୍ଡ, ସିଙ୍ଗାପୁର ଓ ହଂକଂର ଜିଡିପିଠାରୁ ଅଧିକ। ସୂଚନାଯୋଗ୍ୟ, ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଦେଶର ମାନ୍ୟତା ବଜାୟ ରଖିଥିବା ବେଳେ ପାକିସ୍ତାନ ଏହାର ଅର୍ଥନୈତିକ ସମସ୍ୟା ସୁଧାରିବାକୁ ସଂଘର୍ଷ କରୁଛି। ପାଣ୍ଠି ପାଇଁ ଏହା ଆଇଏମ୍‌ଏଫ୍, ଚୀନ୍, ସାଉଦି ଆରବ ଆଗରେ ହାତ ପତାଉଛି। ମାତ୍ର ଭାରତ ହେଉଛି ବିଶ୍ୱର ପଞ୍ଚମ ବୃହତ ଅର୍ଥନୀତି। ଏହା କେବଳ ଆମେରିକା, ଚୀନ୍, ଜର୍ମାନୀ ଓ ଜାପାନଠାରୁ ପଛରେ ରହିଛି। ଖୁବ୍‌ଶୀଘ୍ର ଏହା ଜାପାନ ଓ ଜର୍ମାନୀକୁ ଅତିକ୍ରମ କରି ତୃତୀୟ ବଡ଼ ଅର୍ଥନୀତି ଭାବେ ଉଭା ହେବାକୁ ଯାଉଛି।

# ଗାଈ, ଛେଳି, ମେଣ୍ଢା, ଘୁଷୁରି ପାଇଁ ଡାକ୍ତର ଅଭାବ

**ମାଲକାନଗିରି, ନ୍ୟୁଜ ବ୍ୟୁରୋ**

ମାଲକାନଗିରି ଜିଲ୍ଲାର ଗାଈଗୋରୁ, ଛେଳି ମେଣ୍ଢା ଓ ଘୁଷୁରିଙ୍କ ପାଇଁ ଏବେ ଭଗବାନ ହିଁ ଭରସା। ଜିଲ୍ଲାରେ ୧୩ଟି ପଶୁ ଚିକିତ୍ସାଳୟ ରହିଥିବା ବେଳେ ଡାକ୍ତର ଅଭାବ କାରଣରୁ ଗାଈଗୋରୁଙ୍କ ଚିକିତ୍ସାରେ ବାଧକ ସାଜିଛି। ଜିଲ୍ଲାର ସାତୋଟି ବ୍ଲକରେ ପ୍ରାୟ ୫ ଲକ୍ଷ ଗାଈଗୋରୁ,ଛେଳିମେଣ୍ଢା ଓ ଘୁଷୁରି ରହିଥିବା ବେଳେ ଏମାନଙ୍କୁ ପାଳୁଥିବା ଚାଷୀ ଏବେ ଚିନ୍ତାରେ ପଡିଛନ୍ତି। ଜିଲ୍ଲାରେ ୪୨ ଜଣ ସିଡିଭିଓ,ଏସଡିଭିଓ, ଏଡିଭିଓ(ଏଲପି), ଏଡିଭିଓ(ଡିସି), ଏଡିଭିଓ(ଏଡବ୍ଲୁ), ଡିଡି(ଡିଭିଏଚ), ଏଭିଏସ, ବିଭିଓ, ଡିଟିସି ଭିଏଏସ,ବିଏଏସ(ବ୍ଲକ),ଭିଏଏସ(ଏମଭିୟୁ) ରହିବା କଥା କିନ୍ତୁ ବର୍ତ୍ତମାନ ଜିଲ୍ଲାର ୧୩ଟି ସେଣ୍ଟରରେ ମାତ୍ର ୨୩ ଜଣ ରହିଛନ୍ତି।ସାତୋଟି ବ୍ଲକରେ ଥିବା ପଶୁ ଚିକିତ୍ସାଳୟଗୁଡିକରେ ଜଣେ ପଶୁ ଡାକ୍ତର ନାହାନ୍ତି। ସେହିପରି ସାତୋଟି ବ୍ଲକରେ ଆଉ ଗୋଟିଏ ଲେଖାଏଁ ଥିବା ଅନ୍ୟ ପଶୁ ଚିକିତ୍ସାଳୟରେ ମାତ୍ର ୩ ଜଣ ଡାକ୍ତର ରହିଛନ୍ତି। ଜିଲ୍ଲାର ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ଚାରୋଟି ଗ୍ରୁପ କରାଯାଇଛି। କେଉଁ କର୍ମଚାରୀ କେଉଁ ଗ୍ରୁପରେ ରହିବେ ତାହା ଉଲ୍ଲେଖ କରାଯାଇଛି। ଏ-ଗ୍ରୁପରେ ୪୨ ଜଣ କର୍ମଚାରୀ ଦରକାର ପଡୁଥିବା ବେଳେ ଅଛନ୍ତି ମାତ୍ର ୨୩ ଜଣ।ସେହିପରି ବି-ଗ୍ରୁପରେ ୨ ଜଣ ସ୍ଥାନରେ ଜଣେ,ସି-ଗ୍ରୁପରେ ୮୮ ଜଣଙ୍କ ସ୍ଥାନରେ ୨୭ ଜଣ ଏବଂ ଡି-ଗ୍ରୁପରେ ୩୫ ଜଣଙ୍କ ସ୍ଥାନରେ ୧୧ ଜଣ ଅଛନ୍ତି। ତେବେ ମୋଟରେ ୧୬୭ ଜଣଙ୍କ ସ୍ଥାନରେ ଜିଲ୍ଲାର ମାତ୍ର ୬୨ ଜଣ କର୍ମଚାରୀ ରହିଥିବା ଜଣାପଡିଛି।ଆହୁରି ୧୦୫ଟି ପଦବୀ ଏବେ ବି ଖାଲି ପଡିଛି। ଜିଲ୍ଲାରେ ୩,୦୦,୮୧୧ଟି ଗାଈଗୋରୁ ରହିଥିବା ବେଳେ ୬,୪୦୦ ମଇଁଷି,ମେଣ୍ଢା ୨୦,୫୩୨ଟି,ଛେଳି ୧,୨୬,୫୧୬ଟି ଏବଂ ଘୁଷୁରି ୧୭,୦୪୦ଟି ରହିଛି। ତେବେ ଏତେ ସଂଖ୍ୟକ ଗୃହପାଳିତ ପଶୁଙ୍କ ପାଇଁ ଡାକ୍ତର ଅଭାବ ଥିବା ଯୋଗୁଁ ଚିକିତ୍ସା ନପାଇ ବହୁ ପ୍ରାଣୀଙ୍କର ଅକାଳରେ ଜୀବନ ଯାଉଥିବା ଚାଷୀ ଅଭିଯୋଗ କରିଛନ୍ତି। କୋରକୋଣ୍ଡା ବ୍ଲକରେ ସର୍ବାଧିକ ୭୦ ହଜାର ଗାଈଗୋରୁ ରହିଥିବା ବେଳେ ଖଇରୁପଟ ବ୍ଲକରେ ୧୪ ହଜାର ଗାଈଗୋରୁ ରହିଛନ୍ତି। ବହୁ ପଶୁ ଚିକିତ୍ସାଳୟରେ ଆଟାଣ୍ଡାଣ୍ଟମାନେ ଗାଈଗୋରୁଙ୍କ ଚିକିତ୍ସା କରୁଥିବା ଦେଖିବାକୁ ମିଳିଛି।ପଶୁ ଚିକିତ୍ସକଙ୍କ ଅଭାବ ଏବଂ ବହୁ ସମୟରେ କୌଣସି କର୍ମଚାରୀ ପଶୁ ଚିକିତ୍ସାଳୟରେ ରହୁନଥିବାରୁ ଚାଷୀ ଆଗକୁ ଗୃହପାଳିତ ପଶୁଙ୍କୁ ପାଳିବା ପାଇଁ କୁଣ୍ଠାବୋଧ କରୁଥିବା ଦେଖିବାକୁ ମିଳିଛି। ମାଲକାନଗିରି ସହରରେ ଶହ ଶହ ଗାଈଗୋରୁ ଖୋଲାମେଲାରେ ନିଜର ଜୀବନ ବିତାଉଛନ୍ତି।ଲୋକେ ଗାଈ ରଖୁଛନ୍ତି ସିନା କେବଳ କ୍ଷୀର ପାଇଁ। ବହୁ ସମୟରେ ଗାଈଗୋରୁ ଦୁର୍ଘଟଣାଗ୍ରସ୍ତ ହେଲେ ନା ମାଲିକ ତାର ଚିକିତ୍ସା କରାଉଛି ନା ପଶୁ ଚିକିତ୍ସାଳୟ ତରଫରୁ କେହି ନିଜ ଉଦ୍ୟମରେ ଚିକିତ୍ସା କରାଉଛନ୍ତି। ବିଚରା ପ୍ରାଣୀ ଗୋଟିଏ ସ୍ଥାନରେ ପଡି ରହି ମୃତ୍ୟୁକୁ ଅପେକ୍ଷା କରୁଥିବା ଦେଖିବାକୁ ମିଳିଛି। କିଛି ବଦାନ୍ୟ ବ୍ୟକ୍ତିଙ୍କ ଦ୍ୱାରା ଅସହାୟ ପ୍ରାଣୀଙ୍କର ଚିକିତ୍ସା କରାଯାଇପାରୁଛି।




# ବିଲୁପ୍ତପ୍ରାୟ ଅହିରାଜ ଉଦ୍ଧାର : ସ୍ୱାସ୍ଥ୍ୟ ପରୀକ୍ଷା ପରେ ଜଙ୍ଗଲରେ ଛଡ଼ାଗଲା



**ମାଲକାନଗିରି, ନ୍ୟୁଜ ବ୍ୟୁରୋ**

ଏକଦା ମାଲକାନଗିରି ଜିଲ୍ଲାରେ ବିଭିନ୍ନ ଜାତିର ସରିସୃପ ଦେଖିବାକୁ ମିଳୁଥିଲା। ଏପରିକି ମହାବଳ ବାଘ, ସିଂହ, ପ୍ୟାନ୍ଥର ଭଳି ହିଂସ୍ରଜନ୍ତୁ ମଧ୍ୟ ରହିଥିଲେ।ଏବେ ଜଂଗଲ କ୍ଷୟ ହେବାରୁ ଓ ଶିକାର ବଢିବାରୁ ଏହି ଜୀବଜନ୍ତୁ ଜଂଗଲରୁ ଉଭେଇ ଗଲେ।ତେବେ ଆଜି ବିରଳ ବିଲୁପ୍ତପ୍ରାୟ ପ୍ରଜାତିର ଅହିରାଜ ସର୍ପକୁ ଉଦ୍ଧାର କରାଯାଇଛି। ଏମଭି-୨୩ ଗ୍ରାମ ନିକଟସ୍ଥ ଏକ କ୍ରସରର କଠୋରୀ ଘରେ ଏହି ଅହିରାଜ ଛପି ରହିଥିବା ଲୋକେ ଦେଖିଥିଲେ। ଅହିରାଜ ଫଣା ଟେକି ପ୍ରାୟ ୬ ଫୁଟ ଉଚ୍ଚରେ ଠିଆ ହେଉଥିଲା।ଯାହାକୁ ଲୋକେ ଦେଖି ଭୟଭିତ ହେବା ସହ ଆତଙ୍କିତ ହୋଇପଡିଥିଲେ। ସ୍ଥାନୀୟ ଜଣେ ସାପ ଧରୁଥିବା ଯୁବକକୁ ଲୋକେ ଡାକିଥିଲେ। ଅହିରାଜକୁ କାବୁ କରିବାକୁ ଦୀର୍ଘ ସମୟ ଲାଗିଥିଲା। ଗୋଟିଏ ଚୋଟରେ କିଛିକ୍ଷଣ ମଧ୍ୟରେ ଜୀବନ ଚାଲିଯିବାର ଭୟ ରହିଥିଲା।ଅତି ସତର୍କତାର ସହ ଅହିରାଜକୁ କାବୁ କରାଯାଇପାରିଥିଲା। ଏହାର ଲମ୍ବ ପ୍ରାୟ ୧୫ ଫୁଟ ରହିଥିବା ବେଳେ ଓଜନ ୧୦ କଲୋ ରହିଥିଲା। ଏଭଳି ବିରଳ ସାପ ଏବେ ବି ମାଲକାନଗିରି ଜିଲ୍ଲାର ଜଂଗଲରେ ଦେଖିବାକୁ ମିଳେ। ତେବେ ଶିକାର ହାତରେ ପଡିଲେ ଏମାନେ ବର୍ତ୍ତିପାରିବେ ନାହିଁ। ଏହାର ବିଷ ଲକ୍ଷାଧିକ ଟଂକାରେ ବିକ୍ରି ହେଉଥିବାରୁ ଏହି ସାପ ଏବେ ବିଲୁପ୍ତ ଅବସ୍ଥାରେ। ତେଣୁ ସ୍ଥାନୀୟ ଲୋକେ ତୁରନ୍ତ ବନ ବିଭାଗକୁ ଖବର ଦେବା ସହ ସାପକୁ ହସ୍ତାନ୍ତର କରିଥିଲେ। ବନ ବିଭାଗ ସାପର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଜଂଗଲରେ ଛାଡି ଦେଇଥିବା ଜଣାପଡିଛି। ଜିଲ୍ଲାର କାଲିମେଳା ଏବଂ ପଡିଆ ଜଂଗଲରେ ଏହି ବିରଳ ପ୍ରଜାତିର ସାପ ଦେଖିବାକୁ ମିଳେ।

# ହେଲିକପ୍ଟର ଅପରେଟର ମାଲେମାଲ୍: ୪୦୦ କୋଟି ପାଖାପାଖି ବେପାର

**ନୂଆଦିଲ୍ଲୀ,**



ନିର୍ବାଚନ ଋତୁରେ ଯେଉଁ ବାହନ ଅଧିକ ଖୋଜାପଡ଼େ ତାହା ହେଉଛି ହେଲିକପ୍ଟର। ଅଳ୍ପ ସମୟ ଭିତରେ ବିଭିନ୍ନ ସ୍ଥାନରେ ପହଞ୍ଚି ପ୍ରଚାର କରିବା ସହ ଭୋଟରମାନଙ୍କୁ ମନାଇବା ଲାଗି ହେଲିକପ୍ଟରକୁ ଅଧିକ ବ୍ୟବହାର କରାଯାଇଥାଏ। ଏହି ସମୟଟି ହେଲିକପ୍ଟର ଯୋଗାଉଥିବା ଅପରେଟରମାନଙ୍କ ଲାଗି ବ୍ୟବସାୟର ସବୁଠୁ ଉପଯୁକ୍ତ ସମୟ। ଆଉ କିଛିଦିନ ପରେ ନିର୍ବାଚନ ଶେଷ ହେବାକୁ ଯାଉଥିବା ବେଳେ ହେଲିକପ୍ଟର ଅପରେଟରମାନେ ୩୫୦-୪୦୦ କୋଟି ଟଙ୍କା ପାଖାପାଖି ବ୍ୟବସାୟ କରିଥିବା ଆକଳନ କରାଯାଇଛି। ନିର୍ବାଚନ ସମୟରେ ଘଣ୍ଟା ପିଛା ଦରରେ ହେଲିକପ୍ଟର ଭଡ଼ାରେ ନିଆଯାଏ। ଚଳିତ ବର୍ଷ ଭଡ଼ାରେ ୫୦% ବୃଦ୍ଧି ଘଟିଛି। ଗୋଟିଏ ଇଞ୍ଜିନ ଥିବା ୬-୭ ସିଟ୍ ବିଶିଷ୍ଟ ବିଇଏଲ୍ ୪୦୭ ହେଲିକପ୍ଟରର ଘଣ୍ଟା ପିଛା ଭଡ଼ା ୧.୩-୧.୫ ଲକ୍ଷ ଟଙ୍କା ରହିଛି। ଦୁଇଟି ଇଞ୍ଜିନ ଥିବା ଅଗଷ୍ଟା ଏଡବ୍ଲୁ୧୦୯ ଓ ଏଚ୧୪୫ ଏୟାରବସ୍‌ର ଘଣ୍ଟା ପିଛା ଭଡ଼ା ୨.୩-୩ ଲକ୍ଷ ଟଙ୍କା ରହିଛି। ଏହି ହେଲିକପ୍ଟରଗୁଡ଼ିକରେ ୭-୮ ଜଣ ବସିବା ଲାଗି ସିଟ୍ ରହିଛି। କିନ୍ତୁ ସମସ୍ୟା ହେଉଛି ଦେଶରେ ଦୁଇ ଇଞ୍ଜିନ ବିଶିଷ୍ଟ ହେଲିକପ୍ଟର ସଂଖ୍ୟା କମ୍ ରହିଛି। କିନ୍ତୁ ସ୍ଥିରତା, ଆରାମ ଓ ସୁରକ୍ଷା ଦୃଷ୍ଟିରୁ ଭିଆଇପିମାନେ ସେହି ହେଲିକପ୍ଟରଗୁଡ଼ିକୁ ପସନ୍ଦ କରୁଛନ୍ତି। ୧୫ ସିଟ୍ ବିଶିଷ୍ଟ ଅଗଷ୍ଟାୱେଷ୍ଟଲ୍ୟାଣ୍ଡର ହେଲିକପ୍ଟର ଭଡ଼ା ୪ ଲକ୍ଷ ଟଙ୍କାରୁ ଅଧିକ ରହିଛି। ଦେଶରେ କିନ୍ତୁ ସେଭଳି ମାତ୍ର ତିନିଟି ହେଲିକପ୍ଟର ରହିଛି। ୨୦୧୯ ନିର୍ବାଚନ ଋତୁରେ ହେଲିକପ୍ଟର ଅପରେଟରମାନେ ସ୍ୱାଭାବିକ ଦିନ ତୁଳନାରେ ୨୦-୩୦% ଅଧିକ ଭଡ଼ା ଦାବି କରିଥିଲେ। ଚଳିତ ବର୍ଷ କିନ୍ତୁ ଚାହିଦା ଅଧିକ ରହିଛି। ଉଭୟ ଜାତୀୟ ଓ ଆଞ୍ଚଳିକ ପାର୍ଟିର ନେତାମାନେ ହେଲିକପ୍ଟରରେ ଯାଇ ପ୍ରଚାର କରିବାକୁ ଆଗ୍ରହ ଦେଖାଇଛନ୍ତି। ଚଳିତ ବର୍ଷ ପ୍ରଚାର ଆରମ୍ଭ ହେବାର ଚାରି ଛଅ ମାସ ପୂର୍ବରୁ ହେଲିକପ୍ଟରର ଅଗ୍ରିମ ବୁକିଂ ହୋଇଥିଲା। ତେଣୁ ଶେଷ ମୁହୂର୍ତ୍ତରେ ଆସିଥିବା ଅନୁରୋଧଗୁଡ଼ିକୁ ସେମାନଙ୍କୁ ପ୍ରତ୍ୟାଖ୍ୟାନ କରିବାକୁ ପଡ଼ିଛି। ଦେଶର ଦୁଇ ବଡ଼ ରାଜନୈତିକ ଦଳ ବିଜେପି ଓ କଂଗ୍ରେସ ସର୍ବାଧିକ ହେଲିକପ୍ଟର ବୁକିଂ କରିଛନ୍ତି। ସେମାନେ ୪୫-୬୦ ଦିନ ପର୍ଯ୍ୟନ୍ତ ଲାଗି ବୁକିଂ ନେଇଛନ୍ତି। ଦିନକୁ ଅଢ଼େଇରୁ ତିନି ଘଣ୍ଟା ସେମାନେ ତାହାକୁ ବ୍ୟବହାର କରୁଛନ୍ତି। ହେଲିକପ୍ଟର ବ୍ୟବହାର ହେଉ ଅଥବା ନହେଉ ଦଳ ତରଫରୁ କିନ୍ତୁ ପେମେଣ୍ଟ ଦେବାକୁ ପଡୁଛି। ଅପରେଟରମାନେ ୩୦ ଦିନର ଟଙ୍କାକୁ ଅଗ୍ରିମ ଆକାରରେ ରଖୁଛନ୍ତି। ଦେଶର ତିନି ପ୍ରମୁଖ ହେଲିକପ୍ଟର ଅପରେଟର ହେଉଛନ୍ତି ପଓ୍ୱନ ହଂସ, ହେଲିଗୋ ଚାର୍ଟର୍ସ ଓ ଗ୍ଲୋବାଲ୍ ଭେକ୍ଟ୍ରା ହେଲିକପ୍ଟର ଲିମିଟେଡ୍। ସେମାନଙ୍କ ପାଖରେ ୧୩-୧୫ଟି ଲେଖାଏଁ ହେଲିକପ୍ଟର ରହିଛି। ଅନ୍ୟ ଛୋଟ ଅପରେଟରମାନଙ୍କ ପାଖରେ ୨-୪ଟି ଲେଖାଏଁ ହେଲିକପ୍ଟର ରହିଛି। ୨୦୧୯-୨୦ରେ ନିର୍ବାଚନ କମିସନଙ୍କ ନିକଟରେ ଦାଖଲ ତଥ୍ୟ ଅନୁସାରେ ହେଲିକପ୍ଟର/ବିମାନ ଯାତ୍ରା ବାବଦରେ ବିଜେପି ୨୫୦ କୋଟି ଟଙ୍କା ଓ କଂଗ୍ରେସ ୧୨୬ କୋଟି ଟଙ୍କା ଖର୍ଚ୍ଚ କରିଥିଲା।

# କୃଷିର ବିକାଶ ପାଇଁ ଟେକ୍ନୋଲୋଜିର ପ୍ରୟୋଗ ଉପରେ ଗୁରୁତ୍ୱ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ରାଜ୍ୟସ୍ତରୀୟ ଗବେଷଣା ଓ ସମ୍ପ୍ରସାରଣ ପରିଷଦ ବୈଠକ ୨୦୨୪-୨୫ ଅନୁଷ୍ଠିତ ହୋଇଛି । ଏହି ଅବସରରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ଼. ଅରବିନ୍ଦ କୁମାର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡିଶା କୃଷି ପାଇଁ ଆଗାମୀ ଦିନରେ ନେବାକୁ ଥିବା କାର୍ଯ୍ୟ ଖସଡ଼ା ଉପରେ ଆଲୋଚନା କରିଛନ୍ତି । ଏହି ପରିପ୍ରେକ୍ଷୀରେ ସେ ୬ ସୂତ୍ରୀର ପ୍ରୟୋଗ ଉପରେ ମତ ରଖିଛନ୍ତି । ସେ କହିଛନ୍ତି ଯେ, ପରିବର୍ତ୍ତିତ ଜଳବାୟୁ ପାଇଁ ପ୍ରସ୍ତୁତି ଆମର ପ୍ରମୁଖ କର୍ତ୍ତବ୍ୟ । ଏହା ସହ ନୂତନ ଯୋଜନାର ପ୍ରସ୍ତୁତି, ସାମାଜିକ ସମାନତା, କୃଷିଭିତ୍ତିକ ଶିଳ୍ପ ବିକାଶର ମହତ୍ତ୍ୱ ଏବଂ ସମ୍ବଳର ଆବଶ୍ୟକତା ଉପରେ ଆଲୋଚନା କରାଯାଇଛି । କୃଷି କ୍ଷେତ୍ରକୁ ସମୃଦ୍ଧ ଓ ବିକଶିତ କରିବା ପାଇଁ ଏ ସବୁ ଦିଗରେ ଧ୍ୟାନ ଦେବା ସହିତ ଆମକୁ ନୂତନ ପନ୍ଥା ଅବଲମ୍ବନ କରିବାକୁ ହେବ ବୋଲି କହିଛନ୍ତି ଡ଼ ପାଢ଼ୀ । ଅନ୍ୟପଟେ ଆଇସିଆର- ସିଫାର ନିର୍ଦ୍ଦେଶକ ପ୍ରଫେସର ପ୍ରମୋଦ କୁମାର ସାହୁ ଯୋଗ ଦେଇ କହିଛନ୍ତି ଯେ, ସ୍ୱାସ୍ଥ୍ୟର ବିକାଶକୁ ଦୃଷ୍ଟିରେ ରଖି ଫସଲର ଗୁଣବତ୍ତା ବୃଦ୍ଧି ସମ୍ପର୍କରେ ଗବେଷଣା ପ୍ରତି ଅଧିକ ଗୁରୁତ୍ୱ ପ୍ରଦାନ ଉପରେ ଆଲୋଚନା କରାଯାଇଛି । ପ୍ରତିଟି ସମସ୍ୟା ବେଳେ ଆମକୁ ପ୍ରସ୍ତୁତ ରହିବାକୁ ହେବ । ଏହା ସହ ଜଣେ ବୈଜ୍ଞାନିକଙ୍କୁ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗରେ ପ୍ରତି ପରିସ୍ଥିତିର ସମାଧାନର ବାଟ କାଢ଼ିବାକୁ ହେବ ବୋଲି ସେ କହିଛନ୍ତି। ଏପଟେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଛନ୍ତି ଯେ, ଗବେଷଣା ଓ ସମ୍ପ୍ରସାରଣ ପରସ୍ପର ପରିପୂରକ । ଉଭୟ ବିଭାଗରୁ କୃଷି କ୍ଷେତ୍ର ପାଇଁ ନାନାଦି ଉପାଦାନ ମିଳିପାରୁଛି । ଏହା ସହ ପରିବର୍ତ୍ତିତ ଜଳବାୟୁ, ପ୍ରାକୃତିକ କୃଷି, ନାନୋ ଟେକ୍ନୋଲୋଜି, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ସହିତ ଡିଜିଟାଲ କୃଷିର ବିକାଶ ସମ୍ପର୍କରେ ଆଲୋଚନା କରାଯାଇଛି । ସୂଚନା ଅନୁଯାୟୀ, ୨୦୨୩-୨୪ ମସିହାରେ ଉଦ୍ଭାବିତ ୨୬ଟି ନୂତନ କିସମର ଫସଲ, କୃଷି, ପଶୁପାଳନ ତଥା କୃଷି ଯାନ୍ତ୍ରିକୀକରଣ କ୍ଷେତ୍ରରେ ନୂତନ ଯନ୍ତ୍ରପାତିର ଆବିଷ୍କାର, କୃଷି କ୍ଷେତ୍ରରେ ସଫଳ ପ୍ରଦର୍ଶନ, ଓୟୁଏଟି ଦ୍ୱାରା ଉଦ୍ଭାବିତ ନୂତନ ପ୍ରକଳ୍ପକୁ ମିଳିଥିବା ପେଟେଣ୍ଟ, ବିଶେଷକରି ଡ୍ରୋନ ଟେକ୍ନୋଲୋଜି, ପ୍ରାକୃତିକ କୃଷି ତଥା ସମ୍ପ୍ରସାରଣ ସେବା ମାଧ୍ୟମରେ ତାଲିମ, କୃଷି କ୍ଷେତ୍ରରେ ପରୀକ୍ଷଣ ଓ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟ ସଫଳତାର ସହ କାର୍ଯ୍ୟକାରୀ ହୋଇଥିବା କହିଛନ୍ତି । ଆଗକୁ ଆହୁରି ନୂତନ ଅତ୍ୟାଧୁନିକ ଟେକ୍ନୋଲୋଜି ବ୍ୟବହାରକୁ ନେଇ ମଧ୍ୟ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି ।

# ଅଭୟାରଣ୍ୟରେ କମୁଛି ଗଜରାଜଙ୍କ ସଂଖ୍ୟା

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ଜିଲ୍ଲାର ବିଭିନ୍ନ ଜଙ୍ଗଲ ଅଞ୍ଚଳରେ ସରିଲା ହାତୀ ଗଣନା । ଅଭୟାରଣ୍ୟ ମଧ୍ୟରେ ହାତୀମାନଙ୍କର କ୍ରମଶଃ ବିଲୁପ୍ତ ଘଟୁଥିବାବେଳେ ଜିଲ୍ଲା ବନଖଣ୍ଡ ପକ୍ଷରୁ ପାଞ୍ଚଟି ବନାଞ୍ଚଳ ସହିତ ଅଭୟାରଣ୍ୟ ଅଞ୍ଚଳରେ ହାତୀ ଗଣନା କାର୍ଯ୍ୟକ୍ରମ କରାଯାଇଥିଲା । ତେବେ ହାତୀଙ୍କ ସଂଖ୍ୟା ଧିରେ ଧିରେ ହ୍ରାସ ପାଉଥିବା ଦେଖିବାକୁ ମିଳିଛି । କୁଶଙ୍ଗ ବନ୍ୟପ୍ରାଣୀ ଅଭୟାରଣ୍ୟରେ ଚଳିତ ବର୍ଷ ହାତୀ ଗଣନା ସମୟରେ ଗୋଟିଏ ହାତୀ ନଥିବା ସୂଚନା ରହିଛି । ଶନିବାର ବୌଦ୍ଧ ବନଖଣ୍ଡ ଅଧିନରେ ଥିବା ସମସ୍ତ ପାଞ୍ଚଟି ବନାଞ୍ଚଳରେ ହାତୀ ଗଣନା କାର୍ଯ୍ୟକ୍ରମ ସମାପନ ହୋଇଛି। ମାଧପୁର ବନାଞ୍ଚଳରେ ୧୪ଟି ହାତୀ ରହିଥିବାବେଳେ ଅନ୍ୟ ବନାଞ୍ଚଳରେ କେତେ ହାତୀ ଅଛନ୍ତି ତାର ସୂଚନା ମିଳିନାହିଁ । ବୌଦ୍ଧ ବନଖଣ୍ଡ ପକ୍ଷରୁ ବିଭିନ୍ନ ଜଙ୍ଗଲ ଅଞ୍ଚଳରେ ଫରେଷ୍ଟ ଟିମ୍, ବିଶେଷଜ୍ଞ ଟିମ୍ ହାତୀ ଗତିବିଧି, କ୍ୟାମେରା ଓ ଡ୍ରୋନ ସହାୟତା ନେଇ ହାତୀ ଗଣନା କରିଥିଲେ । ଏହି ଗଣନା ସମୟରେ ଜିଲ୍ଲାରେ ହାତୀ ସଂଖ୍ୟା କମୁଥିବା ଦେଖିବାକୁ ମିଳିଛି । ଏପରିକି କୁଶଙ୍ଗ ବନ୍ୟପ୍ରାଣୀ ଅଭୟାରଣ୍ୟରେ ଚଳିତ ବର୍ଷ ହାତୀ ଗଣନା ସମୟରେ ଗୋଟିଏ ମଧ୍ୟ ହାତୀ ନଥିବା ଦେଖିବାକୁ ମିଳିଛି । ତେବେ ଦିନକୁ ଦିନ ଏହି ବିଶାଳକାୟ ଜାତୀୟ ଐତିହ୍ୟ ପ୍ରାଣୀ ହାତୀର ସଂଖ୍ୟା କମୁଥିବା ଯୋଗୁଁ ବନ୍ୟପ୍ରାଣୀ ବିଶେଷଜ୍ଞ ଗଭୀର ଉଦବେଗ ପ୍ରକାଶ କରିଛନ୍ତି ମୋଗଲ ତଥା ବ୍ରିଟିଶ ରାଜତ୍ୱରେ ଦିଲ୍ଲୀ ଦରବାରରେ ବୌଦ୍ଧ ହାତୀମାନଙ୍କର ଉଚ୍ଚ ପ୍ରଶଂସା କରାଯାଉଥିବା ବେଳେ ବର୍ତ୍ତମାନ ଏହି ଜାତୀୟ ଐତିହ୍ୟ ପ୍ରାଣୀ ହାତୀ ବିଲୁପ୍ତ ହେବା ଅବସ୍ଥାରେ ପହଞ୍ଚିଥିବା ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ, ବୌଦ୍ଧ ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଗତ କିଛି ବର୍ଷ ମଧ୍ୟରେ ପାଞ୍ଚଟି ଦନ୍ତାହାତୀକୁ ଶିକାର କରାଯାଇଛି । ଜଙ୍ଗଲ ସମ୍ପଦରେ ଭରପୁର ଥିବା ଅଞ୍ଚଳ ବର୍ତ୍ତମାନ ଗଞ୍ଜେଇ ମାଫିଆ ଓ କାଠ ମାଫିଆମାନଙ୍କ କବ୍‌ଜାରେ ରହିଲା ଭଳି ମନେ ହେଉଛି । ବୌଦ୍ଧ ବନଖଣ୍ଡ ଅନ୍ତର୍ଗତ ପାଞ୍ଚଟି ବନାଞ୍ଚଳର ଅଧିକାଂଶ ଆଭ୍ୟନ୍ତରୀଣ ଜଙ୍ଗଲ ଧିରେ ଧିରେ ଉଜୁଡି ଯିବାକୁ ବସିଛି । ବ୍ୟାପକ ଜଙ୍ଗଲରୁ ଗଛ କାଟି ନିଆଯାଇ ସେଠାରେ ବେଆଇନ ଗଞ୍ଜେଇ ଚାଷ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି । ଆଭ୍ୟନ୍ତରୀଣ ଜଙ୍ଗଲ ସମ୍ପଦ ନଷ୍ଟ ଯୋଗୁଁ ଜଙ୍ଗଲର ବନ୍ୟପ୍ରାଣୀମାନେ ଅସୁରକ୍ଷିତ ହୋଇ ପଡିବା ସହିତ ଖାଦ୍ୟ ଅନ୍ୱେଷଣରେ ଜନବସତି ମୁହାଁ ହୋଇପଡୁଛନ୍ତି । ବିଶେଷ ଭାବରେ ଜାତୀୟ ଐତିହ୍ୟ ପ୍ରାଣୀ ହାତୀଙ୍କ ସଂଖ୍ୟା ଧିରେ ଧିରେ କମିଯାଉଥିବା ଦେଖିବାକୁ ମିଳୁଛି ।

# ରକ୍ତଭଣ୍ଡାରରେ ରକ୍ତ ଅଭାବ: ଦୈନିକ ୪୦ରୁ ୫୦ ୟୁନିଟ୍ ରକ୍ତ ଆବଶ୍ୟକ

**ଅନୁଗୁଳ, ନ୍ୟୁଜ ବ୍ୟୁରୋ**



ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରରେ କିଛିଦିନ ହେଲା ରକ୍ତର ଅଭାବ ଦେଖାଦେଇଛି। ଗ୍ରୀଷ୍ମଋତୁ ହେତୁ ଲୋକମାନେ ରକ୍ତଦାନ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ତେଣୁ ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଲାଗି ରହିଛି। କେବେ କେଉଁଠି ରକ୍ତଦାନ ଶିବିର ଆୟୋଜିତ ହେଲେ କିଛି ରକ୍ତ ସଂଗ୍ରହ କରାଯାଉଛି। ଅଧିକ ଶିବିର ଆୟୋଜିତ ହେଉ ନଥିବାରୁ ଭଣ୍ଡାରରେ ଆବଶ୍ୟକ ପରିମାଣ ରକ୍ତ ଗଚ୍ଛିତ ରହିପାରୁନାହିଁ। ଫଳରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ରୋଗୀଙ୍କ ପାଇଁ ରକ୍ତ ନପାଇ ତାଙ୍କ ସଂପର୍କୀୟମାନେ ସମସ୍ୟାରେ ପଡୁଛନ୍ତି। ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରତିଦିନ ଶହ ଶହ ରୋଗୀ ଆସୁଛନ୍ତି। ଅନୁଗୁଳ ଜିଲ୍ଲା ସମେତ ଆଖପାଖ ଜିଲ୍ଲାର ରୋଗୀମାନେ ଉତ୍ତମ ଚିକିତ୍ସା ଆଶାରେ ଏହି ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି। ଏଠାକୁ ଆସୁଥିବା ରୋଗୀଙ୍କ ମଧ୍ୟରୁ ଥାଲାସେମିଆ, ସିକିଲସେଲ୍, ଗର୍ଭବତୀ ମହିଳା, ଦୁର୍ଘଟଣାଗ୍ରସ୍ତ ରୋଗୀମାନଙ୍କ ପାଇଁ ରକ୍ତର ଜରୁରୀ ଆବଶ୍ୟକତା ରହିଛି। ଥାଲାସେମିଆ, ସିକିଲସେଲ୍, ଆନିମିଆରେ ପୀଡ଼ିତ ରୋଗୀମାନେ ପ୍ରତିମାସରେ ରକ୍ତ ନେବା ଆବଶ୍ୟକ ହୋଇଥାଏ। ସେମାନଙ୍କ ବ୍ୟତୀତ ଅନ୍ୟ ଗୁରୁତର ରୋଗୀଙ୍କ ପାଇଁ ମଧ୍ୟ ରକ୍ତ ଦରକାର ପଡୁଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରତିଦିନ ୪୦ରୁ ୫୦ ୟୁନିଟ୍ ରକ୍ତ ଆବଶ୍ୟକ ହେଉଛି। ଗତ ଦୁଇମାସ ହେଲା ବିଭିନ୍ନ କାରଣରୁ ରକ୍ତଦାନ ଶିବିର ଆୟୋଜିତ ହୋଇପାରୁନାହିଁ। ତାହା ଭିତରୁ ଏକ ମୁଖ୍ୟ କାରଣ ହେଉଛି ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ। ଏଥିଯୋଗୁଁ ଲୋକମାନେ ରକ୍ତ ଦାନ କରିବା ପାଇଁ ଆଗ୍ରହୀ ହୋଇନାହାନ୍ତି। ଗତବର୍ଷ ଗ୍ରୀଷ୍ମଋତୁଠାରୁ କମ୍ ରକ୍ତ ଚଳିତବର୍ଷ ଗ୍ରୀଷ୍ମଋତୁରେ ସଂଗ୍ରହ ହୋଇଛି। ରୋଗୀ ବେଡ୍‌ରେ ପଡ଼ିଥିବାବେଳେ ତାଙ୍କ ସମ୍ପର୍କୀୟ ରକ୍ତ ଭଣ୍ଡାର ସାମ୍ନାରେ ଘଣ୍ଟା ଘଣ୍ଟା ଅପେକ୍ଷା କରି ରହୁଛନ୍ତି। କାହାକୁ ବହୁ କଷ୍ଟରେ ରକ୍ତ ମିଳୁଛି ତ କାହାକୁ ନାହିଁ। କେହି ନିଜଆଡୁ ରକ୍ତଦାତା ଆଣି ରକ୍ତ ବିନିମୟ କରାଇବାକୁ ଚାହିଲେ ବି ଆବଶ୍ୟକ ଗ୍ରୁପ୍‌ର ରକ୍ତ ମିଳିବା କଷ୍ଟକର ହେଉଛି। ପୂର୍ବରୁ କୌଣସି ଗୁରୁତର ରୋଗୀଙ୍କ ପାଇଁ ରକ୍ତ ଆବଶ୍ୟକ ହେଲେ ଜିଲ୍ଲାର ଅନ୍ୟ ରକ୍ତ ଭଣ୍ଡାରରୁ ରକ୍ତ ଆଣି ଦିଆଯାଉଥିଲା। କିନ୍ତୁ ଗତ ୩ ମାସ ହେଲା ଅନ୍ୟ ରକ୍ତ ଭଣ୍ଡାରରୁ ରକ୍ତ ଆଣିବା ସମ୍ଭବ ହେଉନାହିଁ ବୋଲି ଅନୁଗୁଳ ରକ୍ତଭଣ୍ଡାର ଟେକ୍‌ନିସିଆନ୍ ସନ୍ତୋଷ କୁମାର ସିଂହ କହିଛନ୍ତି। କାରଣ ସବୁ ଅଞ୍ଚଳରେ ସମାନ ଅବସ୍ଥା। ଅନ୍ୟ ରକ୍ତ ଭଣ୍ଡାରରେ ମଧ୍ୟ ରକ୍ତ ଅଭାବ ରହୁଛି। ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସିକିଲ୍‌ସେଲ୍, ଥାଲାସେମିଆ ରୋଗୀଙ୍କ ପାଇଁ ପ୍ରତିଦିନ ୨୦ରୁ ଅଧିକ ୟୁନିଟ୍ ରକ୍ତ ଆବଶ୍ୟକ ପଡୁଛି। ଏଠାରେ ରକ୍ତ ନଥିଲେ ରକ୍ତ ଭଣ୍ଡାର ପକ୍ଷରୁ ନିୟମିତ ରକ୍ତଦାତାମାନଙ୍କୁ ଫୋନ୍‌ରେ ଅନୁରୋଧକରି ଡକାଯାଉଛି। ସେମାନେ ଆସିଲେ ରକ୍ତ ସଂଗ୍ରହକରି ରୋଗୀଙ୍କୁ ଦିଆଯାଉଛି ବୋଲି ଟେକ୍‌ନିସିଆନ୍ ଶ୍ରୀ ସିଂହ ପ୍ରକାଶ କରିଛନ୍ତି। ଶରୀରରେ ରକ୍ତର ଅଭାବ ହେଲେ ରୋଗୀ ବଞ୍ଚିବା କଷ୍ଟକର। ତେଣୁ ରକ୍ତଦାନ ଜୀବନଦାନ ବୋଲି କୁହାଯାଉଛି। ଏ ପରିସ୍ଥିତିରେ ଅଧିକ ରକ୍ତଦାନ ଶିବିର ଆୟୋଜନ ନିମନ୍ତେ ପ୍ରଶାସନ ପକ୍ଷରୁ ଯୁବକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।





# ତାପମାତ୍ରା ବୃଦ୍ଧି ଯୋଗୁଁ ସୁବର୍ଣ୍ଣପୁର ଜିଲ୍ଲାରେ ଜନଜୀବନ ଅସ୍ତବ୍ୟସ୍ତ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସାରା ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ସୁବର୍ଣ୍ଣପୁର ଜିଲ୍ଲାରେ ତାପମାତ୍ରା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ୪୫ ଡିଗ୍ରୀ ଉପରେ ରହୁଛି । ତାପମାତ୍ରା ବୃଦ୍ଧି ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ସକାଳ ୯ଟାରୁ ଘରୁ ବାହାରିବା କଷ୍ଟକର ହୋଇପଡୁଛି । ସୁବର୍ଣ୍ଣପୁର ଜିଲ୍ଲାରେ ପ୍ରତିବର୍ଷ ପ୍ରାକୃତିକ ଜଙ୍ଗଲ ଗୁଡିକର ରକ୍ଷଣାବେକ୍ଷଣ ଓ ନୂତନ ବନୀକରଣ ସାଙ୍ଗକୁ ଅଧିକରୁ ଅଧିକ ମାତ୍ରାରେ ବୃକ୍ଷରୋପଣ କରିବା ଲାଗି ପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କରାଯାଉଛି । କିନ୍ତୁ ଏହା କାଗଜକଲମରେ ସୀମିତ ଥିବା ଅନୁମାନ କରାଯାଉଛି । ଅନ୍ୟପକ୍ଷରେ ପ୍ରତିବର୍ଷ ଜଙ୍ଗଲ କ୍ଷୟ ହେବା ସହ ବିଭିନ୍ନ ସ୍ଥାନରେ କ୍ରସର ସ୍ଥାପନ ହେଉଛି । ବ୍ଲାଷ୍ଟିଂ ହେବା ଫଳରେ ବଡ ବଡ ପାହାଡ଼ ନଷ୍ଟ ହେଉଥିବା ବେଳେ ଜଙ୍ଗଲରେ କାଠ ଚୋରାଚାଲାଣ ଯୋଗୁଁ ପ୍ରତିବର୍ଷ ଜଙ୍ଗଲ ନଷ୍ଟ ହେଉଛି । ଜଙ୍ଗଲ କ୍ଷୟ ଯୋଗୁଁ ଗ୍ରୀଷ୍ମ ଋତୁରେ ତାପମାତ୍ରା ଅହେତୁକ ଭାବରେ ବୃଦ୍ଧିପାଇବା ଯୋଗୁ ଏହାର କୁପରିଣାମ ଜନସାଧାରଣଙ୍କ ଉପରେ ପଡୁଛି । ସୋନପୁର ସହର ଦେଇ ଚିରସ୍ରୋତା ମହାନଦୀ ଓ ତେଲ ନଦୀ ପ୍ରବାହିତ ହୋଇଥିବା ବେଳେ ଏବେ ମହାନଦୀ ଓ ତେଲ ନଦୀ ଶୁଖିଲା ପଡିଛି । ମହାନଦୀ ଶୁଖିଲା ପଡିବା ଯୋଗୁଁ ନଦୀର ବାଲି ଓ ନଦୀ ଭିତରେ ଥିବା ବଡ ବଡ ପଥର ତାତି ତାପମାତ୍ରା ବୃଦ୍ଧି ହେବାରେ ଲାଗିଛି । ପ୍ରବଳ ଖରା ସାଙ୍ଗକୁ ତତଲା ପବନ ପୁରା ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି । ସନ୍ଧ୍ୟା ନହେଲେ ଘରୁ ବାହାରିବା କଷ୍ଟକର ହୋଇପଡୁଛି । ସୋନପୁର ସହର ବର୍ତ୍ତମାନ ବୃକ୍ଷଶୂନ୍ୟ ହୋଇପଡିଛି । ସହରର ପ୍ରମୁଖ ରାସ୍ତା ଗୁଡିକ ପ୍ରଶସ୍ତିକରଣ କରାଯିବା ଯୋଗୁଁ ରାସ୍ତା କଡରେ ଥିବା ବଡ ବଡ ଗଛଗୁଡିକ କାଟି ଦିଆଯାଇଥିଲା । ଗଛ କଟାଯିବା ଉତ୍ତାପ ବୃଦ୍ଧିର କାରଣ ପାଲଟିଛି । ବର୍ତ୍ତମାନ ସମୟ ଆସିଛି, ମହାନଦୀରେ ଖରାଦିନେ ଯେପରି ପାଣି ଭରପୁର ରହିପାରିବ ସେନେଇ ପଦକ୍ଷେପ ନେବା ଏକ ପ୍ରକାର ଜରୁରୀ ହୋଇପଡିଛି । କିଛି ବର୍ଷ ଆଗରୁ ରାଜ୍ୟ ସରକାର ମହାନଦୀ ମିଶନ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ମହାନଦୀ ତଟବର୍ତ୍ତୀ ବୃକ୍ଷ ରୋପଣ କରିଥିଲେ କିନ୍ତୁ ସେସବୁ କାଗଜ କଲମରେ ସୀମିତ । ଏହାସହ ସୋନପୁର ସହରରେ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦିଆଗଲେ ଆଗାମୀ ଦିନରେ ଖରାରୁ ସାମାନ୍ୟ ଆଶ୍ୱସ୍ତି ମିଳିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

## ///////////// କଣ୍ଟାବାଞ୍ଜି ସହରବାସୀଙ୍କ ପାଇଁ ଖୁସିର ଖବର /////////////

# ଶେଷ ପର୍ଯ୍ୟାୟରେ ରେଲୱେର ଦ୍ୱିତୀୟ ଭୂତଳ ପୋଲ କାମ

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

କଣ୍ଟାବାଞ୍ଜି ସହରବାସୀଙ୍କ ପାଇଁ ଖୁସିର ଖବର । କଣ୍ଟାବାଞ୍ଜି ସହରରେ ରେଲୱେର ଦ୍ୱିତୀୟ ଭୂତଳ ପୋଲ କାମ ଶେଷ ପର୍ଯ୍ୟାୟରେ ରହିଛି । କଣ୍ଟାବାଞ୍ଜି ରେଳ ଷ୍ଟେସନକୁ ସହରର ମୁଖ୍ୟ ରାସ୍ତା ଦେଇ ଯାଉଥିବା ରାସ୍ତା ଅନେକ ବର୍ଷ ହେବ ରେଳ ବିଭାଗ ବନ୍ଦ କରିଦେଇଥିଲା ପୂର୍ବରୁ ସେଠାରେ ରେଳ ଫାଟକ ଥିବା ବେଳେ ସମ୍ପୂର୍ଣ୍ଣ ଭାବେ ଫାଟକ ବନ୍ଦ କରାଯାଇଥିଲା । ତେବେ ସେହି ରାସ୍ତା ଦେଇ ଯାଉଥିବା ସହରବାସୀ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା । ପରେ ରେଳ ବିଭାଗ ପକ୍ଷରୁ ପୋଲିସ ଏସଡିପିଓ ଅଫିସ ରାସ୍ତାରେ ଏକ ଭୂପୋଲ ନିର୍ମାଣ କରାଗଲା । ସେହି ଭୂପୋଲରେ କେନ୍ଦ୍ର ସରକାରଙ୍କ ଅନୁଦାନ ଲାଗିଥିବା ବେଳେ ପୂର୍ବତନ ବିଧାୟକ ଆୟୁବ ଖାଁଙ୍କ ପ୍ରଚେଷ୍ଟାରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ମଧ୍ୟ ଅନୁଦାନ ମିଳିଥିଲା । ଏହି ଭୂପୋଲ ହେବା ପରେ ସହରବାସୀଙ୍କୁ କିଛି ଆଶ୍ୱସ୍ତି



ହୋଇଥିଲେ । ତଥାପି ଲୋକଙ୍କୁ ରେଳ ଷ୍ଟେସନ ଯିବାକୁ ହେଲେ ଅଧ କି.ମି. ଅଧିକ ଏହି ଭୁପୋଲ ଦେଇ ଅଧିକ ବାଟ ଯିବାକୁ ପଡୁଥିଲା । ବର୍ତ୍ତମାନ ଆଉ ଲୋକଙ୍କୁ ଅଧିକ ବାଟ ଦେଇ ଯିବାକୁ ପଡିବନାହିଁ । ଦ୍ୱିତୀୟ ଭୂପୋଲ କାମ ଶେଷ ହେବ ଅପେକ୍ଷାରେ ଥିବା ବେଳେ କିଛି ଦିନ ପରେ ଲୋକେ ଏହାକୁ ବ୍ୟବହାର କରିପାରିବେ । ରେଳ ବିଭାଗ ପକ୍ଷରୁ ଯୁଦ୍ଧ କାଳୀନ ଭାବେ କାମ କରାଯାଇଥିବା ବେଳେ ପ୍ରାୟ ୪ ଘଣ୍ଟା ରେଳ ସେବା ବାଧା ପ୍ରାପ୍ତ ହୋଇଥିଲା । ୧୨.୦୭.୨୦୨୩ ତାରିଖରେ ଏହି ଭୂପୋଲ ପାଇଁ ୫ କୋଟି ୧୪ ଲକ୍ଷ ଟଙ୍କା ଅନୁମୋଦନ ହୋଇଥିବା ବେଳେ ଏହି ପ୍ରକଳ୍ପ ପାଇଁ ବଲାଙ୍ଗିର ସାଂସଦ ସଂଗୀତା କୁମାରୀ ସିଂ ଦେଓ, କଣ୍ଟାବାଞ୍ଜି ପୂର୍ବତନ ବିଧାୟକ ଆୟୁବ ଖାଁ, ଡି.ଆର.ୟୁ.ସି.ସିର ସଦସ୍ୟ ରାଜେଶ ଅଗ୍ରୱାଲ, ରେଳ ଉପଭୋକ୍ତା ସଂଘ ଅଧକ୍ଷ ଆଶିଷ ଖଇତାନ ସହ ଅନ୍ୟମାନଙ୍କ ବିଶେଷ ଅବଦାନ ରହିଛି ।

# ଭୁବନରେ ଅଂଶୁଘାତରେ ୨ଜଣଙ୍କ ମୃତ୍ୟୁ ଅଭିଯୋଗ

**ଭୁବନ, ନ୍ୟୁଜ୍ ବ୍ୟୁରୋ**

ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଅସହ୍ୟ ଗୁଳୁଗୁଳି ଯୋଗୁଁ ଭୁବନରେ ୨ ଜଣ ବ୍ୟକ୍ତିଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ପ୍ରାପ୍ତ ଖବରରୁ ପ୍ରକାଶ ଯେ, ଭୁବନ ଏନ୍ଏସି ଅନ୍ତର୍ଗତ ୧ ନମ୍ବର ଓ୍ୱାର୍ଡ ଡାକ ବଙ୍ଗଳା ନିକଟସ୍ଥ ସୁଧାଂଶୁ ଭୂଷଣ ପୃଷ୍ଟି (୫୨) ଗ୍ରୀଷ୍ମ ପ୍ରବାହ କାରଣରୁ ନୂଆ ବଜାରରେ ଅସୁସ୍ଥ ହୋଇପଡ଼ିଥିଲେ । ଚିକିତ୍ସା ପାଇଁ ତାଙ୍କୁ ସଙ୍ଗେ ସଙ୍ଗେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ବେଳେ ଡ଼ାକ୍ତର ମୃତ ଘୋଷଣା କରିଥିଲେ । ଅନୁରୂପ ଭାବେ ଭୁବନ ବ୍ଲକ ଅନ୍ତର୍ଗତ ମଠାଖୋକସା ଗ୍ରାମର କବି ରାଉତ (୩୦) ନିଜ ଘରେ ବସିଥିବା ବେଳେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ କାରଣରୁ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଡାକ୍ତରଖାନାକୁ ଆଣିଥିଲେ । ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ସମ୍ପର୍କରେ ଭୁବନ ଥାନାରେ ଅଭିଯୋଗ କରାଯାଇଛି । ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି ।

# ରାୟଗଡ଼ା ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାରରେ ରକ୍ତ ଅଭାବ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରରେ କିଛିଦିନ ହେଲା ରକ୍ତର ଅଭାବ ଦେଖାଦେଇଛି । ଗ୍ରୀଷ୍ମଋତୁ ହେତୁ ଲୋକମାନେ ରକ୍ତଦାନ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି । ତେଣୁ ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଲାଗିରହିଛି । କେବେ କେଉଁଠି ରକ୍ତଦାନ ଶିବିର ଆୟୋଜିତ ହେଲେ କିଛି ରକ୍ତ ସଂଗ୍ରହ କରାଯାଉଛି । ଅଧିକ ଶିବିର ଆୟୋଜିତ ହେଉନଥିବାରୁ ଭଣ୍ଡାରରେ ଆବଶ୍ୟକ ପରିମାଣ ରକ୍ତ ଗଚ୍ଛିତ ରହିପାରୁନାହିଁ । ଫଳରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ରୋଗୀଙ୍କ ପାଇଁ ରକ୍ତ ନପାଇ ତାଙ୍କ ସମ୍ପର୍କୀୟମାନେ ସମସ୍ୟାରେ ପଡୁଛନ୍ତି । ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରତିଦିନ ଶହ ଶହ ରୋଗୀ ଆସୁଛନ୍ତି । ରାୟଗଡା ଜିଲ୍ଲା ସମେତ ଆଖପାଖ ଜିଲ୍ଲାର ରୋଗୀମାନେ ଉତ୍ତମ ଚିକିତ୍ସା ଆଶାରେ ଏହି ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି । ଏଠାକୁ ଆସୁଥିବା ରୋଗୀଙ୍କ ମଧ୍ୟରୁ ଥାଲାସେମିଆ, ସିକିଲସେଲ୍, ଗର୍ଭବତୀ ମହିଳା, ଦୁର୍ଘଟଣାଗ୍ରସ୍ତ ରୋଗୀମାନଙ୍କ ପାଇଁ ରକ୍ତର ଜରୁରୀ ଆବଶ୍ୟକତା ରହିଛି । ଥାଲାସେମିଆ, ସିକିଲସେଲ୍, ଆନିମିଆରେ ପୀଡ଼ିତ ରୋଗୀମାନେ ପ୍ରତି ମାସରେ ରକ୍ତ ନେବା ଆବଶ୍ୟକ ହୋଇଥାଏ । ସେମାନଙ୍କ ବ୍ୟତୀତ ଅନ୍ୟ ଗୁରୁତର ରୋଗୀଙ୍କ ପାଇଁ ମଧ୍ୟ ରକ୍ତ ଦରକାରପଡୁଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରତିଦିନ ୧୫ରୁ ୨୦ ୟୁନିଟ୍ ରକ୍ତ ଆବଶ୍ୟକ ହେଉଛି । ଗତ କିଛି ମାସ ହେଲା ବିଭିନ୍ନ କାରଣରୁ ରକ୍ତଦାନ ଶିବିର ଆୟୋଜିତ ହୋଇପାରୁନାହିଁ । ତାହା ଭିତରୁ ଏକ ମୁଖ୍ୟ କାରଣ ହେଉଛି ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ । ଏଥିଯୋଗୁଁ ଦୈନିକ ୫ରୁ ୭ ୟୁନିଟ ରକ୍ତ ଆବଶ୍ୟକ । ଥାଲାସେମିଆ, ସିକିଲ୍ସେଲ ରୋଗୀଙ୍କ ପାଇଁ ଯାଉଛି ପ୍ରାୟରୁ ଅଧିକ ୟୁନିଟ୍ । ଗ୍ରୀଷ୍ମ ପ୍ରବାହ ଯୋଗୁଁ କମିଛି ରକ୍ତଦାନ ଶିବିର । ଲୋକମାନେ ରକ୍ତଦାନ କରିବା ପାଇଁ ଆଗ୍ରହୀ ହେଉନାହାନ୍ତି । ଗତବର୍ଷ ଗ୍ରୀଷ୍ମଋତୁ ଠାରୁ କମ୍ ରକ୍ତ ଚଳିତବର୍ଷ ଗ୍ରୀଷ୍ମଋତୁରେ ସଂଗ୍ରହ ହୋଇଛି । ରୋଗୀ ବେଡ୍ରେ ପଡ଼ିଥିବାବେଳେ ତାଙ୍କ ସମ୍ପର୍କୀୟ ରକ୍ତ ଭଣ୍ଡାର ସାମ୍ନାରେ ଘଣ୍ଟା ଘଣ୍ଟା ଅପେକ୍ଷା କରି ରହୁଛନ୍ତି । କାହାକୁ ବହୁ କଷ୍ଟରେ ରକ୍ତ ମିଳୁଛି ତ କାହାକୁ ନାହିଁ । କେହି ନିଜଆଡୁ ରକ୍ତଦାତା ଆଣି ରକ୍ତ ବିନିମୟ ଚାହିଁଲେ ବି ଆବଶ୍ୟକ ଗ୍ରୁପ୍ର ରକ୍ତ ମିଳିବା କଷ୍ଟକର ହେଉଛି । ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସିକିଲ୍ସେଲ୍, ଥାଲାସେମିଆ ରୋଗୀଙ୍କ ପାଇଁ ପ୍ରତିଦିନ ୫ରୁ ୭ ରୁ ଅଧିକ ୟୁନିଟ୍ ରକ୍ତ ଆବଶ୍ୟକ ପଡୁଛି । ଏଠାରେ ରକ୍ତ ନଥିଲେ ରକ୍ତ ଭଣ୍ଡାର ପକ୍ଷରୁ ନିୟମିତ ରକ୍ତଦାତାମାନଙ୍କୁ ଫୋନ୍ରେ ଅନୁରୋଧକରି ଡକାଯାଉଛି । ସେମାନେ ଆସିଲେ ରକ୍ତ ସଂଗ୍ରହକରି ରୋଗୀଙ୍କୁ ଦିଆଯାଉଛି ବୋଲି ରକ୍ତ ଭଣ୍ଡାର କର୍ମଚାରୀ ପ୍ରକାଶ କରିଛନ୍ତି । ଶରୀରରେ ରକ୍ତର ଅଭାବ ହେଲେ ରୋଗୀ ବଞ୍ଚିବା କଷ୍ଟକର ତେଣୁ ରକ୍ତଦାନ ଜୀବନଦାନ ବୋଲି କୁହାଯାଉଛି । ଏ ପରିସ୍ଥିତିରେ ଅଧିକ ରକ୍ତଦାନ ଶିବିର ଆୟୋଜନ ନିମନ୍ତେ ପ୍ରଶାସନ ପକ୍ଷରୁ ପତ୍ର ମାଧ୍ୟମରେ ଏବଂ ସାମାଜିକ ଗଣମାଧ୍ୟମ ଜରିଆରେ ଯୁବ ଗୋଷ୍ଠୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଓ ସରକାରୀ କର୍ମଚାରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ଏବଂ ଜିଲ୍ଲାର ଯେଉଁମାନେ ନିୟମିତ ରକ୍ତଦାତା ଅଛନ୍ତି ସେମାନଙ୍କୁ ରକ୍ତଦାନ କରିବାର ୩ ମାସ ମଧ୍ୟରେ ପୁଣି ସେମାନଙ୍କୁ ସେମାନଙ୍କ ମୋବାଇଲ ନମ୍ବରକୁ ମେସେଜ୍ ମାଧ୍ୟମରେ ପୁଣି ଥରେ ରକ୍ତଦାନ ପାଇଁ ଚେତେଇବା ଆବଶ୍ୟକ ରହିଛି । ଏହାଦ୍ୱାରା ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ରକ୍ତର ସଙ୍କଟ ଆଉ ରହିବନାହିଁ ଏବଂ ରକ୍ତ ଅଭାବରେ କୌଣସି ରୋଗୀଙ୍କ ମୃତ୍ୟୁ ହେବନାହିଁ ବୋଲି ରୋଗୀମାନଙ୍କ ସମ୍ପର୍କୀୟ ମାନେ ମତ ପ୍ରକାଶ କରିଛନ୍ତି ।

# ସୋଆରେ ବିଶ୍ୱ ତମାଖୁ ମୁକ୍ତ ଦିବସ ପାଳିତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବିଶ୍ୱ ତମାଖୁ ମୁକ୍ତ ଦିବସ ଅବସରରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ ସାଇନ୍ସେସ୍ (ଆଇଡିଏସ୍)ର ପବ୍ଲିକ୍ ହେଲ୍ଥ ଡେଣ୍ଟିଷ୍ଟ୍ରି ବିଭାଗ ପକ୍ଷରୁ ସଫେଇ କର୍ମଚାରୀଙ୍କ ନିମନ୍ତେ ତମାଖୁ ବର୍ଜନ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ଅବସରରେ ଦନ୍ତ ଚିକିତ୍ସକମାନେ ଉଭୟ ଧୂମ୍ର ପାନ ଓ ଧୂମ୍ର ବିହୀନ ତମାଖୁର ଭୟାବହତା ସମ୍ପର୍କରେ ସଚେତନ କରାଇବା ସହ ଏଥିରୁ କିଭଳି ନିବୃତ ରହିପାରିବେ ସେ ନେଇ ଉପାୟ ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ । ସୋଆରେ କାର୍ଯ୍ୟରତ ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ସଫେଇ କର୍ମଚାରୀମାନେ ଏହି ଅବସରରେ




ଉପସ୍ଥିତ ରହି ପରାମର୍ଶ ଗ୍ରହଣ କରିଥିଲେ । ତମାଖୁ ସେବନ ଦ୍ୱାରା କିଭଳି ମୁଖ କର୍କଟ, ଯକୃତ କର୍କଟ, ଫୁସ୍ଫୁସ୍ କର୍କଟ, ପାକସ୍ଥଳୀ କର୍କଟ ଓ ପ୍ରଜନନ ଅଙ୍ଗ କର୍କଟରେ ଲୋକମାନେ ଆକ୍ରାନ୍ତ ହେଉଛନ୍ତି ସେ ନେଇ ଡାକ୍ତରମାନେ ଏହି ସଫେଇ କର୍ମଚାରୀମାନଙ୍କୁ ବୁଝାଇଥିଲେ । ସଫେଇ କର୍ମଚାରୀମାନଙ୍କ କ୍ଷେତ୍ରରେ ତମାଖୁ ସେବନର ମାତ୍ରା ଅଧିକ ଦେଖା ଦେଉଥିବାରୁ ସେମାନଙ୍କୁ କିଭଳି ସଚେତନ କରାଯାଇପାରିବ ତାହା ହିଁ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଛନ୍ତି । ଆଇଡିଏସ୍ର ପବ୍ଲିକ୍ ହେଲ୍ଥ ଡେଣ୍ଟିଷ୍ଟ୍ରି ବିଭାଗର ଆସୋସିଏଟ୍ ପ୍ରଫେସର (ଡାକ୍ତର) ରାଧା ପ୍ରସନ୍ନ ଦଳାଇ । ଏହି ଅବସରରେ ଆଇଡିଏସ୍ର ଡିନ୍ ପ୍ରଫେସର (ଡାକ୍ତର) ନୀତା ମହାନ୍ତି, ପବ୍ଲିକ ହେଲ୍ଥ ଡେଣ୍ଟିଷ୍ଟ୍ରି ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ଧର୍ମଶ୍ରୀ ଏସ୍ ଓ ଅନ୍ୟ ବିଭାଗୀୟ ଡାକ୍ତରମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଆଇଡିଏସ୍ର ଛାତ୍ରଛାତ୍ରୀମାନେ ସଚେତନ କରାଇବା ସହ ନାଟକ ମାଧ୍ୟମରେ ତମାଖୁ ସେବନର ଭୟାଭୟତା ବଖାଣି ଥିଲେ ।

# ପୋଖରୀରୁ ଜଣେ ବ୍ୟକ୍ତିଙ୍କ ଶବ ଉଦ୍ଧାର:ହତ୍ୟା ସନ୍ଦେହ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

କୁନ୍ଦେଇ ଥାନା ସୋନାରପାରା ଗାଁ ପୋଖରୀରୁ ଏକ ଶବ ଉଦ୍ଧାର ଘଟଣାକୁ ନେଇ ଗାଁରେ ଉତ୍ତେଜନା ଦେଖାଦେଇଛି । ମୃତକ ହେଲେ ଭଅଁରଲାଲ ତୋରାମ (୫୫) । ଶବ ଦେହର ବିଭିନ୍ନ ସ୍ଥାନରେ ଆଘାତ ଚିହ୍ନ ଥିବାରୁ ଗ୍ରାମବାସୀ ହତ୍ୟା ସନ୍ଦେହ କରିଛନ୍ତି । ଖବରପାଇ ପୁଲିସ ସେଠାରେ ପହଞ୍ଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବାକୁ ଉଦ୍ୟମ କରୁଥିବା ବେଳେ ପରିବାର ଓ ଗ୍ରାମବାସୀ ପୁଲିସକୁ ଅଟକ ରଖିଥିଲେ । ଏଥିସହ ଶବ ନେବା ପାଇଁ ଆସିଥିବା ମହାପ୍ରୟାଣ ଗାଡିକୁ ମଧ୍ୟ ଗାଁ ଲୋକେ ଛାଡି ନଥିଲେ । ହତ୍ୟାକାରୀକୁ ତୁରନ୍ତ ଗିରଫ କରିବା ପରେ ବ୍ୟବଚ୍ଛେଦ କରିବାକୁ ଦିଆଯିବ ବୋଲି ଗ୍ରାମବାସୀ ଅଡି ବସିଥିଲେ । କୁନ୍ଦେଇ ଅଭିଯୁକ୍ତକୁ ଧରିବା ଦାବିରେ ଥାନା ଅଧିକାରୀ ପ୍ରଶାନ୍ତ ସେଠୀ, ରାଇଘର ଥାନାଧିକାରୀ ରଘୁନାଥ ମାଝୀଙ୍କ ସମେତ ୧୨ଜଣ ପୁଲିସ କର୍ମଚାରୀ ଉପସ୍ଥିତ ରହି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ନିଜ ଜିଦ୍ରେ ଗ୍ରାମବାସୀ ଅଟଳଥିଲେ । ସୂଚନାଯୋଗ୍ୟ ଯେ, ସୋନାରପାରା ଗାଁର ଭଅଁରଲାଲ ତୋରାମ ଦୀର୍ଘ ୨୦ ବର୍ଷ ହେଲା ଛତିଶଗଡ଼ କାଙ୍କେର ଠାରେ ନିଜ ପରିବାର ସହିତ ରହିଆସୁଛନ୍ତି । କିନ୍ତୁ ତାଙ୍କ ଅନ୍ୟ ୬ ଭାଇ ଗାଁରେ ରହୁଛନ୍ତି । ଜମି ଭାଗବଣ୍ଟା ପାଇଁ ଭାଇମାନେ ଭଅଁରଲାଲଙ୍କୁ ଗାଁକୁ ଡାକିଥିଲେ । ଗତ ରବିବାର ଭଅଁରଲାଲ ସପରିବାର ଗାଁକୁ ଆସିଥିଲେ । ମଙ୍ଗଳବାର ଭଅଁରଲାଲଙ୍କ ସମେତ ୭ ଭାଇ ରାଇଘର ତହସିଲ ଅଫିସ୍କୁ ଯାଇ ଗାଁକୁ ଫେରିଥିଲେ । ଦୀର୍ଘଦିନ ପରେ ଗାଁକୁ ଫେରିଥିବାରୁ ବୁଧବାର ଭଅଁରଲାଲ ତାଙ୍କ ସାଙ୍ଗ ବଂଶୀ କେଉଁଟଙ୍କ ଘରକୁ ତାଙ୍କ ସ୍ତ୍ରୀ ରାମେଶ୍ୱରୀ ହାଲା ଓ ୫ ବର୍ଷର ପୁଅକୁ ନେଇ ଯାଇଥିଲେ । ବଂଶୀଙ୍କ ଘରେ କିଛି



ସମୟ ରହିବା ପରେ ସ୍ତ୍ରୀ ରାମେଶ୍ୱରୀ ଘରକୁ ଫେରିଯିବାକୁ କହିଥିଲେ । ହେଲେ ପରେ ଯିବେ କହି ସ୍ତ୍ରୀ ଓ ପୁଅକୁ ଘରକୁ ପଠାଇ ଦେଇଥିଲେ । ହେଲେ ରାତିରେ ସେ ଆଉ ଘରକୁ ଫେରି ନଥିଲେ । ଗୁରୁବାର ସକାଳେ ତାଙ୍କ ଶବ ଗାଁ ପୋଖରୀରେ ଭାସୁଥିବା ଦେଖି ପୁଲିସକୁ ଖବର ଦିଆଯାଇଥିଲା । ରାତି ପ୍ରାୟ ୧ଟା ସମୟରେ ମୃତ ଶରୀର ବ୍ୟବଚ୍ଛେଦ ପାଇଁ ଆଣିବାରେ ସଫଳ ହୋଇଥିଲା ପୋଲିସ । ଏଥିପାଇଁ ନବରଙ୍ଗପୁରରୁ ଏକ ପ୍ଲାଟୁନ୍ ଫୋର୍ସ ଆସିବା ସହ ଉମରକୋଟ ଥାନା ଅଧିକାରୀଙ୍କ ସହ ଏକ ଟିମ୍ ଏବଂ ରାଇଘର ଥାନା ଅଧିକାରୀଙ୍କ ସହ ଏକ ଟିମ୍ ଘଟଣା ସ୍ଥଳରେ ଉପସ୍ଥିତ ଥିଲେ । ସକାଳୁ ଡଗ୍ ସ୍କ୍ୱାର୍ଡ ଏବଂ ସାଇଣ୍ଟିଫିକ୍ ଟିମ୍ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ ସାରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା ପୋଲିସ ।

# ପ୍ରତିବର୍ଷ ବିଶ୍ୱରେ ତମାଖୁ ସେବନ କରି ୭ ମିଲିୟନ୍ ଲୋକ ମରୁଛନ୍ତି

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

ମେ' ୩୧ ବିଶ୍ୱ ତମ୍ବାଖୁ ବର୍ଜନ ଦିବସ ପାଳନ କରାଯାଉଛି । ଡବ୍ଲୁଏଚଓର ସର୍ବେକ୍ଷଣ ରିପୋର୍ଟ କହୁଛି ପ୍ରତିବର୍ଷ ବିଶ୍ୱରେ ୭ ମିଲିୟନ ଲୋକେ ତମାଖୁ ସେବନ କରି ମୃତ୍ୟୁମୁଖରେ ପଡୁଛନ୍ତି । ଜାତୀୟ ସ୍ତରରେ ତମ୍ବାଖୁ ବର୍ଜନକୁ ନେଇ ବ୍ୟାପକ ସଚେତନତା କରିବା ପାଇଁ ଗତ ୨୦୦୩ରେ କଟପା ଆଇନ୍ ଲାଗୁ କରାଯାଇଥିଲା । ଏହି ଆଇନ୍ ଦ୍ୱାରା ତମ୍ବାଖୁ ପ୍ରସ୍ତୁତକାରୀ ସଂସ୍ଥା କିମ୍ବା ବ୍ୟକ୍ତି, ବିକ୍ରେତା ଓ ଷ୍ଟକିଷ୍ଟ ନାମରେ ମାମଲା ରୁଜୁ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବା ମାତ୍ର ତମ୍ବାଖୁ ସେବନ ରୋକାଯିବା ନେଇ ପ୍ରଶାସନ ପକ୍ଷରୁ ଆଖିଦୃଶିଆ ସଚେତନତା କାର୍ଯ୍ୟକ୍ରମ କରାଯାଉନାହିଁ । ତମ୍ବାଖୁ ବିକ୍ରେତା ଓ ଷ୍ଟକିଷ୍ଟ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ । ଉକ୍ତ ଆଇନ୍କୁ ଗତ ୨୦୧୩ରେ ରାଜ୍ୟ ସରକାର କଡାକଡି ଭାବେ ଲାଗୁ କରିଥିଲେ । ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯିବା ସହ ଜିଲ୍ଲାରେ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ ନିଷ୍ପତି ହୋଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନେତୃତ୍ୱରେ ଜିଲ୍ଲା ଫୁଡ ଇନ୍ସ୍ପେକ୍ଟର ଡ୍ରଗ୍ ଇନ୍ସ୍ପେକ୍ଟରଙ୍କ ସମେତ ମାଜିଷ୍ଟ୍ରେଟ୍ ଟାସ୍କଫୋର୍ସରେ ରହିବେ ବୋଲି କୁହାଯାଇଥିଲା । ସବ୍ ଇନ୍ସ୍ପେକ୍ଟର ପାହ୍ୟାର ପୁଲିସ ଅଧିକାରୀ ଏହି ଟିମ୍କୁ ଚଢଉରେ ସହଯୋଗ କରିବେ ବୋଲି କୁହାଯାଇଥିଲା । ମାତ୍ର ଏବେବି ରାଜ୍ୟର ପ୍ରାୟତଃ ଜିଲ୍ଲାରେ ଏହି ତମ୍ବାଖୁ ବର୍ଜନ ସକାଶେ ଟାସ୍କଫୋର୍ସ ଗଠନରେ ସରକାର ସଫଳ ହୋଇପାରିନାହାନ୍ତି । ତମ୍ବାଖୁ ବିକ୍ରେତା, ଷ୍ଟକିଷ୍ଟ ବିରୋଧରେ କାର୍ଯ୍ୟାନୁଷ୍ଠାନ ସବୁ କିଛି ନାଲି ଫିତା ତଳେ ଚାପି ହୋଇରହିଯାଇଛି । ବର୍ତ୍ତମାନ ରାଜ୍ୟ ବ୍ୟାପି ଏହି ଆଇନ୍ ଏକ ପ୍ରହସନ ହୋଇଥିବା ବେଳେ ସର୍ବସାଧାରଣରେ ବେଧଡ଼କ ତମ୍ବାଖୁ ସେବନ ଓ ଧୂମପାନ ଲୋକଙ୍କ ଏକ ଅଭ୍ୟାସରେ ପରିଣତ ହେଲାଣି । ପ୍ରାରମ୍ଭରେ କିଛି ସୁଧାର ହେବା ନେଇ ସମ୍ଭାବନା ଦେଖାଯାଇଥିଲା । ମାତ୍ର ଟାସ୍କଫୋର୍ସ ଗଠନ ଓ ଏହାର କାର୍ଯ୍ୟକାରିତାରେ ବ୍ୟତିକ୍ରମ ହେବାରୁ ସେ ଆଶା ମଧ୍ୟ ମଉଳି ଯାଇଛି । ପୂର୍ବ ଅପେକ୍ଷା ତମ୍ବାଖୁ ବିକ୍ରେତା ଅଧିକ ଖୋଲାଖୋଲି ଭାବେ ବିକ୍ରି ହେବା ସହ ଦାମ୍ ମଧ୍ୟ ଅଧିକ ବଢିଯାଇଛି । ତମ୍ବାଖୁ ପ୍ରସ୍ତୁତକାରୀ ସଂସ୍ଥା ତମ୍ବାଖୁ ବର୍ଜନ ଆଇନ୍ ଲାଗୁ ହୋଇଥିବା ଆଳରେ ଅଧିକ ଦାମ୍ରେ ଚୋରାରେ ବିକ୍ରି ଆରମ୍ଭ କରିଥିଲେ । ଏବେ ସବୁ ଖୋଲାରେ ଚାଲିଛି । ରାଜ୍ୟବ୍ୟାପି ତମ୍ବାଖୁ ଗୁଟ୍ଖା ବିକ୍ରି ଆକଳନ କରାଗଲେ ଢେର ଗୁଣ ଅଧିକ ବଢିଥିବ । ଏହା ସ୍ପଷ୍ଟ ଭାବେ କୁହାଯାଇପାରେ । ଏହା ଦ୍ୱାରା ଲୋକେ ବହୁ ସଂଖ୍ୟାରେ ମୁଖ କର୍କଟ ଓ ଅନ୍ୟାନ୍ୟ ମାରାତ୍ମକ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏହା କାହାରିକୁ ଲୁଚାଛପା ନାହିଁ । ମାତ୍ର ସ୍କୁଲ ପଢୁଥିବା ପିଲାଙ୍କ ଠାରୁ ଆରମ୍ଭ କରି ବରିଷ୍ଠ ପର୍ଯ୍ୟନ୍ତ ସମସ୍ତେ ଏବେ ଏହି ତମ୍ବାଖୁ ବା ଗୁଟ୍ଖାର ବଶବର୍ତ୍ତୀ ହୋଇସାରିଛନ୍ତି । ସ୍କୁଲ କଲେଜ ବା ଶିକ୍ଷାନୁଷ୍ଠାନ ଗୁଡିକରେ ମଧ୍ୟ ଗୁଟ୍ଖା, ସିଗାରେଟ୍ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ବିକ୍ରି କରାଯାଉଛି । ଅଞ୍ଚଳରେ ବାହାରୁଥିବା ଅଳିଆ ଆବର୍ଜନାର ଏକ ତୃତୀୟାଂଶ ଗୁଟ୍ଖା ଓ ସିଗାରେଟ୍ ପ୍ୟାକେଟ୍ରୁ ଏହା ସ୍ପଷ୍ଟ ଅନୁମେୟ । କଣ୍ଟାବାଞ୍ଜି ସହର ଓ ଏହା ଆଖପାଖ ଅଞ୍ଚଳରେ ବେଧଡକ ଗୁଟ୍ଖା ବିକ୍ରୀ ହେଉଛି । ପୋଲିସ କି ଜିଲ୍ଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବା ଦୂର କଥା, କଣ୍ଟାବାଞ୍ଜି ତହସିଲ ଅଫିସ ସାମ୍ନା, କଣ୍ଟାବାଞ୍ଜି ପୋଲିସ ଥାନା ସମ୍ମୁଖରେ, କଣ୍ଟାବାଞ୍ଜି ଡାକ୍ତରଖାନା ସମ୍ମୁଖରେ, ଏନଏସି ଅଫିସ୍, ସମ୍ମୁଖରେ ଖୁଲମଖୁଲା ବିକ୍ରୀ ହେଉଛି । ଗୁଟ୍ଖା ନିଜେ କିଣି ଖାଉଥିବା କିଛି କର୍ମଚାରୀ ନଜିର ରହିଛି, ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ପଶ୍ଚିମବଙ୍ଗଲ, ମଧ୍ୟପ୍ରଦେଶ, ଦିଲ୍ଲୀରୁ ବେଆଇନ୍ ଭାବେ କଣ୍ଟାବାଞ୍ଜିରେ ଗୁଟ୍ଖା ଆସୁଛି ଓ ପୁରା ରାଜ୍ୟରେ ବେଆଇନ୍ ବିକ୍ରୀ ପାଇଁ ହୋଲ୍ସେଲ୍ କରାଯାଉଛି ।



## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୧ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୫, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୭ଙ୍କ

**ତା୨।୬।୨୦୨୪, ଜ୍ୟେଷ୍ଠ ଦି୨୦ନ, ରବିବାର**

**ସୂର୍ଯ୍ୟୋଦୟ- ଘ୦୫।୭।୨୮ ଚନ୍ଦ୍ରୋଦୟ- ରାଘ ୨।୧୪।୦୭**

ଏକାଦଶୀ- ରାଘ ୨।୪୧ ପର୍ଯ୍ୟନ୍ତ । ରେବତୀ ନକ୍ଷତ୍ର ଓ ମୀନ ଚନ୍ଦ୍ର – ରାଘ ୧।୪୦ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି -** ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର । ରାଘ ୧।୪୦ ଗତେ ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର ଓ କୁମ୍ଭ ରାଶିର । **ଘାତଚନ୍ଦ୍ର-** ଧନୁ ରାଶିର । ରାଘ ୧।୪୦ ଗତେ ମେଷ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ ରାଘ ୨।୪୧ ପରେ ପୋଇ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୫୪ ଗତେ ଦିଘ ୯।୩୩ ମଧ୍ୟେ । ଦିଘ ୧।୨୩ ଗତେ ଘ ୨।୪୮ ମଧ୍ୟେ । **ପର୍ବୋତ୍ସବ –** ଅପରା ବା ଜଳକ୍ରୀଡ଼ା ଏକାଦଶୀ (ସ୍ମାର୍ତ୍ତ)



**ମେଷ:** ଶତ୍ରୁ ନାଶ ହେବେ । ଶାରୀରିକ ପୀଡ଼ା ଦେଖାଦେଇପାରେ । ଜନସେବା ପ୍ରତି ମନ ବଳିବ । ଗୃହେ ସାମାନ୍ୟ ଦ୍ୱନ୍ଦ୍ୱ ଦେଖାଦେଇପାରେ । ଆୟ ଯୋଗ ରହିଛି । ମାନସିକ ଶାନ୍ତି କ୍ଷୟ ହେବାର ସୂଚନା ।



**ବୃଷ:** ସତ୍ ମାର୍ଗରେ ପରିଚାଳିତ ହେବେ । ମାଙ୍ଗଳିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି । ବିବାଦୀୟ ଘଟଣାରେ ବିଜୟୀ ହେବେ । ଆର୍ଥିକ ସ୍ଥିତିରେ ହଠାତ୍ ପରିବର୍ତ୍ତନ ଘଟିପାରେ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।



**ମିଥୁନ:** ଅତୀତ ଘଟଣାକୁ କେନ୍ଦ୍ର କରି ବିବାଦ ଘେରରେ ପଡ଼ିପାରନ୍ତି । ବ୍ୟବସାୟରେ ଲାଭବାନ୍ ହେବେ । ମୂଲ୍ୟବାନ୍ ଦ୍ରବ୍ୟ ଲାଭ ହୋଇପାରେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ରୋଜଗାର ଭଲ ହେବ ।



**କର୍କଟ:** ଆଜି ଆପଣଙ୍କର ଦେବ ଦର୍ଶନ ସହିତ ସେବା ପୂଜାର ମଧ୍ୟ ସୁଯୋଗ ରହିଛି । ବନ୍ଧୁଙ୍କ ସହ ମତାନ୍ତର ଘଟିପାରେ । ପାରିବାରିକ ସୁଖ ଶାନ୍ତି ଲାଭ ହେବ । ରୋଜଗାର ଭଲ ହେବ । ଦେହ ଭଲ ରହିବ ।



**ସିଂହ:** ଆଜି ଆପଣଙ୍କର ଆୟ ଯୋଗ ରହିଛି । ବହୁ ପ୍ରତୀକ୍ଷିତ ଖବର ଆପଣଙ୍କୁ ମିଳିପାରେ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଆନନ୍ଦ ଦେଖାଦେବ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବାର ସୂଚନା ।



**କନ୍ୟା:** କର୍ମକ୍ଷେତ୍ରରେ ସଫଳତା ଦେଖାଦେବ । ମନରେ ଆନନ୍ଦ । ରୋଜଗାର ଭଲ ହେବ । ଗୃହେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ବନ୍ଧୁଙ୍କ ସହଯୋଗ ଲାଭ ହେବ । ପିଲାମାନେ ପଢ଼ାପଢ଼ିରେ ଆଗେଇବାର ସୂଚନା ମଧ୍ୟ ।



**ତୁଳା:** ଅନ୍ୟମନସ୍କ ହେତୁ କୌଣସି କାର୍ଯ୍ର କରି ଅନୁତାପ କରିବେ । ରୋଜଗାରରେ ଉନ୍ନତି କରିବେ । ଦେହ ଓ ମନ ଭଲ ରହିବ । ମାଲିମୋକଦ୍ଦମାରେ ସଫଳତା ଦେଖାଦେବ । ଗୃହେ ଆନନ୍ଦ ।



**ବିଛା:** ପରୋପକାର କରି ପ୍ରଶଂସିତ ହେବେ । ଭ୍ରମଣ ମଧ୍ୟ କରିପାରନ୍ତି । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ଠକ ଲୋକଙ୍କ ଠାରୁ ଦୂରେଇ ରୁହନ୍ତୁ । ବ୍ୟୟ ଯୋଗ ମଧ୍ୟ ରହିଛି । ଦେହ ଭଲ ରହିବ ।



**ଧନୁ:** ନିଜର ଅନିଚ୍ଛା ସତ୍ତ୍ୱେ ଦୂରକୁ ଯାତ୍ରା କରିବେ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ଅସଫଳ ହେବ । ଶୁଭ କାର୍ଯ୍ୟ କରିପାରନ୍ତି । ଘରେ ଦ୍ୱନ୍ଦ୍ୱ ଦେଖାଦେବାର ସୂଚନା ।



**ମକର:** କାର୍ଯ୍ୟକ୍ଷେତ୍ରରେ ସଫଳତା ଦେଖାଦେବ । ଅପ୍ରିୟ ସତ କହି ବନ୍ଧୁଙ୍କ ପାଖରେ ବିରୋଧୀ ହେବେ । ଶରୀର ସୁସ୍ଥ ରହିବ । ରୋଜଗାର ଭଲ ହେବ । ପାରିବାରିକ ଜୀବନ ସୁଖମୟ ହେବ । ମହିଳାମାନେ ସୁଖୀ ହେବେ ।



**କୁମ୍ଭ:** ଆଜି ଆପଣଙ୍କର ଦିନଟି ଆମୋଦ ଓ ପ୍ରମୋଦରେ କଟିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଚଞ୍ଚଳମନା ହେବେ । କଚେରି ମାମଲାରେ ଶୁଣାଣି ବିଳମ୍ବ ହୋଇପାରେ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ ।



**ମୀନ:** ଶରୀର ସୁସ୍ଥ ରହିବ । ଉତ୍ତମ ଭୋଜନ ମିଳିପାରେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ପିଲାମାନେ ପାଠ ପଢ଼ାରେ ପଛେଇବେ । ରୋଜଗାର ଭଲ ହେବ । ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ ।

# ନିଶା ବିସ୍କୁଟ ଖୁଆଇ ଶିଶୁ ଚୋରି ଉଦ୍ୟମ ଅଭିଯୋଗ:ମହିଳା ଗିରଫ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ନିଶା ବିସ୍କୁଟ ଖୁଆଇ ଲୋଚାପଡା ଖ୍ରୀଷ୍ଟିଆନ ସାହିରୁ ଜଣେ ଶିଶୁଙ୍କୁ ଚୋରି ଉଦ୍ୟମ କରିବା ଅଭିଯୋଗରେ ନିମଖଣ୍ଡି ଥାନା ପୁଲିସ ଜଣେ ମହିଳାଙ୍କୁ ଗିରଫ କରିଛି । ଅଭିଯୁକ୍ତ ମହିଳା ଜଣକ ହେଲେ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ତାରାତାରିଣୀ ଛକ କେଉଟ ସାହିର ବର୍ଷା ବେହେରା ବୋଲି ସୂଚନା ମିଳିଛି ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୧ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୫, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୭ଙ୍କ

**ତା୩।୬।୨୦୨୪, ଜ୍ୟେଷ୍ଠ ଦି୨୧ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୦୫।୭।୨୪ ଚନ୍ଦ୍ରୋଦୟ- ରାଘ ୨।୫୫।୦୬**

ଦ୍ୱାଦଶୀ- ରାଘ ୧୨।୧୯ ପର୍ଯ୍ୟନ୍ତ । ଅଶ୍ୱିନୀ ନକ୍ଷତ୍ର- ରାଘ ୧୨।୦୫ ପର୍ଯ୍ୟନ୍ତ । ମେଷ ଚନ୍ଦ୍ର- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି -** ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର ଓ କୁମ୍ଭ ରାଶିର । **ଘାତଚନ୍ଦ୍ର-** ମେଷ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇ ରାଘ ୧୨।୧୯ ପରେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୧ ଗତେ ଘ ୧୦।୨୬ ମଧ୍ୟେ । ରାଘ ୯।୧୨ ଗତେ ଘ ୧୦।୨୬ ମଧ୍ୟେ । **ପର୍ବୋତ୍ସବ –** ବୈଷ୍ଣବ ସମ୍ମତ ଏକାଦଶୀ ।

30 YEARS
ସମ୍ବାଦ କଳିକା

# ଭାରତର ଜିଡିପି ହାର ୭.୭ ପ୍ରତିଶତରୁ ୬.୭ ପ୍ରତିଶତକୁ କମିଯିବ

ବ୍ରିଟେନକୁ ପଛରେ ପକାଇ ଭାରତ ବିଶ୍ୱର ପଞ୍ଚମ ବୃହତ ଅର୍ଥନୀତିରେ ପରିଣତ ହୋଇଥିବା ରିପୋର୍ଟ ଆସିଥିଲା । ଏହାକୁ ନେଇ ଦେଶବାସୀଙ୍କ ମଧ୍ୟରେ ଖୁସି ଦେଖାଦେଇଥିବାବେଳେ ପୁଣି ଆଉ ଏକ ଆଶାଜନକ ଖବର ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ଗବେଷଣା ରିପୋର୍ଟରୁ ଜଣାଯାଇଛି। ରିପୋର୍ଟ ଅନୁସାରେ ୨୦୨୭ ମସିହା ସୁଦ୍ଧା ଭାରତ ବିଶ୍ୱର ଚତୁର୍ଥ ବୃହତ ଏବଂ ୨୦୨୯ ସୁଦ୍ଧା ବିଶ୍ୱର ତୃତୀୟ ବୃହତ ଅର୍ଥନୀତିରେ ପରିଣତ ହେବ। ଅର୍ଥାତ ୩ ବର୍ଷ ମଧ୍ୟରେ ଭାରତ ଜର୍ମାନୀକୁ ଏବଂ ୫ ବର୍ଷ ମଧ୍ୟରେ ଜାପାନକୁ ପଛକୁ ଠେଲି ଭାରତ ଏହି ସ୍ଥାନ ଦଖଲ କରିବ । ବର୍ତ୍ତମାନର ଅଭିବୃଦ୍ଧି ହାରରେ ଭାରତ ଏହି ସଫଳତା ପାଇବ ।

୨୦୧୪ ମସିହାରୁ ଭାରତ ଯେଉଁ ପଥ ଅନୁସରଣ କରିଛି ତାହାଦ୍ୱାରା ୨୦୨୯ ସୁଦ୍ଧା ଭାରତ ବିଶ୍ୱର ତୃତୀୟ ବୃହତ ଅର୍ଥନୀତିରେ ପରିଣତ ହେବ ଅର୍ଥାତ ୨୦୧୪ରୁ ୨୦୧୯ ମଧ୍ୟରେ ଭାରତ ୭ଟି ସ୍ଥାନ ଉପରକୁ ଉଠିବ। ୨୦୧୪ରେ ଭାରତ ବିଶ୍ୱର ଦଶମ ବୃହତ ଅର୍ଥନୀତି ଥିବାବେଳେ ବର୍ତ୍ତମାନ ସୁଦ୍ଧା ପଞ୍ଚମ ବୃହତ ଅର୍ଥନୀତିରେ ପରିଣତ ହୋଇଛି । ୨୦୨୯ ସୁଦ୍ଧା ତୃତୀୟ ବୃହଦ୍ ଅର୍ଥନୀତିରେ ପରିଣତ ହେବା ଏକ ଉଲ୍ଲେଖନୀୟ ସଫଳତା ବୋଲି ଏସ୍‌ବିଆଇ ଗ୍ରୁପ୍‌ର ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ସୌମ୍ୟ କାନ୍ତି ଘୋଷ କହିଛନ୍ତି ।

ଚଳିତ ଆର୍ଥିକ ବର୍ଷର ପ୍ରଥମ ତିନିମାସରେ ଭାରତର ଜିଡିପି ଅଭିବୃଦ୍ଧି ୧୩.୫ ପ୍ରତିଶତ ରହିଛି । ଏହି ହାରରେ ଭାରତ ଚଳିତ ଆର୍ଥିକ ବର୍ଷରେ ବିଶ୍ୱର ସର୍ବାଧିକ ଅଭିବୃଦ୍ଧି ହାସଲକାରୀ ଦେଶରେ ପରିଣତ ହେବ । ଯଦିଓ ଚଳିତ ଆର୍ଥିକ ବର୍ଷରେ ଭାରତର ଜିଡିପି ହାର ୭.୭ ପ୍ରତିଶତରୁ ୬.୭ ପ୍ରତିଶତକୁ କମିଯିବ ବୋଲି ଆକଳନ କରାଯାଇଛି । ତାହାର କିଛି ପ୍ରଭାବ ପଡିବନି ବୋଲି ରିପୋର୍ଟରେ କୁହାଯାଇଛି । ସମଗ୍ର ବିଶ୍ୱ ଏବେ ବିଭିନ୍ନ ପ୍ରକାର ଅନିଶ୍ଚିତତା ଦେଇ ଗତି କରୁଛି । ତେଣୁ ୬ରୁ ୬.୫ ପ୍ରତିଶତ ଅଭିବୃଦ୍ଧି ନୂଆ ସ୍ୱାଭାବିକ ବୋଲି ରିପୋର୍ଟରେ କୁହାଯାଇଛି । ବିଶ୍ୱ ଜିଡିପିରେ ଭାରତର ଅଂଶ ୨୦୧୪ରେ ୨.୬ ପ୍ରତିଶତ ଥିଲା । ବର୍ତ୍ତମାନ ଏହା ୩.୫ ପ୍ରତିଶତକୁ ବୃଦ୍ଧି ପାଇଛି ଏବଂ ୨୦୨୭ରେ ଏହା ୪ ପ୍ରତିଶତ ଅତିକ୍ରମ କରିବା ସମ୍ଭାବନା ରହିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ
ଓଁ ନାମ ମହାତ୍ମ୍ୟ

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡିହୃଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସର୍ବ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସର୍ବଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ
ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)

(କ୍ରମଶଃ)

# ଦଶପଲ୍ଲା ଗଡ଼ରେ ଐତିହାସିକ ଲଙ୍କାପୋଡ଼ି ଯାତ୍ରା (୩)



ପବିତ୍ର ମୋହନ ବାରିକ
ଅଧ୍ୟାପକ, ଇତିହାସ ବିଭାଗ
ମଦନପୁର,
ମୋ-୮୮୯୫୧୯୦୪୭୫

ଲଙ୍କା ପୋଡି ଯାତ୍ରା ସମୟରେ ଜୀଉମାନଙ୍କର ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୁଏ। ପ୍ରଥମେ ଭକ୍ତମାନେ ମହାବୀରଙ୍କୁ ମାଜଣା କରନ୍ତି। ପରେ ପ୍ରଭୁ ରାମ ଓ ମାତା ସୀତାଙ୍କୁ ମାଜଣା କରିଥାନ୍ତି। ଏହା ପରେ ଠାକୁରମାନଙ୍କର ବସ୍ତ୍ରଲାଗି ହୋଇଥାଏ। ମଧ୍ୟାହ୍ନରେ ଠାକୁର ମାନଙ୍କ ନିକଟରେ ସଙ୍କୁଡି ଭୋଗ ଲାଗି କରାଯାଏ। ଲଙ୍କାପୋଡି ଅବସରରେ ଜୀଉମାନଙ୍କ ନିକଟରେ ସନ୍ଧ୍ୟାରେ ଅନ୍ୟାନ ନୀତି ସହିତ ସ୍ୱତନ୍ତ୍ର ପୁରୀ ପଣା ଭୋଗ ଲାଗି କରାଯାଏ। ଏହି ପରିପ୍ରେକ୍ଷୀରେ ପୁରୀ, ମୁଆଁ, ଖଜା ଓ ପଣା ଭୋଗ ପ୍ରଭୁଙ୍କ ନିକଟରେ ଅର୍ପଣ କରାଯାଏ। ଲଙ୍କାପୋଡି ଯାତ୍ରାରେ ଶ୍ରୀରାମ ଲୀଳାଭିନୟ ୩ କି.ମି ବ୍ୟାପି ଅଞ୍ଚଳରେ ଆୟୋଜିତ ହୋଇଥାଏ। ପାଞ୍ଚଟି ଖୋଲା ରଙ୍ଗ ମଞ୍ଚରେ ଅଭିନୀତ ହୋଇଥାଏ ରାମ ନାଟକ। ସେହି ମଞ୍ଚ ଗୁଡିକ ହେଲା ମହାବୀର ମନ୍ଦିର ପ୍ରାଙ୍ଗଣରେ କନ୍ଦି ସାହି ଛକ ମଞ୍ଚ (ମାଲ୍ୟବନ୍ତ ଗିରି), ଗଣିଆ ଛକ ମଞ୍ଚ (ସୁବଳଗିରି), ଦୁର୍ଗା ବଜାର ଛକ ମଞ୍ଚ (ଶବର ପଲ୍ଲୀ) ଓ ମେଡିକାଲ ଛକ ମଞ୍ଚ (ଲଙ୍କାଗଡ)। ଏହି ଖୋଲା ମଞ୍ଚ ମାନଙ୍କରେ ଗୀତିନାଟ୍ୟ ମାଧ୍ୟମରେ ଶ୍ରୀରାମ ନବମୀ ଠାରୁ ଲୀଳାଭିନୟ କରାଯାଇଥାଏ। କେବଳ ଗୋଟିଏ ମୃଦଙ୍ଗ ଓ ଦୁଇ ହଳ ଗିନି ବ୍ୟବହାର କରାଯାଇଥାଏ। ପୁରାଣ ପଣ୍ଡା ସଂଯୋଜକ ଭାବେ କାର୍ଯ୍ୟ ନିର୍ବାହ କରିଥାନ୍ତି। ଗୀତି ଓ ବାଦ୍ୟ ଏକ ପ୍ରକାର ହୋଇ ଥିବା ବେଳେ କିନ୍ତୁ ନୃତ୍ୟ ତିନି ପ୍ରକାର ହୋଇଥାଏ। ଶ୍ରୀରାମ, ଲକ୍ଷ୍ମଣ, ସୀତାଙ୍କ ନୃତ୍ୟ ଗୋଟିଏ ପ୍ରକାର ଓ ଅସୁରମାନଙ୍କର ନୃତ୍ୟ ଅନ୍ୟ ଏକ ପ୍ରକାର। ଭଲ୍ଲୁକ ଓ ବାନର ମାନଙ୍କ ନୃତ୍ୟ ଅନ୍ୟ ଏକ ପ୍ରକାର ହୋଇଥାଏ। ଏହି ନୃତ୍ୟ ଅଭିନୟ ଶ୍ରୀରାମ ଜନ୍ମ ଠାରୁ ଅଭିଷେକ ଉତ୍ସବ ପର୍ଯ୍ୟନ୍ତ ଚାଲିଥାଏ। କେବଳ ଗୁରୁବାର ଓ ସଂକ୍ରାନ୍ତି ତିଥିରେ ଲୀଳାଭିନୟ ବନ୍ଦ ରହିଥାଏ। ଏହି ଲୀଳାରେ ୧୫୦ରୁ ଊର୍ଦ୍ଧ୍ୱ କଳାକାର ଅଂଶ ଗ୍ରହଣ କରିଥାନ୍ତି। କଳାକାର ମାନେ ସଂପୂର୍ଣ୍ଣ ରୂପେ ନିଜ ପରିବାର ଠାରୁ ଅଲଗା ରହି ବ୍ରତ ଧାରଣ କରିଥାନ୍ତି। ରାବଣ ଓ ସୀତା ଭୂମିକାରେ ଅଭିନୟ କରୁଥିବା କଳାକାର ବ୍ରାହ୍ମଣ ପରିବାରର ଏହି ପ୍ରଥା ଆଜି ପର୍ଯ୍ୟନ୍ତ ପ୍ରଚଳିତ ହୋଇ ଆସୁଅଛି । କଳାକାରମାନେ ବିଭିନ୍ନ ଚରିତ୍ରର କାଠ ନିର୍ମିତ ମୁଖା ପିନ୍ଧି ଅଭିନୟ କରିଥାନ୍ତି। ଏହି ମୁଖା ଗୁଡିକ ବର୍ଷ ସାରା ବିଭିନ୍ନ ମନ୍ଦିରରେ ପୂଜା ପାଉଥାଏ। ରାମ ନାଟକରେ ଅଭିନୟ କରୁଥିବା କଳାକାର ମାନେ ଅତ୍ୟନ୍ତ ନିଷ୍ଠା ଓ ଭକ୍ତିପୂତ ଜୀବନ ଅତିବାହିତ କରନ୍ତି। ଯେହେତୁ ଦଶପଲ୍ଲା ଏକ ପୂର୍ବତନ ଗଡଜାତ ରାଜ୍ୟ ତେଣୁ ପ୍ରତିବର୍ଷ ଦଶହରା ଦିନ ଲଙ୍କା ପୋଡି ଯାତ୍ରାର ପୋଥି ପୂଜା ଗଡର ଇଷ୍ଟ ଦେବୀ କନକ ଦୁର୍ଗାଙ୍କ ନିକଟରେ ସଂପନ୍ନ ହୁଏ। ଲଙ୍କାପୋଡି ଯାତ୍ରାର ଦେଢମାସ ପୂର୍ବରୁ ଆଖଡା ଆରମ୍ଭ ହୋଇଥାଏ। ଲଙ୍କାପୋଡି ଯାତ୍ରାର ଅନ୍ୟ ଏକ ଆକର୍ଷଣ ବାଣ ଫୁଟାଇବା ପ୍ରତିଯୋଗିତା। ମାନସିକ ଧାରୀମାନେ ଏଠାରେ ମହାବୀରଙ୍କ ନିକଟରେ ବାଣ ଫୁଟାଇଥାନ୍ତି। ନିଜର ମନବାଞ୍ଛା ପୂର୍ଣ୍ଣ ନିମନ୍ତେ ବାଣ ଫୁଟାଇବା ପାଇଁ ମହାବୀରଙ୍କ ନିକଟରେ ଶ୍ରଦ୍ଧାଳୁମାନେ ମାନସିକ କରିଥାନ୍ତି । ଲଙ୍କାଗଡକୁ ଆଲୋକମାଳାରେ ସଜ୍ଜିତ କରାଯାଇଥାଏ। ଦଶପଲ୍ଲା ଲଙ୍କାପୋଡି ଯାତ୍ରାର ପ୍ରମୁଖ ଆକର୍ଷଣ ୩୫ ଫୁଟର କାଷ୍ଠ ନିର୍ମିତ ଚଳମାନ ରାବଣ ୧୫ ଫୁଟ ଘୂର୍ଣ୍ଣାୟମାନ ପୁଷ୍ପକ ବିମାନ ଓ ସ୍ୱତନ୍ତ୍ର ଭାବେ ନିର୍ମିତ ହୁଏ ବ୍ରହ୍ମାସ୍ତ୍ର। ରାମ, ରାବଣ ଭୂମିକାରେ ଅଭିନୟ କରୁଥିବା କଳାକାର ଓ ବ୍ରହ୍ମାସ୍ତ୍ର ନିର୍ମାଣକାରୀ ବ୍ୟକ୍ତି ଲଙ୍କାପୋଡି ଦିନ ଉପବାସ ବ୍ରତ ପାଳନ କରନ୍ତି। ବ୍ରହ୍ମାସ୍ତ୍ର ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥାଏ। ପ୍ରଭୁ ଶ୍ରୀରାମ ବ୍ରହ୍ମାସ୍ତ୍ର ନିକ୍ଷେପ କଲା ପରେ ୫୦ ଫୁଟ ଦୂରରେ ଥିବା ରାବଣକୁ ବଧ କରି ପୁନଃବାର ରାମଙ୍କ ହସ୍ତକୁ ଫେରିଆସେ। ଯଦି ବ୍ରହ୍ମାସ୍ତ୍ର ଫେରି ନ ଆସେ ତେବେ କିଛି ଅଘଟଣ ଘଟିବାର ସମ୍ଭାବନା ରହିଛି ବୋଲି ବିଶ୍ୱାସ କରାଯାଏ। ୨୦୧୯ ମସିହାରେ ବ୍ରହ୍ମାସ୍ତ୍ର ଗତି କରି ନ ଥିଲା। ପରବର୍ତ୍ତୀ ସମୟରେ କରୋନା ପାଇଁ ଦୁଇବର୍ଷ ଲଙ୍କାପୋଡି ଯାତ୍ରା ବନ୍ଦ ରହିଥିଲା। ଦଶପଲ୍ଲାର ଐତିହାସିକ ଲଙ୍କା ପୋଡି ଯାତ୍ରା ରାମ ସଂସ୍କୃତିର ପ୍ରଚାର ଓ ପ୍ରସାରର ଏକ ବଳିଷ୍ଠ ମାଧ୍ୟମ। ଏହାର ପ୍ରଭାବ ଯୁଗାନ୍ତକାରୀ ଓ ସୁଦୂର ପ୍ରସାରୀ। ଦଶପଲ୍ଲା, ନୟାଗଡ, ଖଣ୍ଡପଡା, ବୌଦ୍ଧ ଓ ରଣପୁର ପ୍ରଭୃତି ଅଞ୍ଚଳରେ ଇତିହାସ ପ୍ରସିଦ୍ଧ ଲଙ୍କାପୋଡି ଯାତ୍ରାର ବିଶେଷ ପ୍ରଭାବ ପରିଲକ୍ଷିତ ହୁଏ। ଓଡ଼ିଶା ତଥା ଭାରତରେ ଦଶପଲ୍ଲା ଲଙ୍କାପୋଡି ଯାତ୍ରାର ପ୍ରଭାବରେ ଏ ଅଞ୍ଚଳରେ ଅନେକ ଗ୍ରାମରେ ରାମଲୀଳା ଦଳମାନ ଗଠିତ ହୋଇଅଛି। ରାମ ଲୀଳା ଦଳ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ରାମ କଥାକୁ ଅତି ସୁନ୍ଦର ଭାବରେ ଅଭିନୟ କରି ଧାର୍ମିକ ଓ ସାଂସ୍କୃତିକ ଜାଗରଣ ସୃଷ୍ଟି କରିଥାନ୍ତି। ବରଗଡର ଧନୁଯାତ୍ରା ସମ୍ବଲପୁରର ଶୀତଳଷଷ୍ଠୀ, ତାଳଚେରରେ ହିଙ୍ଗୁଳାଯାତ୍ରା, ଢେଙ୍କାନାଳ ଅନୁଗୁଳରେ ଲକ୍ଷ୍ମୀପୂଜା, କଟକର ବାଲିଯାତ୍ରା, ଜଟଣୀର ଗଣେଶ ପୂଜା, ଭବାନୀପାଟଣାରେ ମା' ମାଣିକେଶ୍ୱରୀଙ୍କର ଛତରଯାତ୍ରା, ପୁରୀର ସାହି ଯାତ୍ରା, ବ୍ରହ୍ମପୁରର ଠାକୁରାଣୀ ଯାତ୍ରା, ଭୁବନେଶ୍ୱରର ରୁକୁଣା ରଥ ଯାତ୍ରା, କୋଣାର୍କ ଓ ଖଣ୍ଡଗିରିରେ ମାଘ ସପ୍ତମୀ କୁମ୍ଭ ମେଳା, ଯୋରନ୍ଦାର ମାଘ ମେଳା, ଅତ୍ରିର ମକର ମେଳା ପ୍ରଭୃତି ଠାରୁ ଓଡ଼ିଶାର ସର୍ବପୁରାତନ ଯାତ୍ରା ଦଶପଲ୍ଲାର ଲଙ୍କା ପୋଡି ଯାତ୍ରା ଓଡ଼ିଆ ଜାତିର ଗୌରବ, ଗାରିମାମୟ ସାଂସ୍କୃତିକ ଓ ଧାର୍ମିକ ଇତିହାସକୁ ସମୃଦ୍ଧ ଓ ଶକ୍ତିଶାଳୀ କରିଛି। ଦଶପଲ୍ଲାର ଲଙ୍କା ପୋଡିଯାତ୍ରା ନାଟ୍ୟ, ସଂଗୀତ , ବିଧି, ବ୍ୟବସ୍ଥା, ବିଶ୍ୱାସ, ଭାବ, ଭକ୍ତି, ପ୍ରୀତି, ଓ କାରିଗରି ଶୈଳିର ଅପୂର୍ବ ସମନ୍ୱୟର ନିଦର୍ଶନ ଅଟେ। ସଂହତି, ସଦ୍‌ଭାବ ଓ ସଂସ୍କାରର ପ୍ରତୀକ ଦଶପଲ୍ଲା ଲଙ୍କାପୋଡି ଯାତ୍ରା ଏହା ନିଃସନ୍ଦେହ। ସାମାଜିକ ତଥା ଅର୍ଥନୈତିକ ବିକାଶ ଓ ସାଂସ୍କୃତିକ ଭାବ ଧାରାକୁ ତ୍ୱରାନିତ କରିବା ନିମନ୍ତେ ଦଶପଲ୍ଲା ଲଙ୍କାପୋଡି ଯାତ୍ରା ନିରବଚ୍ଛିନ୍ନ ଭାବରେ ତା'ର ଯାତ୍ରା ଅବ୍ୟାହତ ରଖିଛି। ଓଡ଼ିଶାର ସାଂସ୍କୃତିକ ଓ ଧାର୍ମିକ ବିଭବକୁ ଦଶପଲ୍ଲା ଗଡର ଇତିହାସ ପ୍ରସିଦ୍ଧ ଲଙ୍କାପୋଡି ଯାତ୍ରା ଏକ ଅତୁଳନୀୟ ଅବଦାନ। ଓଡ଼ିଶାର ପ୍ରଥମ ଓ ଭାରତ ବର୍ଷର ଦ୍ୱିତୀୟ ପୁରାତନ ଯାତ୍ରା ଲଙ୍କାପୋଡି ଏଜାତିର ଅସ୍ମିତାକୁ ବିଶ୍ୱଦରବାରରେ ଉପସ୍ଥାପନ କରିବା ନିମନ୍ତେ ନିରନ୍ତର ପ୍ରୟାସ ଜାରି ରଖିଛି। ଆମ ଗୌରବମୟ ସାଂସ୍କୃତିକ ଇତିହାସିର ଏକ ସ୍ୱର୍ଣ୍ଣାଭ ଅଧ୍ୟାୟ ଦଶପଲ୍ଲାର ଲଙ୍କାପୋଡି ଯାତ୍ରା ଏଥିରେ କୌଣସି ଦ୍ୱିମତ ନାହିଁ।

# ସୁନୀଲ ସାର୍ ଜଣେ ଭଲ ମଣିଷ, ସଫଳ କବି

ବିବେକାନନ୍ଦ ଜେନା
ସାମ୍ବାଦିକ
ମୋ : ୯୪୩୮୩୩୬୩୧୭



ଶ୍ରଦ୍ଧେୟ ସୁଶାନ୍ତ ବାବୁଙ୍କ ଠାରୁ ଟେଲିଫୋନରେ ସୂଚନା ପାଇଲା ପରେ ସୁନୀଲ ସାର୍ (ବିଶିଷ୍ଟ କବି ସୁନୀଲ ପୃଷ୍ଟି)ଙ୍କ ବାବଦରେ କିଛି ଲେଖିବାକୁ ମନ ନିବେଶ କଲି। କାହିଁକି କେଜାଣି ହାତ ହଲିଲା ନାହିଁ, କଲମ ଚାଲିଲା ନାହିଁ, ସବୁକିଛି ଅଟକିଗଲା ଭଳି ଜଣାପଡ଼ିଲା। ଲେଖିଲା ବେଳକୁ କଷ୍ଟ ଅନୁଭବ ହେଲା। କାରଣ ଅଳ୍ପ କିଛିଦିନ ଆଗରୁ ସୁନୀଲ ସାର୍‌ଙ୍କ ଅକାଳ ବିୟୋଗ ଜନିତ ଖବରଟି ଖରାବେଳେ ଅନୁଜ ପ୍ରତିମ ଶ୍ରଦ୍ଧେୟ ଉମେଶ ବାବୁ ଦେଇଥିଲେ। ସେହି ସମୟରେ ମନକୁ ଆସିଲା କେତେ କଥା। ଆମ ସମୟର ଅନେକ ଭଲ ଭଲ ଲୋକମାନେ କେମିତି ଏ ଦୁନିଆରୁ ଶୀଘ୍ର ଶୀଘ୍ର ବିଦାୟ ନେଇ ଯାଉଛନ୍ତି। କାହିଁକି ଏମିତି ହେଉଛି ? ଠାକୁର କାହିଁକି ଏତେ ନିର୍ଦ୍ଦୟ ହେଉଛନ୍ତି ? ଏମିତି କେତେ କଥା ମନେ ମନେ ଗପିଲି। କ'ଣ ଲେଖିବି, କାହା ପାଇଁ ଲେଖିବି, କ'ଣ ପାଇଁ ଲେଖିବି। କାହିଁକି ନା ମୃତ୍ୟୁ ତ ଚିରନ୍ତନ ସତ୍ୟ, ଦିନେ ନା ଦିନେ ପ୍ରତ୍ୟେକଙ୍କୁ ସେହି ପଥର ଯାତ୍ରୀ ହେବାକୁ ପଡ଼ିଥାଏ। କହିବା ବାହୁଲ୍ୟ ହେବ ସୁନୀଲ ସାର୍ ବେଳାବେଳି ସେହି ଅଫେରା ବାଟରେ ଚାଲିଗଲେ। ମୁଁ କେବେ ଭାବିନଥିଲି ସୁନୀଲ ସାର୍‌ଙ୍କ ପାଇଁ ମୋତେ କିଛି ଲେଖିବାକୁ ପଡ଼ିବ। କାରଣ ସିଏ ଏମିତି ଜଣେ ନିହାତି ଆପଣାର ମଣିଷ ଥିଲେ, ଭଲ ମଣିଷ ଥିଲେ, ଏତେ ସମ୍ବେଦନଶୀଳ ଥିଲେ ଯାହାକୁ କି ଲେଖା ମାଧ୍ୟମରେ ପ୍ରକାଶ କରିବା ସହଜ କଥା ନୁହେଁ। ସେ ଯାହାବି ହେଉନା କାହିଁକି ସୁନୀଲ୍ ସାର୍‌ଙ୍କ ପାଇଁ ଲେଖିବାକୁ ପଡ଼ିବ ନିଶ୍ଚୟ।

ସୁନୀଲ ସାର୍‌ଙ୍କ ଅକାଳରେ ବିୟୋଗ ଜନିତ ଦୁଃଖଦ ଖବର ଜାଣିଲା ପରେ ସଙ୍ଗେ ସଙ୍ଗେ ସତ୍ୟନଗର ଶ୍ମଶାନରେ ପହଞ୍ଚିଥିଲି, ସେତେବେଳକୁ ସେଠାରେ ସୁଶାନ୍ତ ବାବୁ, ଉମେଶ ବାବୁ, ମାଧବ ବାବୁ, କବି ସୂର୍ଯ୍ୟ ମିଶ୍ରଙ୍କ ସମେତ ସୁନୀଲ ସାର୍‌ଙ୍କୁ ଭଲ ପାଉଥିବା ଅନେକ କବି, ଲେଖକ, ସାହିତ୍ୟିକ ଏକାଠି ହୋଇଥିଲେ ଏବଂ ଦୁଃଖରେ ତାଙ୍କ ସହ ସମ୍ପର୍କର ସ୍ମୃତିଚାରଣ କରୁଥିଲେ ଓ ମନେ ମନେ ଝୁରୁଥିଲେ। ଅନ୍ତିମ ସଂସ୍କାର ପ୍ରକ୍ରିୟା ଚାଲିଥିଲା ଶ୍ମଶାନରେ। ସୁନୀଲ ସାର୍ ଜୁଇରେ ଶୋଇଥିଲେ, ତାଙ୍କର ଦୁଇପାଦ ଦିଶୁଥିଲା। କିଛି ସମୟ ନିରେଖି ଚାହିଁଲା ପରେ ଜୁଇ ଚାରିପଟେ ବୁଲି ହାତ ଯୋଡ଼ି ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଜଣାଇଲି। ସୁନୀଲ ସାର୍‌ଙ୍କ ସହ ମୋର ସମ୍ପର୍କ ଥିଲା ଅତି ନିବିଡ଼। କେବଳ କବିତା ରଚନା ପାଇଁ ସାର୍‌ଙ୍କ ପ୍ରତି ଭଲ ପାଇବା, ଗଭୀର ଶ୍ରଦ୍ଧା ଓ ସମ୍ମାନ ରହିଥିଲା। କେବଳ ମୋର ନୁହେଁ ମୋ ପରି ଅନେକଙ୍କର। ସମସ୍ତେ ତାଙ୍କୁ ଭଲ ପାଉଥିଲେ, ଶ୍ରଦ୍ଧା କରୁଥିଲେ ଓ ସମ୍ମାନ ବି ଦେଉଥିଲେ। କାରଣ ତାଙ୍କର ଉଦାର ହୃଦୟ ଥିଲା, ତାଙ୍କଠାରେ ମଣିଷ ପଣିଆ ଥିଲା। ସେ ପ୍ରକୃତରେ ଜଣେ ଖାଣ୍ଟି କବି ଥିଲେ ଯିଏକି ତାଙ୍କର ସରଳ, ଅମାୟିକ ସ୍ୱଭାବ ପାଇଁ ସମସ୍ତଙ୍କର ପ୍ରିୟ ମଧ୍ୟ ହୋଇପାରିଥିଲେ। ୧୯୯୯ ମସିହା ମହାବାତ୍ୟା ପୂର୍ବରୁ "ଅନୁପମ ଭାରତ" ଖବର କାଗଜରେ ଭୁବନେଶ୍ୱର ପ୍ରତିନିଧି ଭାବେ କାମ କରିବା ସମୟରୁ ମୁଁ ସୁନୀଲ ସାର୍‌ଙ୍କୁ ଜାଣିଥିଲି। ତାଙ୍କ ଠାରେ ଜଣେ କବିର ସବୁ ଗୁଣ ଭରି ରହିଥିଲା। ସେ କଥା ମୁଁ ଭଲ ଭାବରେ ଅନୁଭବ କରିଥିଲି, ସେହି ସମୟରେ "ସଚିତ୍ର ବିଜୟା" ମାସିକ ସାହିତ୍ୟ ପତ୍ରିକା ସୁନୀଲ ସାର୍ ସମ୍ପାଦନା କରୁଥିଲେ। "ଅନୁପମ ଭାରତ" ପ୍ରତିନିଧି ଭାବେ ଗୋଟିଏ କ୍ୟାମ୍ପସରେ ତାଙ୍କ ସହ କାମ କଲା ବେଳେ ଥରେ ମୋର ଏକ କବିତା ତାଙ୍କୁ ଦେଖିବାକୁ ଦେଇଥିଲି। ସାର୍ ଆଶ୍ଚର୍ଯ୍ୟ ହୋଇ ପଚାରିଥିଲେ, ବିବେକ ବାବୁ ଆପଣ କ'ଣ କବିତା ଲେଖନ୍ତି ? ଆପଣ ତ' ସାମ୍ବାଦିକ। ଖବର ସଂଗ୍ରହ କରିବା ଆପଣଙ୍କର କାମ, କବିତା କେତେବେଳେ ଲେଖୁଛନ୍ତି। ବିନମ୍ରତାର ସହ ମୁଁ ତାଙ୍କୁ ଉତ୍ତରରେ ଜଣାଇଥିଲି କଲେଜ ପଢିବା ଦିନରୁ ମୁଁ କବିତା ଲେଖିଆସୁଛି। ମଝିରେ ମଝିରେ ଲେଖେ, ବିଭିନ୍ନ ପତ୍ର ପତ୍ରିକାରେ ଦିଏ, କେତେବେଳେ କେମିତି ବାହାରେ। ସମୟ ପାଇଲେ ଏଠି କେତେବେଳେ ଲେଖୁଛି, କାହାକୁ ଦେଉଛି। ଏହି ଲେଖାଟି (କବିତା) ଆପଣଙ୍କୁ ଦେଲି ଦେଖିବେ, ଯଦି ପତ୍ରିକାରେ ପ୍ରକାଶ ପାଇବାକୁ ଯୋଗ୍ୟ ବୋଲି ଆପଣଙ୍କ ବିଚାରରେ ଆସେ, ତାହେଲେ ସ୍ଥାନିତ କରିପାରନ୍ତି। ସାର୍ ମୋର ସେହି ସିଧା କଥା ଶୁଣିଲେ ଆଉ ତାପରେ ଭଲ ଭାବରେ ମୋର କବିତାଟିକୁ ଦେଖିଲେ, ଅନୁଧ୍ୟାନ କଲେ। କବିତାଟିର ଶୀର୍ଷକଟିକୁ ନିଜ ହାତ ସ୍ପର୍ଶରେ ସଜାଡ଼ି ଦେଲେ। ପରବର୍ତ୍ତୀ ସ୍ୱତନ୍ତ୍ର ସଂସ୍କରଣରେ କବିତାଟି ପ୍ରକାଶ ପାଇଲା। ସେଥିପାଇଁ ସାର୍‌ଙ୍କୁ ଅଶେଷ କୃତଜ୍ଞତା ଜଣାଇଥିଲି। ଏହାପରେ ସାର୍‌ଙ୍କ ଦିଗ୍‌ଦର୍ଶନରେ ମୋର କବିତା ଲେଖା ଶାଣିତ ହୋଇଥିଲା ଏବଂ ଅନେକ କବିତା ସଚିତ୍ର ବିଜୟା ପତ୍ରିକାରେ ସେ ପ୍ରକାଶ ବି କରିଥିଲେ। ସୁନୀଲ ସାର୍‌ଙ୍କ ଏହି ନରମ କଥା, ଭଲ ପାଇବା ଓ ଦିଗ୍‌ଦର୍ଶନ ମୋର ତାଙ୍କ ସହ ଆତ୍ମୀୟତା ନିବିଡ଼ ହୋଇଥିଲା। କେବଳ ମୁଁ ନୁହେଁ, ଅନୁପମ ଭାରତ ଖବର କାଗଜର ସମସ୍ତଙ୍କ କର୍ମଚାରୀ ଏବଂ କର୍ତ୍ତୃପକ୍ଷ ସମସ୍ତେ ତାଙ୍କୁ ଭଲ ପାଉଥିଲେ। ମହାମାରୀ କୋଭିଡ଼ ସମୟ ପୂର୍ବରୁ ତାଙ୍କ ସହ ଆଉ ଦେଖା ହୋଇନଥିଲା। ହେଲେ ମୁଁ ଅନେକ ସମୟରେ ସାର୍‌ଙ୍କ କଥା ଅନ୍ୟମାନଙ୍କ ଠାରୁ ଶୁଣୁଥିଲି, ବୁଝୁଥିଲି। ପୁରୁଣା ଭୁବନେଶ୍ୱର ଲିଙ୍ଗିପୁର ଅଞ୍ଚଳରେ ଏକ ଘର କରି ପରିବାର ସହିତ ସେ ରହୁଥିଲେ। କିଛିଦିନ ଅସୁସ୍ଥ ଥିଲେ, ହେଲେ ହଠାତ୍ ତାଙ୍କର ଅକାଳ ବିୟୋଗ ଶୁଣିବା ପରେ ହତବାକ୍ ହେଲି। ସ୍ୱକୀୟ ସୃଷ୍ଟିର ସମ୍ଭାର ସହିତ ନିଜର କବିତା ଓ କବିତା ରଚନାକୁ ନେଇ ଆତ୍ମ ସମ୍ମାନର ସହ ବଞ୍ଚିଆସିଥିବା ସୁନୀଲ୍ ସାର୍‌ଙ୍କ ଭଳି ଜଣେ ସରଳ ନିଷ୍କପଟ ମଣିଷକୁ ସଶରୀରରେ ଆଉ ଦେଖି ହେବ ନାହିଁ କି ତାଙ୍କ ଠାରୁ ଭଲ କଥା ଦି'ପଦ ଶୁଣିହେବ ନାହିଁ। କାରଣ ସେ ଆଉ ଆମ ପାଖରେ ନାହାଁନ୍ତି, ହେଲେ ତାଙ୍କର ପ୍ରଦତ୍ତ□ ଅନେକ କଥା, ଚିନ୍ତନ, ଦର୍ଶନ, ଦିଗ୍‌ଦର୍ଶନ ଆଦି ଆମକୁ ସବୁବେଳେ ଆଗକୁ ଯିବାର ରାହା ଦେଖାଇବ। ତାଙ୍କର ପୂଣ୍ୟ ଏକାଦଶାହ ତିଥିରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ଭକ୍ତିପୂତ ପ୍ରାର୍ଥନା ଜଣାଉଛି, ତାଙ୍କର ଅମର ଆତ୍ମା ଶାନ୍ତିଲାଭ କରୁ। ତାଙ୍କ ପରିବାରକୁ ମହାପ୍ରଭୁ ଦୁଃଖ ସହିବାର ଶକ୍ତି ଓ ଧୈର୍ଯ୍ୟ ଦିଅନ୍ତୁ ବୋଲି କାମନା କରୁଛି।

# ପୁରସ୍କାର ବୁଲାଏ ସହର



ଧ୍ରୁବଚରଣ ଘିବେଲା
ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬

ବୁଲିବା ପାଇଁ ଅନେକେ ସହର ଯାଆନ୍ତି, ଶିକ୍ଷା ପାଇଁ ପିଲାଏ ସହର ସହର ବୁଲନ୍ତି, ରୋଗୀ ରୋଗ ଚିକିତ୍ସା ପାଇଁ ସହର ଯାଆନ୍ତି, ଏବେ ପୁରସ୍କାର ପାଇଁ ବୁଲିଲେଣି ଥୋକାଏ ସହରରୁ ସହରକୁ । ପ୍ରଥମେ ଦେଖିବା ଭ୍ରମଣ କଥା । ବୁଲିବା ସଉକ ଅନେକଙ୍କୁ ଅନେକ ସ୍ଥାନ ବୁଲାଏ । ଭ୍ରମଣରୁ ଜ୍ଞାନ ଅର୍ଜନ କରାଯାଏ, ଏଇ ବିଚାର ରଖିଥିବା ବ୍ୟକ୍ତିବିଶେଷ ଫି' ବର୍ଷ ଦୂର ସ୍ଥାନ ଭ୍ରମଣରେ ଯାଆନ୍ତି । ପୁଣି ନୂଆ ନୂଆ ସ୍ଥାନକୁ ଯାଇଥାନ୍ତି । ସ୍ଥାନ ହୋଇପାରେ ଦେବଦେବୀଙ୍କ ପାଇଁ ନାଁ କରା, ବଣଭୋଜି ପାଇଁ ପ୍ରସିଦ୍ଧ, କୌଣସି ନଦୀବନ୍ଧ ପାଇଁ ଖ୍ୟାତ ନତୁବା ଦେଖିବାଭଳିଆ ରମଣୀୟ ପାର୍କ, ପ୍ରାକୃତିକ ସ୍ଥଳ, ହ୍ରଦ, ଜଳପ୍ରପାତ ଥିବା ସ୍ଥାନ । ଭ୍ରମଣରୁ ଏକ ତ ସେ ସ୍ଥାନର ଭୌଗୋଳିକ ସ୍ଥିତି, ଅବସ୍ଥାନ, ଅଧିବାସୀଙ୍କ ସ୍ୱତନ୍ତ୍ର ପରିଚିତି, ଇତିହାସ ସହ ଯୋଡ଼ିହୋଇଥିଲେ ତା'ର ତାତ୍ପର୍ଯ୍ୟ ଏମିତି ଅନେକ କିଛି ଜାଣିବାକୁ ମିଳିଥାଏ । ଭ୍ରମଣ ପାଇଁ ସେମିତି ଉଦ୍ଦିଷ୍ଟ ଥାଏ ପର୍ଯ୍ୟଟନ କ୍ଷେତ୍ରସବୁ । ସ୍ଥାନର ପ୍ରସିଦ୍ଧି ବିଭିନ୍ନ କାରଣରୁ ରହିଥାଏ । ପୁଣି ଦେଖିଥିବା ସ୍ଥାନକୁ, କୀର୍ତ୍ତିରାଜିକୁ ସହଜେ ଭୁଲି ହୁଏନି ଓ ପ୍ରତ୍ୟକ୍ଷ ଦର୍ଶନରେ ଆଖିରୁ ଅଧିକ ଦେଖିଥାଏ ମନ । ଥରେ ବୁଲିଆସିଥିବା ସ୍ଥାନକୁ ପୁଣି ଯାଇନପାରିଲେ ବି ସ୍ମରଣ କଲାମାତ୍ରକେ ମନଚକ୍ଷୁରେ ଦେଖିହୁଏ, ମନ ଆଇନାରେ ତାର ଚିତ୍ର ଉତ୍ତୋଳନ କରାଯାଇପାରେ, ମନଯାନରେ ବି ସେଠାକୁ ଗମି ହୁଏ । ଆଖିଦେଖା କଥା ରହେ ଅଭୁଲା ଓ ସ୍ମରଣୀୟ। ତେବେ ବୁଲିଯିବା ପାଇଁ ଯାଆନ୍ତି ପର୍ଯ୍ୟଟକ। ଦର୍ଶନାଭିଳାଷୀ ଦର୍ଶକ ଓ ଉଚ୍ଚ ଶିକ୍ଷା ଗ୍ରହଣ ପାଇଁ ଯାଆନ୍ତି ବିଭିନ୍ନ ସ୍ଥାନକୁ ଶିକ୍ଷାର୍ଥୀ ବିଦ୍ୟାର୍ଥୀ। ପିଲାଏ ମାଟ୍ରିକ ଡେଇଁଲେ ଗାଁ ଛାଡ଼ନ୍ତି ଯେଉଁଠି ଯୁକ୍ତ ଦୁଇ ଶିକ୍ଷା ବ୍ୟବସ୍ଥା ନାହିଁ । ଯୁକ୍ତ ଦୁଇ ପାସ କଲେ ଆଉ ଟିକେ ବଡ଼ ସହରକୁ ଯାଆନ୍ତି। ଯୁକ୍ତ ତିନି ପରେ ଛୋଟ ସହର ବା ବଡ଼ ଗାଁରୁ ଯାଆନ୍ତି ତହୁଁ ବଡ଼ ସହରକୁ। ରାଜ୍ୟ ରାଜଧାନୀକୁ ନତୁବା ରାଜ୍ୟର କେଉଁ ବଡ଼ ସହରକୁ ନଗରକୁ । ବୈଷୟିକ ଶିକ୍ଷା ବା ଡାକ୍ତରୀ ଶିକ୍ଷା ପାଇଁ ମେଧାବୀ ଛାତ୍ରୀଛାତ୍ର ଆସନ୍ତି ସେସବୁ ଉପଲବ୍ଧ ଥିବା ସହରକୁ । ଆଉରି ଅନେକ ବିବିଧ ଉଚ୍ଚ ଶିକ୍ଷା ପାଇଁ ଦେଶର ରାଜଧାନୀ ଅଥବା ଦେଶର ଖୁବ ବଡ଼ ବଡ଼ ନାମୀଦାମୀ ସହର ନଗରରେ ପାଦ ଥାପନ୍ତି । ପିଲା ତ ଆସନ୍ତି ପଢ଼ିବା ପାଇଁ । ତାଙ୍କ ନାମଲେଖା ବେଳେ ପିଲା ସହ ବାପାମାଆ ବି ଆସିଥାନ୍ତି । ହଷ୍ଟେଲରେ ପିଲା ରହୁ ବା ଯେଉଁଠି ରହୁ ପିଲା ରହିବାର ସକଳ ବନ୍ଦୋବସ୍ତ କରିବା ପାଇଁ ବି ବାପାମାଆ ଆସନ୍ତି । ମଝିରେ ମଝିରେ ପିଲାକୁ ଦେଖି ବି ଆସନ୍ତି ଅଭିଭାବକ । ଆସିଲା ବେଳେ ପିଲା ପାଇଁ ତା' ମନପସନ୍ଦର ପିଠା ମିଠା ସାଙ୍ଗରେ ଆଣିବାକୁ ଭୁଲିନଥାନ୍ତି । ଏମିତି ଶିକ୍ଷା ଅନେକଙ୍କୁ ବୁଲାଇଥାଏ ସହର । ଛାତ୍ରଛାତ୍ରୀଙ୍କୁ ତଥା ସେମାନଙ୍କ ବାପାମାଆଙ୍କୁ। ରୋଗୀ ସେମିତି ବୁଲିଥାନ୍ତି ରୋଗ ଉପଶମ ପାଇଁ ସେଇ ରୋଗ ଚିକିତ୍ସା ଉପଲବ୍ଧଥିବା ସ୍ଥାନକୁ । ଚିକିତ୍ସିତ ହୁଅନ୍ତି ସହରର ନାମୀ ଡାକ୍ତରଖାନାରେ । ସେଠି ରୋଗ ଉପଶମ ନ ହେଲେ ସେଠୁ ପୁଣି ଅନ୍ୟତ୍ର ଗମନ କରନ୍ତି ଅଧିକ ଡାକ୍ତରୀ ସେବା ଲଭିବା ପାଇଁ । ରୋଗୀ ସହିତ ସମ୍ପର୍କୀୟ ବି ବୁଲନ୍ତି ଗାଁରୁ ସହର ସହର। ରୋଗ ଯେତେ ଅସାଧ୍ୟ ଥିବ ସେତେ ସେତେ ବଡ଼ ନଗର, ମହାନଗର ଯାଆନ୍ତି ପୀଡ଼ିତ ତଥା ତାଙ୍କ ଆତ୍ମୀୟସ୍ୱଜନ ଓ ରୋଗ ଚିକିତ୍ସା ପାଇଁ ଯିବା ଦ୍ୱାରା ଭ୍ରମଣ କାମଟି ବି ହୁଏ ଓ ଗଲାଆଇଲା ରାସ୍ତାରେ ଅନେକ ଦେଖି ନ ଥିବା ନଦୀ, ସହର, ଜଙ୍ଗଲ ଦେଇ ଯିବାକୁ ବି ହୁଏ। ଟ୍ରେନ, ପ୍ଲେନ ଯାତ୍ରା ନୂଆ ଅନୁଭୂତି ଆଣିଦିଏ ପ୍ରଥମ ଯାତ୍ରା ଥିଲେ । ପ୍ଲେନରେ ଉଡ଼ିବାର ନିଆରା ଅନୁଭବ ହୁଏ ପ୍ରଥମ ଉଡ଼ାଣରେ । ଡେଣା ନ ଥାଇ ଉଡ଼ିବାର ସୁଯୋଗ ପ୍ଲେନ ହିଁ ଦେଇଥାଏ । ପ୍ରଥମ ପ୍ଲେନ ଉଡ଼ାଣ ସତରେ ଥାଏ ମଜାଦାର ଓ ଆନନ୍ଦଦାୟକ । ରୋଗୀ ବି ଟିକେ ଖୁସି ଅନୁଭବ କରିପାରନ୍ତି ପ୍ରଥମ ଉଡ଼ାଣ ପାଇଁ । ତଳେ ଥାଇ ଆକାଶରେ ପ୍ଲେନ ଉଡୁଥିବାର ଦେଖିବା ଆଉ ପ୍ଲେନ ପେଟରେ ବସି ଉଡ଼ାଣ ଭରିବା ଭିତରେ କେତେ ଫରକ । ସେଇ ଫରକ ଆକାଶ ଓ ମାଟି ଭିତରେ ଥିବା ଦୂରତ୍ୱ ଭଳି । ଏମିତି ଯୁଗ ବଦଳୁଛି, ସଉକ ବି ବଦଳୁଛି । ସଉକ ପୁଣି କାହାର କେଉଁଥିରେ ରହେ । ବୁଲିବାରେ ସଉକ, ଖାଇବାରେ ସଉକ, ପିନ୍ଧିବାରେ ସଉକ, ବିରଳ ଜିନିଷ ଦ୍ରବ୍ୟ ସଂଗ୍ରହରେ ସଉକ, ପଢ଼ିବାରେ ସଉକ, ଦେବା ଥୋଇବାରେ ସଉକ,ଏମିତି ଅନେକ ସଉକ ପୂର୍ତ୍ତି ପାଇଁ ବୁଲିବାକୁ ହୁଏ ଏଠାକୁ ସେଠାକୁ । ଏବେ ଏବେ କିଛି ନୂଆ ସଉକ କେତେକଙ୍କଠି ଦେଖାଦେଇଛି । ତାହା ହେଉଛି ପୁରସ୍କାର ସଂଗ୍ରହ କରିବା । ପୁରସ୍କାର ସଂଗ୍ରହ ନିଶାରେ ଚୁର ରହୁଛନ୍ତି ପୁରସ୍କାର ଆଶାୟୀ। ଯେମିତି ହେଉ ପୁରସ୍କାର ହାତକୁ ଆସିବାର ଅଛି, ଏଇ ନୀତି ଧରିଥାନ୍ତି ଯେମିତି । ମିଉଚୁଆଲରେ ପୁରସ୍କାର ଦେଇ ନେଇ ହେଉ କି କାହାଠାରୁ ପୁରସ୍କାର ବଦଳ ଧାରାରେ ହେଉ ପୁରସ୍କାର ହାତେଇବା ଥାଏ କେତେକଙ୍କ ଅନ୍ତିମ ଲକ୍ଷ୍ୟ । କିଣା ପୁରସ୍କାରରେ ବି ମନ ରଖନ୍ତି ଏବଂ ପୁରସ୍କାର ପାଇଁ ଗାଁ ଗାଁ, ସହର ସହର ଘୁରନ୍ତି । ହାତରୁ କିଛି ଖର୍ଚ୍ଚ ହେଇଯାଉ ତହିଁରେ ଚିନ୍ତା ନାହିଁ । ସାହିତ୍ୟ କରିବାକୁ ମନ ଯାହାଥାଉ ସାହିତ୍ୟ ପୁରସ୍କାରରେ କିନ୍ତୁ ମନ ବେଶ ରହିଥାଏ । ହାତରୁ ପଛେ କିଛି ସରୁ ପୁରସ୍କାରଟା ତାଙ୍କର ହାତପାଆନ୍ତାରେ ରହୁ – ଏଇ ବିଚାର ହିଁ ବୁଲାଏ ସେଇ ପୁରସ୍କାର ଆଶାୟୀଙ୍କୁ ଏଠାକୁ ସେଠାକୁ । ପୁରସ୍କାର ସଂଗ୍ରହ ଆଧାରରେ ପ୍ରଶଂସା ସଂଗ୍ରହ ବି ହୋଇଯାଏ । ଶେଷକଥା – ଯାହା ଯେମିତି ହେଉଛି ହେଉଥାଉ । ବୁଲିବା, ପଢ଼ିବା, ରୋଗ ଚିକିତ୍ସା ନାଁରେ, ପୁରସ୍କାର ସଂଗ୍ରହ କରିବା ଆଳରେ ମଧ୍ୟ ସହରବୁଲା କାମ ସମ୍ପାଦିତ ହୋଇଥାଏ।

# ଓଡ଼ିଶାର ଜନ ମଙ୍ଗଳକାରୀ ରାଜାମାନଙ୍କ ପ୍ରତି ଅନ୍ୟାୟ ଓ ଅବହେଳା କ'ଣ ପାଇଁ ?



ନେତାଜୀ ତାପସ କୁମାର ସାହୁ
ପୂର୍ବତନ ଅଧ୍ୟାପକ, ଉଦ୍ଭିଦ ବିଜ୍ଞାନ ବିଭାଗ, ଡଃ ଯଦୁନାଥ ଡିଗ୍ରୀ କଲେଜ, ବାଲେଶ୍ୱର
ମୋ- ୮୨୬୦୩୫୬୧୧୩

କଳିଙ୍ଗ ପ୍ରଦେଶ ନିର୍ମାଣରେ ଅନେକ ରାଜା ମହାରାଜା ମାନଙ୍କ ଭୂମିକା ଚିରସ୍ମରଣୀୟ। କଳା ଓ କଳାକାରକୁ ଯଦି କୌଣସି ରାଜ୍ୟ ସବୁଠୁ ଅଧିକ ସମ୍ମାନ ଦେବା ସହିତ ସେହି ରାଜ୍ୟର ଇଷ୍ଟଙ୍କ ନିକଟରେ ସମ୍ପୂର୍ଣ୍ଣ ଭାବେ ସମର୍ପିତ ହୋଇ ପ୍ରତିଟି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥାଏ ତାହା ହେଉଛି ଆମ ଉତ୍କଳ ପ୍ରଦେଶ। କିନ୍ତୁ ଯେଉଁମାନେ ଆମ ମାନଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେବା ସହ ସମୃଦ୍ଧ ଓଡ଼ିଶା ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ, ଆଜି ସେମାନେ କେବଳ ଇତିହାସ ବହିରେ। ବର୍ତ୍ତମାନର ଯୁବ ପିଢିକୁ ଯଦି ଆମେ ସେମାନଙ୍କ କଥା ପଚାରିବା, ତେବେ ଅନେକ ଗୁଗୁଲର ସହାୟତା ନେବେ। ଦୁଃଖର କଥା ସେହି ଗୁଗୁଲରେ ମଧ୍ୟ ଆମ ରାଜା ମହାରାଜାମାନଙ୍କ ବିଷୟରେ ଖୁବ୍ କମ୍ ଲେଖା ହୋଇଥିବା ବେଳେ ଅନେକଙ୍କ ଫଟୋଚିତ୍ର ମଧ୍ୟ ଉପଲବ୍ଧ ନୁହଁ । ତେଣୁ ଯେଉଁଠି ଗୋଟେ ଜାତି ଏହାର ନିର୍ମାତା ମାନଙ୍କୁ ଭୁଲିଯାଏ, ସେ ଜାତି କେତେଦିନ ଆଧୁନିକତାର ଦ୍ୱାହି ଦେଇ ଆଗକୁ ବଢିବ ?

ରାଜ୍ୟର ଅନେକ ଛକ ସ୍ଥାନରେ ଅନେକ ମହାପୁରୁଷ ମାନଙ୍କ ମୂର୍ତ୍ତି ଦେଖିବାକୁ ମିଳେ। କିନ୍ତୁ କେବେ ଆପଣ ମାନେ ଦେଖିଛନ୍ତି କି ସମ୍ରାଟ ଖାରବେଳ, ଯଯାତି କେଶରୀ, ଲାଙ୍ଗୁଳା ନରସିଂହ ଦେବ, ପ୍ରତାପରୁଦ୍ର ଦେବ, ଇନ୍ଦ୍ରଦ୍ୟୁମ୍ନ, ଚୋଡଗଙ୍ଗ ଦେବ, କପିଳେନ୍ଦ୍ର ଦେବ, ପୁରୁଷୋତ୍ତମ ଦେବ ଓ ସାଧବପୁଅ ମାନଙ୍କ ପରି ଓଡ଼ିଶା ନିର୍ମାତାଙ୍କ ପ୍ରତିମୂର୍ତ୍ତି ? କ'ଣ ସେମାନଙ୍କ ଭୂମିକା କିଛି ବି ନଥିଲା ଓଡ଼ିଶାର ନିର୍ମାଣରେ ? କୋଣାର୍କର ବିଶ୍ୱ ବିଖ୍ୟାତ ସୂର୍ଯ୍ୟ ମନ୍ଦିର , କୌଶଲ୍ୟା ଗଙ୍ଗ, ପୁରୀର ଶ୍ରୀଜଗନ୍ନାଥ ମନ୍ଦିର, ବିରଜା ମନ୍ଦିର, ଦଶାଶ୍ୱମେଧ ଘାଟ, ଲିଙ୍ଗରାଜ ମନ୍ଦିର, ଅନନ୍ତ ବାସୁଦେବ ମନ୍ଦିର, ଚଉଷଠି ଯୋଗିନୀ ମନ୍ଦିର, ସମଲେଶ୍ୱରୀ ମନ୍ଦିର, ହରିଶଙ୍କର ମନ୍ଦିର ଏମିତି ଅନେକ କିଛି ମନ୍ଦିର ତଥା ସେଥିରେ ଖୋଦିତ ଭାସ୍କର୍ଯ୍ୟ ବୟାନ କରେ ଓଡ଼ିଆ ଜାତି କିପରି ବୈଷୟିକ ଜ୍ଞାନ କୌଶଳରେ ସମଗ୍ର ବିଶ୍ୱରେ ଶୀର୍ଷ ସ୍ଥାନରେ ଥିଲା, ଯାହା ଉପରେ ଅନେକ ବୈଜ୍ଞାନିକ ମଧ୍ୟ ନିର୍ବାକ ହୋଇପଡନ୍ତି। ବାସ୍ତୁକଳା, ଲୋକ ଜୀବନ ଶୈଳୀ, ପାରିପାର୍ଶ୍ୱିକ ପରିସ୍ଥିତି, ଜନ୍ମରୁ ମୋକ୍ଷ ଯାଏ, ନୃତ୍ୟ ସଙ୍ଗୀତ ସର୍ବୋପରି ଦେବା ଦେବୀ ମାନଙ୍କୁ ନିଜର ନିହାଣ ମୁନରେ ଜୀବନ୍ତ ରୂପେ ଗଢି ତୋଳୁଥିବା ଓଡ଼ିଆ ଆଜି ନିଜର ପୂର୍ବ ଗୌରବକୁ ଭୁଲିବାରେ ଲାଗିଛି। ଆପଣ ମାନେ କୌଣସି ପାଠ୍ୟକ୍ରମ ବହିରେ ଏହି ରାଜା ମହାରାଜା ମାନଙ୍କ ବିଷୟରେ ଖୁବ୍ କମ ପଢିଥିବା ବେଳେ ସେମାନଙ୍କ ଫଟୋ ଚିତ୍ର ମଧ୍ୟ ନଥାଏ। ତା'ହେଲେ ପାଠ ପଢୁଥିବା ପିଲାଟି କଣ ପାଇଁ ଆଗ୍ରହ ପ୍ରକାଶ କରିବ ? ଯେଉଁଠି ଇତିହାସ ବହିରେ ବିକ୍ରମାଦିତ୍ୟଙ୍କ ଠାରୁ ରାଣାପ୍ରତାପଙ୍କ ଯାଏଁ ଫଟୋ ସହ ଦୀର୍ଘ ଲେଖା ଅଛି, ଯେଉଁମାନେ ସୁନାର ଭାରତ ଲୁଟ କରିବା ପାଇଁ ଆସିଥିବା ମୋଗଲ, ପର୍ତ୍ତୁଗୀଜ, ଇଂରେଜ ମାନଙ୍କ ଫଟୋ ସହ ପୂରା ଜୀବନ ବୃତ୍ତାନ୍ତ ମଧ୍ୟ ପଢ଼ା ଯାଉଛି, ସେଠାରେ ଓଡ଼ିଶାର ରାଜା ମହାରାଜା ମାନେ କଣ ପାଇଁ ଅବହେଳିତ ? କିଛି କିଛି କ୍ଷୁଦ୍ର ଅନୁଚ୍ଛେଦ ଓ ତାଙ୍କର କଳାକୃତି ହିଁ କେବେ କେବେ ଦେଖିବାକୁ ମିଳେ ଇତିହାସ ବହିରେ। ଶିକ୍ଷକ ଶିକ୍ଷୟତ୍ରୀମାନେ ମଧ୍ୟ ନିଜେ ଦେଖି ନଥିବେ ଫଟୋଚିତ୍ରରେ ଏହି ଓଡ଼ିଶାର ବରପୁତ୍ର ମାନଙ୍କୁ। ଏହାହିଁ କ'ଣ ଓଡ଼ିଆ ରାଜା ମହାରାଜାମାନଙ୍କ ପ୍ରତି ସମ୍ମାନ ? ଯେଉଁଠି ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମ, ମହାରାଷ୍ଟ୍ରରେ ଛତ୍ରପତି ଶିବାଜୀ ମହାରାଜ, ରାଜସ୍ଥାନରେ ରାଣାପ୍ରତାପ, ଉଜ୍ଜୈନରେ ମହାରାଜା ବିକ୍ରମାଦିତ୍ୟ, ପୃଥୀରାଜ ଚୌହାନ, ଝାନ୍ସୀରେ ମହାରାଣୀ ଲକ୍ଷ୍ମୀବାଇ, ରାଣୀ ଦୁର୍ଗାବତୀଙ୍କ ପରି ଅନେକ ପ୍ରଜା ମଙ୍ଗଳକାରୀ ଶାସକ ମାନଙ୍କ ପ୍ରତିମୂର୍ତ୍ତି ଶୋଭା ପାଉଛି, ତେବେ ଆମ ରାଜ୍ୟର ରାଜା ମହାରାଜା ମାନଙ୍କ ପ୍ରତି ଅବହେଳା କଣ ପାଇଁ ? ଯେଉଁଠି ବର୍ତ୍ତମାନ ସମୟରେ ନେତା ମାନେ ବଞ୍ଚି ଥାଉ ଥାଉ ନିଜ ନାମରେ ଅନେକ କିଛି ଯୋଜନା ଠୁ ନେଇ ପୁରସ୍କାର ବି ନିଜେ ନିଜକୁ ଦେଇ ଇତିହାସରେ କେମିତି ଆଗାମୀଦିନରେ ତାଙ୍କୁ ସମସ୍ତେ ମନେ ରଖିବେ ଖୁବ ତତ୍ପର ହୋଇ ପଡୁଛନ୍ତି, ଖାଲି ସେତିକି ନୁହେଁ ନିଜର ପ୍ରତିମୂର୍ତ୍ତି ଓ ଆରାଧନା ପୀଠ ମଧ୍ୟ ନିର୍ମାଣ କରିବାର ମଧ୍ୟ ଦେଖି ଯାଉଛି, ସେଠାରେ ଓଡ଼ିଆ ରାଜା ମାନଙ୍କୁ କିଏ ପଚାରେ ? ସେମାନଙ୍କ ନାମରେ କୌଣସି ଯୋଜନା ଅଛି ନା ପ୍ରତିମୂର୍ତ୍ତି ନା ଚର୍ଚ୍ଚା ଆଲୋଚନା। କୌଣସି ଓଡ଼ିଆ ନେତା, ମନ୍ତ୍ରୀ, ବିଧାୟକ କିମ୍ବା ସାଂସଦ କେବେ ସେମାନଙ୍କ ଆର୍ବିଭାବ ଦିବସ କିମ୍ବା ତିରୋଧାନ ଦିବସ ବିଷୟରେ ସାମାଜିକ ଗଣମାଧ୍ୟମରେ କେବେ ଶ୍ରଦ୍ଧାଞ୍ଜଳି ଦେବା କିମ୍ବା ଦୁଇପଦ ଲେଖିବା ମଧ୍ୟ ଦେଖିବାକୁ ମିଳେ ନାହିଁ। ଯଦି ସେମାନଙ୍କ ବିଷୟରେ ଅଧିକ ଆଲୋଚନା ଓ ଗବେଷଣା ହୋଇଥାନ୍ତା , ତେବେ ଆଜି ଓଡିଆ ନିଜର ଅସ୍ମିତାକୁ ଭୁଲି ଯାଇ ନଥାନ୍ତା। ୧୮୧୭ ମସିହାରେ ଓଡ଼ିଶାରେ ହୋଇଥିବା ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ପ୍ରଦାନ କରିବା ପାଇଁ ଦୀର୍ଘ ବର୍ଷ ଧରି ଦାବି ହୋଇ ଆସୁଥିଲା ବେଳେ ୨୦୧୭ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡିଶାର ରାଜଭବନରେ ସେମାନଙ୍କ ବଂଶଜ ମାନଙ୍କୁ ସମ୍ମାନିତ କରିଥିଲା ବେଳେ ତତ୍କାଳୀନ ରାଷ୍ଟ୍ରପତି ଭାରତ ରତ୍ନ ସ୍ୱର୍ଗତ ପ୍ରଣବ ମୁଖାର୍ଜୀ ପାଇକ ବିଦ୍ରୋହର ଦୁଇଶହ ବର୍ଷ ପାଳନ ଉତ୍ସବକୁ ନୂଆଦିଲ୍ଲୀ ଠାରେ ଉଦଘାଟନ କରିଥିଲେ। ଥରେ ଭାବି ଦେଖନ୍ତୁ ଯାହା ଓଡ଼ିଆର ହକ୍, ଓଡ଼ିଶାର ଗର୍ବ, ତାହା ଉପରେ ଦୀର୍ଘବର୍ଷ ଧରି ଦାବି କରାଯାଉଥିଲା। ଯୋଉ ଓଡ଼ିଆ ବୀର ମାନେ ଦିନେ ଗଙ୍ଗାଠାରୁ ଗୋଦାବରୀ ଯାଏ ନିଜର ସାମ୍ରାଜ୍ୟ ବିସ୍ତାର କରିଥିଲେ, ଜାଭା, ସୁମାତ୍ରା, ବାଲିରେ ଯାଇ ବାଣିଜ୍ୟ କରି ଓଡ଼ିଶାକୁ ଧନ ରତ୍ନରେ ପରିପୂର୍ଣ୍ଣ କରିଦେଇଥିଲେ, ସେମାନଙ୍କ ବଂଶଜ ମାନେ ଏବେ କେଉଁଠି ? କ'ଣ କରୁଛନ୍ତି ? ତାଙ୍କୁ ଆମେ କେତେ ପଚାରୁଛେ ? କେବେ ସମ୍ମାନିତ କରିଛେ କି ? ସେମାନଙ୍କ ଜ୍ଞାନ କୌଶଳରେ ନିର୍ମିତ କୀର୍ତ୍ତିରାଜିକୁ ଖାଲି ଦେଖିବା, ଚିତ୍ର ଉତ୍ତୋଳନ କରି ସାମାଜିକ ଗଣମାଧ୍ୟମରେ ପ୍ରକାଶ କରିବା କିନ୍ତୁ ତାଙ୍କ ପ୍ରତି ଏମିତି ଅବହେଳା ପ୍ରଦର୍ଶନ କରିବା କେତେଦୂର ଯୁକ୍ତିଯୁକ୍ତ ? ଭାରତ ସରକାରରେ ପ୍ରଥମ ଓଡ଼ିଆ ଭାବେ ଶିକ୍ଷାମନ୍ତ୍ରୀ ରୂପେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦାୟିତ୍ୱ ଗ୍ରହଣ କରିବା ସହ ଯେଉଁ ଗୌରବ ଅର୍ଜନ କରିଛନ୍ତି ତଥା ବର୍ତ୍ତମାନ ଭାରତୀୟ ଶିକ୍ଷା ପଦ୍ଧତିରେ ପରିବର୍ତ୍ତନ ଆଣି ଯେଉଁ ଜାତୀୟ ଶିକ୍ଷାନୀତି– ୨୦୨୦ ପ୍ରଣୟନ କରାଯାଉଛି, ଅନ୍ତତଃ ଓଡ଼ିଶାର ରାଜା ମହାରାଜା ତଥା ସମ୍ରାଟ ମାନଙ୍କ ବିଷୟରେ ପାଠ୍ୟପୁସ୍ତକରେ ଉପସ୍ଥାପନା କରିବାର ସମୟ ଆସିଛି। ତତ୍ ସଙ୍ଗେ ରାଜ୍ୟର ବିଭିନ୍ନ ସ୍ଥାନରେ ସେହି ମହାନ ଓଡ଼ିଆ ମାନଙ୍କ ପ୍ରତିମୂର୍ତ୍ତି ନିର୍ମାଣ, ସେମାନଙ୍କ ନାମରେ ଜନ ମଙ୍ଗଳକାରୀ ଯୋଜନା ପ୍ରଣୟନ, ତାଙ୍କ ପରିବାରକୁ ଖୋଜି ସମ୍ମାନିତ କରିବା, ନୂତନ ଗବେଷଣା ତଥା ବର୍ତ୍ତମାନ ଓ ଉତ୍ତର ପିଢି କିପରି ନିଜର ଗୌରବମୟ ଇତିହାସକୁ ଜାଣିବା ଦ୍ୱାରା ଓଡ଼ିଆ ଅସ୍ମିତା ସୁରକ୍ଷିତ ହୋଇପାରିବ ସେ ଦିଗରେ ସମସ୍ତଙ୍କ ମିଳିତ ପ୍ରୟାସ ଆବଶ୍ୟକତା ରହିଛି।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ବିରାଟଙ୍କ ପାଖରେ ଏମିତି ଡିମାଣ୍ଡ ରଖିଲେ ଗାଭାସ୍କର

**ନୂଆଦିଲ୍ଲୀ**

ପୂର୍ବତନ ଭାରତୀୟ ଅଧିନାୟକ ସୁନୀଲ ଗାଭାସ୍କର ଷ୍ଟାର ବ୍ୟାଟ୍ସମ୍ୟାନ ବିରାଟ କୋହଲିଙ୍କ ଆଗରେ ଏକ ବଡ଼ ଡିମାଣ୍ଡ ରଖିଛନ୍ତି। ଗାଭାସ୍କର ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ ଶତକ ହାସଲ କରି ତାଙ୍କର ଏବଂ ଇଂଲଣ୍ଡର ପୂର୍ବତନ ଅଧିନାୟକ ଆଲାଷ୍ଟାୟର କୁକଙ୍କ କ୍ଲବରେ ଯୋଗଦେବାକୁ କୋହଲିଙ୍କୁ କହିଥିଲେ। ସୂଚନାଯୋଗ୍ୟ, ଚଳିତ ବର୍ଷ ଶେଷରେ ଭାରତକୁ ପାଞ୍ଚ ଟେଷ୍ଟ ସିରିଜ ପାଇଁ ଅଷ୍ଟ୍ରେଲିଆ ଗସ୍ତ କରିବାକୁ ପଡିବ।

ଏକ ଇଭେଣ୍ଟରେ ଭାଷଣ ଦେଇ ଗାଭାସ୍କର କହିଛନ୍ତି ଯେ ବ୍ୟକ୍ତିଗତ ସ୍ତରରେ ମୋର ଇଚ୍ଛା ବୋଧହୁଏ ବିରାଟ କୋହଲି ତୃତୀୟ ବିଦେଶୀ ଖେଳାଳି ଭାବେ ଅଷ୍ଟ୍ରେଲିୟ ଗ୍ରାଉଣ୍ଡରେ ଷଷ୍ଠ ଶତକ କରିବେ। ମୁଁ ଭାବୁଛି ଗାବାରେ ତାଙ୍କର ଗୋଟିଏ ଶତକ ନାହିଁ, ତେଣୁ ଯଦି ସେ ଗାବାରେ ଏକ ଶତକ ସ୍କୋର କରନ୍ତି, ତେବେ ଏହାର ଅର୍ଥ ସେ ମୋର ଏବଂ ଆଲାଷ୍ଟାୟର୍ କୁକଙ୍କ ସହ ଯୋଗଦେବେ।

କୋହଲି ଅଷ୍ଟ୍ରେଲିଆରେ ୬ ଟେଷ୍ଟ ଶତକ ହାସଲ କରିଛନ୍ତି, ସଚିନ ତେନ୍ଦୁଲକରଙ୍କ ସହ ସଂଯୁକ୍ତ ଭାବେ ଜଣେ ଭାରତୀୟ ଏବଂ ତୃତୀୟ ସର୍ବାଧିକ ବିଦେଶୀ ବ୍ୟାଟ୍ସମ୍ୟାନ ଭାବେ ସର୍ବାଧିକ ସ୍କୋର। ତେବେ ସେ ବ୍ରିସବେନର ଗାବାରେ କେବେବି ଶତକ ହାସଲ କରିନାହାଁନ୍ତି। ଶେଷ ଥର ପାଇଁ ଭାରତ ଅଷ୍ଟ୍ରେଲିଆକୁ ପରାସ୍ତ କରି ନଭେମ୍ବର ୧୯୮୮ ପରଠାରୁ ଏହି ଷ୍ଟାଡିୟମରେ ଜିତିବାରେ ପ୍ରଥମ ବିଦେଶୀ ଦଳ ହୋଇଥିଲା, ସେତେବେଳେ ବି ସେ ଏହି ଗ୍ରାଉଣ୍ଡରେ ଖେଳି ନଥିଲେ।

# ଟିମ୍ ଇଣ୍ଡିଆକୁ କିଭଳି କୋଚ୍ ଆବଶ୍ୟକ ? ବିସିସିଆଇକୁ ଗାଙ୍ଗୁଲିଙ୍କ ପରାମର୍ଶ

**ନୂଆଦିଲ୍ଲୀ**

ଗୋଟିଏ ପଟେ ଟିମ୍ ଇଣ୍ଡିଆ ଆମେରିକାରେ ଟି-୨୦ ବିଶ୍ୱକପ୍ ପ୍ରସ୍ତୁତିରେ ଲାଗି ପଡ଼ିଥିବା ବେଳେ ଦେଶରେ ଏହା ବ୍ୟତିତ ଆଗାମୀ କୋଚ କିଏ ହେବ ତାହାକୁ ନେଇ ଚର୍ଚ୍ଚା ଜାରି ରହିଛି। ବିଶ୍ୱକପ୍ ପରେ ବର୍ତ୍ତମାନର କୋଚ୍ ରାହୁଲ ଦ୍ରାବିଡଙ୍କ କାର୍ଯ୍ୟକାଳ ଶେଷ ହେବ। ଏମିତିରେ ବିସିସିଆଇ ନୂଆ କୋଚ୍ ଖୋଜିବା ଆରମ୍ଭ କରିଛି। ଏଥିଲାଗି ବୋର୍ଡ ପକ୍ଷରୁ ଆବେଦନ ମଗାଯାଇଥିଲା। ଯେଉଁଥିରେ ଗୌତମ ଗମ୍ଭୀରଙ୍କୁ ପ୍ରଥମ ପ୍ରାଥମିକତା ଦିଆଯିବ ବୋଲି କୁହାଯାଉଛି। ଏବେ ଏହି ମାମଲାରେ ବିସିସିଆଇ ପୂର୍ବ ଅଧକ୍ଷ ଏବଂ ଭେଟେରାନ ଅଧିନାୟକ ସୌରଭ ଗାଙ୍ଗୁଲି ବଡ଼ ବୟାନ ଦେଇଛନ୍ତି।

ଗାଙ୍ଗୁଲି ଶନିବାର କୋଲକାତାରେ ଏକ ଇଭେଣ୍ଟରେ ହେଡ୍ କୋଚ୍ ପ୍ରସଙ୍ଗରେ ପଚରାଯାଇଥିବା ପ୍ରଶ୍ନର ଜବାବ ଦେଇଥିଲେ। ଗାଙ୍ଗୁଲି ନିଜ ବୟାନରୁ ସ୍ପଷ୍ଟ କରିଦେଲେ ଯେ ଟିମ୍ ଇଣ୍ଡିଆ ପାଇଁ ବିଦେଶୀ କୋଚ୍ ଅଥବା ଘରୋଇ କୋଚ୍ ଭଲ ରହିବ।



ଗାଙ୍ଗୁଲି କହିଛନ୍ତି, ସେ ଟିମ୍ ଇଣ୍ଡିଆ ପାଇଁ ଭାରତୀୟ କୋଚ୍ ସପକ୍ଷରେ ଅଛନ୍ତି। ଗମ୍ଭୀର ଯଦି ଏହି ଭୂମିକା ଲାଗି ଆବେଦନ କରିଛନ୍ତି ତେବେ ସେ ଭଲ କୋଚ୍ ସାବ୍ୟସ୍ତ ହେବେ। ଏହାପୂର୍ବରୁ ଅନେକ ବିଶେଷଜ୍ଞ ଏବଂ ପୂର୍ବତନ କ୍ରିକେଟର ଗମ୍ଭୀରଙ୍କୁ ନେଇ ଭିନ୍ନ ଭିନ୍ନ ରାୟ ଦେଇଛନ୍ତି। ହେଲେ ଗାଙ୍ଗୁଲି ଗମ୍ଭୀରଙ୍କୁ ସମର୍ଥନ କରିବା ବହୁତ ଗୁରୁତ୍ୱ ରଖିଛି।

ଗମ୍ଭୀରଙ୍କ ପାଖରେ କୋଚିଂର ଅନୁଭବ ନାହିଁ ହେଲେ ମେଣ୍ଟର ଭାବେ ଆଇପିଏଲ୍‌ରେ ଲଗାତାର ୩ ସିଜନ କାମ କରିଛନ୍ତି। ଗତ ୨ ବର୍ଷ ଧରି ଲକ୍ଷ୍ନୌ ସୁପର ଜିଆଣ୍ଟସ୍ ସହ ଜଡ଼ିତ ଥିଲେ। ଚଳିତ ସିଜନରେ ସେ କେକେଆର୍ ସହ ଯୋଡ଼ି ହୋଇଥିଲେ। ଦଳ ଏଥର ଟାଇଟଲ ଜିତିବାରେ ସଫଳ ହୋଇଛି।

# କ୍ରିକେଟକୁ ଅଲବିଦା କହିଲେ ଦୀନେଶ କାର୍ତ୍ତିକ



**ନୂଆଦିଲ୍ଲୀ**

ଅବସର ଘୋଷଣା କରି କାର୍ତ୍ତିକ ତାଙ୍କ ସମସ୍ତ କୋଚ, କ୍ୟାପ୍ଟେନ, ଚୟନକର୍ତ୍ତା, ଟିମ ସଦସ୍ୟ ଓ ସର୍ପୋଟ ଷ୍ଟାଫମାନଙ୍କୁ ମଧ ଧନ୍ୟବାଦ ଜଣାଇଛନ୍ତି।

କ୍ରିକେଟକୁ ବାଏବାଏ କହିଛନ୍ତି ଟିମ ଇଣ୍ଡିଆର ୱିକେଟ କିପର ଦୀନେଶ କାର୍ତ୍ତିକ। ସେ ଅନ୍ତର୍ଜାତୀୟ କ୍ରିକେଟ ସହ ସବୁ ପ୍ରକାରର ଫର୍ମାଟକୁ ଅଲବିଦା କହିଛନ୍ତି। ଏହାର ଅର୍ଥ କାର୍ତ୍ତିକ ଆଉ ଆଇପିଏଲ ମଧ ଖେଳିବେ ନାହିଁ।

ଦୀର୍ଘ ୨୦ ବର୍ଷ ଧରି କ୍ରିକେଟ ଖେଳି ଆସୁଥିବା କାର୍ତ୍ତିକ ସୋଶାଲ ମିଡିଆରେ ଗୋଟିଏ ପୋଷ୍ଟ କରି ନିଜ ଅବସର ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଛନ୍ତି। ବିଗତ କିଛି ଦିନ ହେଲା ମୁଁ ପାଇ ଆସୁଥିବା ଭଲ ପାଇବା ଓ ସମର୍ଥନ ଦେଖି ବେଶ ଉତ୍ସାହିତ।

ଏଥିପାଇଁ ମୁଁ ମୋର ସବୁ ଫ୍ୟାନ୍ସକୁ କୃତଜ୍ଞତା ଜଣାଉଛି। ଏଥିସହ ମୁଁ କ୍ରିକେଟର ସବୁ ଫର୍ମାଟକୁ ବାଏବାଏ କହୁଛି। ଆଗକୁ ଆସୁଥିବା ନୂଆ ଚ୍ୟାଲେଞ୍ଜ ପାଇଁ ମଧ ନିଜକୁ ପ୍ରସ୍ତୁତ କରୁଛି ବୋଲି କାର୍ତ୍ତିକ କହିଛନ୍ତି।

ଅବସର ଘୋଷଣା କରି କାର୍ତ୍ତିକ ତାଙ୍କ ସମସ୍ତ କୋଚ, କ୍ୟାପ୍ଟେନ, ଚୟନକର୍ତ୍ତା, ଟିମ ସଦସ୍ୟ ଓ ସର୍ପୋଟ ଷ୍ଟାଫମାନଙ୍କୁ ମଧ ଧନ୍ୟବାଦ ଜଣାଇଛନ୍ତି। ଦେଶକୁ ଏତେ ଦିନ ଧରି ପ୍ରତିନିଧିତ୍ୱ କରିବା ମୋ ପାଇଁ ସୌଭାଗ୍ୟର ବିଷୟ ବୋଲି କାର୍ତ୍ତିକ କହିଛନ୍ତି। ଦୀନେଶ କାର୍ତ୍ତିକ ଦେଶ ପାଇଁ ୩ଟି ଯାକ ଫର୍ମାଟରେ ୧୮୦ଟି ମ୍ୟାଚ ଖେଳିଛନ୍ତି।

ସେ ଟେଷ୍ଟ କ୍ରିକେଟରେ ଗୋଟିଏ ସେଞ୍ଚୁରୀ ସହ ମୋଟ ୧୭ଟି ଅର୍ଦ୍ଧଶତକ ହାସଲ କରିଥିଲେ। ଅନ୍ତର୍ଜାତୀୟ ମ୍ୟାଚରେ ସେ ୩୪୬୩ ରନ କରିଛନ୍ତି। କେବଳ ୱିକେଟ ପଛରେ ନୁହେଁ, ଆଉଟ ଫିଲ୍ଡରେ ରହି ସେ ୧୭୨ ଜଣ ବ୍ୟାଟରଙ୍କୁ ଆଉଟ କରିଛନ୍ତି।

୨୦୦୪ରେ ସେ ଉଡ଼ାନ୍ତ ଅବସ୍ଥାରେ ଇଂଲଣ୍ଡର ମାଇକେଲ ବନଙ୍କୁ ଷ୍ଟମ୍ପିଂ କରି ଚର୍ଚ୍ଚାକୁ ଆସିଥିଲେ। ୨୦୨୨ ଟି-୨୦ ବିଶ୍ୱକପରେ କାର୍ତ୍ତିକ ଶେଷଥର ପାଇଁ ଭାରତକୁ ପ୍ରତିନିଧିତ୍ୱ କରିଥିଲେ।

ସେ ସୌରଭ ଗାଙ୍ଗୁଲି, ରାହୁଲ ଦ୍ରାଭିଡ, ଅନୀଲ କୁମ୍ବଲେ, ମହେନ୍ଦ୍ର ସିଂହ ଧୋନି, ରୋହିତ ଶର୍ମା ଓ ବିରାଟ କୋହଲିଙ୍କ କ୍ୟାପ୍ଟେନ୍ସିରେ ଖେଳିବାର ଗୌରବ ହାସଲ କରିଥିଲେ।

# ବାଜିଲା ମୋହର ! ଗୌତମ ଗମ୍ଭୀର ନେବେ ରାହୁଲ ଦ୍ରାବିଡଙ୍କ ସ୍ଥାନ

**ମୁମ୍ବାଇ**

୨୦୦୭ ଏବଂ ୨୦୧୧ରେ ବିଶ୍ୱକପ୍ ଜିତିଥିବା ଭାରତୀୟ ଟିମ୍‌ର ସଦସ୍ୟ ଥିବା ଓପନିଂ ବ୍ୟାଟ୍ସମ୍ୟାନ୍ ଗୌତମ ଗମ୍ଭୀର ଭାରତୀୟ କ୍ରିକେଟ ଟିମ୍‌ର ମୁଖ୍ୟ କୋଚ୍ ହେବା ଏକପ୍ରକାର ନିଶ୍ଚିତ ହୋଇସାରିଛି। ଏକ ରିପୋର୍ଟ ଅନୁଯାୟୀ ଦ୍ରାବିଡ଼ଙ୍କ ଉତ୍ତରାଧିକାରୀ ଭାବେ ଗମ୍ଭୀରଙ୍କ ନାମର ଔପଚାରିକ ଘୋଷଣା କେବଳ ବାକି ଅଛି। ବିସିସିଆଇ ଏନେଇ ଶୀଘ୍ର ଘୋଷଣା କରିପାରେ।

ଆଇପିଏଲ୍ ୨୦୨୪ ଫାଇନାଲରେ କୋଲକାତା ନାଇଟ ରାଇଡର୍ସର ବିଜୟ ପରେ ବିସିସିଆଇ ସଚିବ ଜୟ ଶାହା ଏବଂ ଗୌତମ ଗମ୍ଭୀରଙ୍କ ମଧ୍ୟରେ ଭେଟ ମଇଦାନରେ ହୋଇଥିଲା। ଏହାପରଠାରୁ ଗମ୍ଭୀରଙ୍କୁ ଦଳର ନୂଆ କୋଚ୍ କରାଯିବାକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। କୋଚ୍ ପଦ ଲାଗି ଆବେଦନର ଅନ୍ତିମ ତାରିଖ ୨୭ ମେରେ ଥିଲା। ହେଲେ ଏଥିଲାଗି ଗମ୍ଭୀର ଆବେଦନ କରିଛନ୍ତି କି ନାହିଁ ସେନେଇ ସୂଚନା ମିଳିନାହିଁ।



# ଅପରାଜିତା ଫେୟାର ପ୍ଲେ ଏକ୍ସପର୍ଟ

**ଭୁବନେଶ୍ୱର : ନ୍ୟୁଜ୍ ବ୍ୟୁରୋ**

ଗୁଜରାଟର ଗାନ୍ଧୀନଗରଠାରେ ବିଶ୍ୱ ଜୁନିୟର ଚେସ୍ ପ୍ରତିଯୋଗିତା ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି। ୧୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ବିଶ୍ୱ ଚେସ୍ ଫେଡେରେସନ୍(ଫିଡେ) ଓଡ଼ିଶାର ଅନ୍ତର୍ଜାତୀୟ ଚେସ୍ ଖେଳାଳି ଅପରାଜିତା ଗୋଚ୍ଛିକାରଙ୍କୁ ଫେୟାର ପ୍ଲେ ଏକ୍ସପର୍ଟ (ଏଫ୍‌ପିଇ) ଭାବେ ନିଯୁକ୍ତ କରିଛି। ଭାରତ ସରକାରଙ୍କ ଯୁବ ଓ କ୍ରୀଡ଼ା ମନ୍ତ୍ରଣାଳୟ ସହାୟତାରେ ସର୍ବଭାରତୀୟ ଚେସ୍ ମହାସଂଘ ଏହି ପ୍ରତିଯୋଗିତା ଆୟୋଜନ କରୁଛି। ଅପରାଜିତା ପୂର୍ବରୁ ଚେନ୍ନାଇରେ ଆୟୋଜିତ ଫିଡେ ଚେସ୍ ଅଲିମ୍ପିଆଡ୍-୨୦୨୨ ଏବଂ ଇଟାଲିରେ ଆୟୋଜିତ ଯୁବ ବିଶ୍ୱ ଚେସ୍ ଚାମ୍ପିୟନସିପ୍ -୨୦୨୩ରେ ବିଶ୍ୱ ଚେସ୍ ଫେଡେରେସନ୍‌ର ଫେୟାର ପ୍ଲେ ପ୍ୟାନେଲ ପ୍ରତିନିଧି ଭାବେ ସଫଳତାର ସହ ଦାୟିତ୍ୱ ତୁଲାଇଛନ୍ତି। ପୁଣିଥରେ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବାକୁ ଯାଉଥିବାରୁ ଅପରାଜିତାଙ୍କୁ ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ(ଏଓସିଏ) ସମ୍ପାଦକ ଦେବବ୍ରତ ଭଞ୍ଜ ଶୁଭେଚ୍ଛା ଜଣାଇଛନ୍ତି। ପ୍ରକାଶଯୋଗ୍ୟ ଯେ ଏଥର ବିଶ୍ୱ ଜୁନିୟର ଚେସ୍‌ରେ ଆମେରିକା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସର୍ବକନିଷ୍ଠ ଗ୍ରାଣ୍ଡମାଷ୍ଟର ଅଭିମନ୍ୟୁ ମିଶ୍ର, ଭାରତୀୟ ଗ୍ରାଣ୍ଡମାଷ୍ଟର ପ୍ରଣବ ଆନନ୍ଦ ପ୍ରମୁଖ ବହୁ ଶୀର୍ଷସ୍ଥାନୀୟ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ଦୁଇ ସପ୍ତାହ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟରେ ୪୬ଟି ଦେଶରୁ ୨୩୦ ଚେସ୍ ପ୍ରତିଭା ଭାଗ ନେବାକୁ ଯାଉଛନ୍ତି।



# ଆଟମାନେଙ୍କୁ ଜରିମାନା



**ପ୍ୟାରିସ**

ଫ୍ରେଞ୍ଚ୍ ଟେନିସ ଖେଳାଳି ଟେରେନ୍ସ ଆଟମାନେଙ୍କୁ ୨୫,୦୦୦ ଆମେରିକୀୟ ଡଲାର (ପାଖାପାଖି ୨୩,୦୦୦ ୟୁରୋ) ଜରିମାନା ଆକାରରେ ଦେବାକୁ ପଡ଼ିଛି। ଏହା ହେଉଛି ତାଙ୍କ ପ୍ରାଇଜ୍‌ମନିର ଏକ ତୃତୀୟାଂଶ। ସେ ପ୍ରଥମ ରାଉଣ୍ଡ ମ୍ୟାଚ ହାରିବାପରେ କ୍ରୋଧରେ ବଲ୍‌କୁ ହିଟ୍ କରିଥିଲେ। ଘଟଣାବଶତଃ ବଲ୍‌ଟି ଷ୍ଟାଣ୍ଡରେ ବସିଥିବା ଜଣେ ଦର୍ଶକଙ୍କୁ ଆଘାତ ଦେଇଥିଲା। ୧୨୦ତମ ର୍‍ୟାଙ୍କିଙ୍ଗ୍‌ରେ ଥିବା ୨୨ ବର୍ଷୀୟ ଆଟମାନେ ଅଷ୍ଟ୍ରିଆର ସେବାଷ୍ଟିଆନ ଓଫନରଙ୍କ ବିପକ୍ଷରେ ୪ର୍ଥ ସେଟ୍‌ରେ ଏକ ପଏଣ୍ଟ ହରାଇବାପରେ ରାଗିକି ୪୯୨ ଦର୍ଶକ କ୍ଷମତା ବିଶିଷ୍ଟ କୋର୍ଟ ନଂ-୧୨ର ୱାଲ ଉପରେ ବଲ୍‌କୁ ମାରିଥିଲେ। ପ୍ରକାଶ ଯୋଗ୍ୟ ଯେ, ଫ୍ରେଞ୍ଚ୍ ଓପନ ଟେନିସରେ ପ୍ରଥମ ରାଉଣ୍ଡ ହାରିଥିବା ଖେଳାଳି ପୁରସ୍କାର ରାଶି ଆକାରରେ ୭୩,୦୦୦ ୟୁରୋ (ପାଖାପାଖି ୮୦,୦୦୦ ଆମେରିକୀୟ ଡଲାର) ପାଇଥାନ୍ତି।

# ବାଲାଜୀଙ୍କ ପ୍ରଥମ ଫ୍ରେଞ୍ଚ ଓପନ ବିଜୟ

**ପ୍ୟାରିସ**

ଭାରତର ଏନ. ଶ୍ରୀରାମ ବାଲାଜୀ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସରେ କ୍ୟାରିୟରର ପ୍ରଥମ ବିଜୟ ହାସଲ କରିଛନ୍ତି। ଏଥିସହ ସେ ଆସନ୍ତା ପ୍ୟାରିସ ଅଲିମ୍ପିକ୍ସରେ ରୋହନ ବୋପାନ୍ନାଙ୍କ ପାର୍ଟନର ହେବା ଦାବିଦାରକୁ ଦୃଢ଼ କରିଛନ୍ତି। ବାଲାଜୀ ଓ ମେକ୍ସିକୋର ମିଗୁଏଲ ଆଞ୍ଜେଲ ରିୟେସ-ଭାରେଲା ମାର୍ଟିଜେନ ଯୋଡ଼ି ୬-୩, ୬-୪ ସେଟ୍‌ରେ ଆମେରିକାର ରିସି ଷ୍ଟାଲଡେର ଓ ଡଚ୍ ଖେଳାଳି ସେମ୍ ଭେର୍ବେକ୍‌ଙ୍କୁ ହରାଇ ଦେଇଛନ୍ତି। ଜଣେ ଡବଲ୍ସ ଖେଳାଳିଭାବେ ବାଲାଜୀ ଅନେକ ଉନ୍ନତି କରିଛନ୍ତି। ତେବେ ବାଲାଜୀ ଓ ଭାମ୍ବ୍ରିଙ୍କ ମଧକୁ କାହାକୁ ପାର୍ଟନର କରିବେ ତାହା ବୋପାନ୍ନାଙ୍କ ଉପରେ ନିର୍ଭର କରିବ। ଅନ୍ୟପକ୍ଷରେ ଯୁକି ଭାମ୍ବ୍ରି ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଯୁକି ଓ ଆଲବାନୋ ଓଲିଭେଟି ଯୋଡ଼ି ୩-୬, ୬-୭(୫) ସେଟ୍‌ରେ ଅଷ୍ଟ୍ରେଲିଆର ଜନ୍ ପିଁସ ଓ ରୁଷିଆର ରୋମାନ ସାଫିଉଲିନଙ୍କଠାରୁ ପରାଜିତ ହୋଇଛନ୍ତି।



# ଟି୨୦ ବିଶ୍ୱକପ୍ ପୂର୍ବରୁ ଇଂଲଣ୍ଡର ଏହି ବୋଲରଙ୍କ ଉପରେ ବଡ଼ କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ**

ବେଟିଂ ପାଇଁ ବ୍ୟାନ୍ ହେଲେ ଇଂଲଣ୍ଡର ଦ୍ରୁତ ବୋଲର ବ୍ରାଇଡନ୍ କାର୍ସ। ଇଂଲଣ୍ଡ କ୍ରିକେଟ ବୋର୍ଡ ତାଙ୍କୁ ୨୦୧୭ରୁ ୨୦୧୯ ଯାଏ ୩୦୩ଥର ବେଟିଂ କରିବାରେ ଦୋଷୀ ସାବ୍ୟସ୍ତ କରିଛି। ଏହା ପରେ ବୋର୍ଡର ଦୁର୍ନୀତି ନିବାରଣ ସଂସ୍ଥା ତାଙ୍କୁ ୧୬ ମାସର ଦଣ୍ଡ ଦେଇଥିଲା, ଯେଉଁଥିରେ ତାଙ୍କୁ ୧୩ ମାସ ପାଇଁ ବ୍ୟାନ୍ କରାଯାଇଥିଲା। ବର୍ତ୍ତମାନ ସେ ଅଗଷ୍ଟ ୨୮ ଯାଏ କୌଣସି କ୍ରିକେଟ ଖେଳିପାରିବେ ନାହିଁ। କାର୍ସ ଏହି ଘଟଣାରେ ସହଯୋଗ କରିବା ସହ ତାଙ୍କ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗକୁ ଗ୍ରହଣ କରିଛନ୍ତି। ତେବେ ସେ ଯେଉଁ ମ୍ୟାଚ୍‌ରେ ଖେଳି ନ ଥିଲେ ସେହି ମ୍ୟାଚ୍‌ରେ ବେଟିଂ କରିଥିବା ଜଣାପଡ଼ିଛି।

କାର୍ସ ୨୦୨୧ ରେ ପାକିସ୍ତାନ ବିପକ୍ଷରେ ଡେବ୍ୟୁ କରିଥିଲେ। ସେବେଠାରୁ ସେ ୧୪ ଦିନିକିଆ ଏବଂ ୩ ଟି -୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ସେ ଦିନିକିଆରେ ୧୫ ୱିକେଟ ଏବଂ ଟି -୨୦ ରେ ୪ ୱିକେଟ ନେଇଛନ୍ତି। ଇଂଲଣ୍ଡ ଦ୍ୱାରା ୨୦୨୩ ଦିନିକିଆ ବିଶ୍ୱକପ ଦଳରେ କାର୍ସ ମଧ ଅନ୍ତର୍ଭୁକ୍ତ ହୋଇଥିଲେ। ଜେମ୍ସ ଆଣ୍ଡରସନଙ୍କ ଅବସର ପରେ ସେ ୱେଷ୍ଟଇଣ୍ଡିଜ ଗସ୍ତରେ ମଧ ଟେଷ୍ଟ ଡେବ୍ୟୁ କରିବାକୁ ଯାଉଥିଲେ। ହେଲେ ବର୍ତ୍ତମାନ ୨୮ ମଇରୁ ୨୮ ଅଗଷ୍ଟ ପର୍ଯ୍ୟନ୍ତ ନିଷେଧାଦେଶ ହେତୁ ସେ ଖେଳି ପାରିବେ ନାହିଁ। ତେବେ ଏହି ପ୍ରତିବନ୍ଧକ ସମୟରେ ପ୍ରତ୍ୟାବର୍ତ୍ତନ ପାଇଁ ସେ କଠିନ ପରିଶ୍ରମ କରିବେ ବୋଲି କାର୍ସ କହିଛନ୍ତି।

# ୪ର୍ଥ ରାଉଣ୍ଡରେ କ୍ୱାଲିଫାୟର ଓଲ୍‌ଗା, ଇଲିସାବେଟା

**ପ୍ୟାରିସ**

ଚଳିତ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟରେ ଅନେକ ଅଣସିଡେଡ ଖେଳାଳିଙ୍କ ଚମତ୍କାର ପ୍ରଦର୍ଶନ ଅବ୍ୟାହତ ରହିଛି। ସେମାନଙ୍କ ମଧ୍ୟରୁ ଇଲିସାବେଟା କୋକିଆରେଟୋ ଓ କ୍ୱାଲିଫାୟର ଓଲ୍‌ଗା ଡାନିଲୋଭିଚ୍ ପ୍ରଥମଥର ପାଇଁ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଇଟାଲୀର ଇଲିସାବେଟା ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ୧୭ଶ ସିଡ୍ ରୁଷିଆର ଲୁଡମିଲା ସାମ୍‌ସୋନୋଭାଙ୍କୁ ୭-୬(୭/୪) ଓ ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ସର୍ବିଆର ଡାନିଲୋଭିଚ୍ ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ୦-୬, ୭-୫, ୭-୬ (୧୦/୮) ସେଟ୍‌ରେ କ୍ରୋଏସିଆର ଡୋନା ଭେକିକ୍‌ଙ୍କୁ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ଏପର୍ଯ୍ୟନ୍ତ ଗୋଟିଏ ହେଲେ ସେଟ୍ ମିସ୍ କରି ନ ଥିବା ୩ୟ ସିଡ୍ କୋକୋ ଗଫ୍ ୬-୨, ୬-୪ରେ ୩୦ତମ ସିଡ୍ ଡାୟନା ୟାଷ୍ଟ୍ରେମସ୍କାଙ୍କୁ ପରାସ୍ତ କରିଛନ୍ତି। ୧୯ତମ ସିଡ୍ ଭିକ୍ଟୋରିଆ ଆଜାରେଙ୍କାଙ୍କ ଅଭିଯାନ କିନ୍ତୁ ଦ୍ୱିତୀୟ ରାଉଣ୍ଡରୁ ଶେଷ ହୋଇଛି। ସେ ଅଣସିଡେଡ ମୀରା ଆନ୍ଦ୍ରଭାଙ୍କଠାରୁ ୩-୬, ୬-୩, ୫-୭ ସେଟ୍‌ରେ ହାରି ଯାଇଛନ୍ତି। ସେହିପରି ୨୦ତମ ସିଡ୍ ଆନାସ୍ତାସିଆ ପାଭ୍‌ଲ୍ୟୁଚେଙ୍କୋଭା ମଧ ଅଣସିଡେଡ ଆନା ବୋଗଡାନଙ୍କଠାରୁ ୪-୬, ୪-୬ ସେଟ୍‌ରେ ହାରି ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ୧୦ମ ସିଡ୍ ଡାରିଆ କାସାଟକିନା ମଧ ସମଦଶା ଭୋଗିଛନ୍ତି। ସେ ଅଣସିଡେଡ୍ ପେଟନ ଷ୍ଟନର୍‌ସଙ୍କଠାରୁ ୫-୭, ୨-୬ ସେଟ୍‌ରେ ପରାସ୍ତ ହୋଇଛନ୍ତି। ଟପ୍ ସିଡ୍ ଇଗା ସ୍ୱିଡେକ ଓ ୮ମ ସିଡ୍ ଓନ୍ସ ଜାବେର ନିଜ ତୃତୀୟ ରାଉଣ୍ଡ ମ୍ୟାଚ ଜିତି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।





**ରୁବଲେଭଙ୍କ ଅଭିଯାନ ଶେଷ**

ପୁରୁଷ ସିଙ୍ଗଲ୍ସରେ ୬ଷ୍ଠ ସିଡ୍ ରୁଷିଆର ଆନ୍ଦ୍ରେ ରୁବଲେଭଙ୍କ ଅଭିଯାନ ତୃତୀୟ ରାଉଣ୍ଡରୁ ସମାପ୍ତ ହୋଇଛି। ସେ ଅଣସିଡେଡ ଇଟାଲୀର ମାଟେଓ ଅର୍ନାଲ୍ଡିଙ୍କଠାରୁ ୬-୭ (୬/୮), ୨-୬, ୪-୬ ସେଟ୍‌ରେ ହାରି ଯାଇଛନ୍ତି। ଦ୍ୱିତୀୟ ସିଡ୍ ଜାନିକ ସିନର କିନ୍ତୁ ସହଜ ବିଜୟ ସହ ୪ର୍ଥ ରାଉଣ୍ଡରେ ପହଞ୍ଚିଛନ୍ତି। ସେ ତୃତୀୟ ରାଉଣ୍ଡ ମ୍ୟାଚରେ ପାଭେଲ କୋଟୋଭଙ୍କୁ ୬-୪, ୬-୪, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ୨୮ତମ ସିଡ୍ ଟୋମାସ ମାର୍ଟିନ ଇଚେଭେରି ଦ୍ୱିତୀୟ ରାଉଣ୍ଡରେ ୱାକ୍‌ଓଭର ପାଇଛନ୍ତି। ମ୍ୟାଚ ୩-୬, ୬-୭(୮-୧୦), ୬-୧, ୫-୦ ସ୍ଥିତିରେ ଥିବାବେଳେ ପ୍ରତିଦ୍ୱନ୍ଦ୍ୱୀ ଆର୍ଥର ରିଣ୍ଡର୍କନେଚ୍ ଓହରି ଯାଇଥିଲେ।

# ସମ୍ ହସ୍ପିଟାଲ ଫୁଲନଖରା କ୍ୟାମ୍ପସ୍‌ରେ ବିଶ୍ୱ ତମାଖୁ ମୁକ୍ତ ଦିବସ ପାଳିତ

**ଭୁବନେଶ୍ୱର**
**ନ୍ୟୁଜ୍ ବ୍ୟୁରୋ**

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲର ଫୁଲନଖରା କ୍ୟାମ୍ପସ୍‌ରେ ଶୁକ୍ରବାର ବିଶ୍ୱ ତମାଖୁ ମୁକ୍ତ ଦିବସ ପାଳିତ ହୋଇଯାଇଛି। ହସ୍ପିଟାଲ୍‌ର ଇଏନ୍‌ଟି ବିଭାଗ ପକ୍ଷରୁ ଏହି ଅବସରରେ ଜନସାଧାରଣଙ୍କ ନିମନ୍ତେ ନିଶାଦ୍ରବ୍ୟ ଓ ତମାଖୁ ଠାରୁ ଦୂରେଇ ରହିବା ବିଷୟରେ ଏକ ସଚେତନତା କର୍ମଶାଳାର ଆୟୋଜନ କରାଯାଇଥିଲା। ବିଶ୍ୱରେ ତମାଖୁ ସେବନ ଜନିତ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ମନୁଷ୍ୟ ଜାତିକୁ ଏଥିରୁ ରକ୍ଷା କରିବା ସହ ପ୍ରତିକାର ଓ ଚିକିତ୍ସା ବ୍ୟବସ୍ଥା ନେଇ ଫୁଲନଖରା ସ୍ଥିତ ସମ୍ ହସ୍ପିଟାଲ ପକ୍ଷରୁ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଏହି ଅବସରରେ ତମାଖୁ ସେବନର ଭୟାବହତା ସମ୍ବନ୍ଧରେ ସଚେତନତା ବାର୍ତ୍ତା ପ୍ରେରଣ କରାଯାଇଥିଲା। ବିଶ୍ୱରେ ବର୍ଷକୁ ୬୦ରୁ ୮୦ ଲକ୍ଷ ଲୋକ କ୍ୟାନସର ଯୋଗୁଁ ମୃତ୍ୟୁବରଣ କରୁଥିବା ବେଳେ ଭାରତରେ ବାର୍ଷିକ ୧୦ରୁ ୧୨ ଲକ୍ଷ ଲୋକ ଏହି ରୋଗର ଶିକାର ହେଉଥିବା ଉପସ୍ଥିତ ବିଶେଷଜ୍ଞମାନେ ପ୍ରକାଶ କରିଥିଲେ। ମାତ୍ରାଧିକ ଗୁଟଖା ସେବନ ମୁଖ ଗହ୍ୱରର ମୁଖ୍ୟ କାରଣ ସାଜିଛି। ବିଶେଷ ଭାବେ ଯୁବ ବର୍ଗ ଏବେ ତମାଖୁ କବଳରେ ଥିବାରୁ ସେମାନଙ୍କୁ ଅଧିକ ସଚେତନ ଓ ସତର୍କ କରିବାର ଆବଶ୍ୟକତା ରହିଛି। ଚଳିତ ବର୍ଷର ପ୍ରସଙ୍ଗ 'ପ୍ରୋଟେକ୍ଟିଂ ଚିଲ୍‌ଡ୍ରେନ୍ ଫ୍ରମ ଟବାକୋ ଇଣ୍ଡଷ୍ଟ୍ରି ଇନ୍‌ଟରଫେସ୍' ସମ୍ପର୍କରେ ଏହି କର୍ମଶାଳାରେ ଆଲୋଚନା କରାଯାଇଥିଲା। ଏହି ସଚେତନତା କର୍ମଶାଳାରେ ସମ୍ ଫୁଲନଖରା କ୍ୟାମ୍ପସ୍‌ର ଡିନ୍ ପ୍ରଫେସର (ଡାକ୍ତର) ଅରକ୍ଷିତ ସ୍ୱାଇଁ, ମେଡିକାଲ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ରାଜେଶ କୁମାର ଲେଙ୍କା, ଇଏନଟି ବିଭାଗୀୟ ମୁଖ୍ୟ ଡାକ୍ତର ଖଗେଶ୍ୱର ରାଉତ ଓ ଆନେସ୍‌ଥେସିଆ ବିଭାଗର ପ୍ରଫେସର (ଡାକ୍ତର) ଶୁକଦେବ ନାଏକଙ୍କ ସମେତ ମେଡିସିନ୍, ସର୍ଜିକାଲ ଅଙ୍କୋଲୋଜି, ଇଏନଟି ଭଳି ବିଭିନ୍ନ ବିଭାଗର ଡାକ୍ତର, ନର୍ସ ଓ ଅନ୍ୟାନ୍ୟ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

# ରୋଚକ ହେବ ଟି-୨୦ ବିଶ୍ୱକପ, ବ୍ୟାଟିଂ କରୁଥିବା ଦଳକୁ ମାଗଣାରେ ମିଳିବ ୫ ରନ

**ନୂଆଦିଲ୍ଲୀ**

ଆଇପିଏଲର ଗତ ସିଜିନରେ ଇମ୍ପାକ୍ଟ ପ୍ଲେୟାର ନିୟମ ଲାଗୁ କରାଯାଇଥିଲା। ଏହି ନିୟମ ଅନୁଯାୟୀ, ଏକ ମ୍ୟାଚ ମଝିରେ ଖେଳୁଥିବା ଏକାଦଶରେ ଖେଳାଳିଙ୍କୁ ବଦଳାଇ ହେବ। ବାସ୍ତବରେ ବିସିସିଆଇ ବ୍ୟତୀତ ଆଇସିସି କ୍ରମାଗତ ଭାବରେ ନୂତନ ନିୟମ ଉପରେ କାର୍ଯ୍ୟ କରୁଛି, ଯାହାଫଳରେ କ୍ରିକେଟ ପ୍ରଶଂସକଙ୍କ ପାଇଁ ଅଧିକ ମଜାଦାର ହୋଇପାରିବ। ଏହାକୁ ଦୃଷ୍ଟିରେ ରଖି ଅନେକ ପ୍ରକାରର ନିୟମ କ୍ରମାଗତ ଭାବରେ ପରିବର୍ତ୍ତନ କରାଯାଉଛି ତେବେ ଜୁନ ୨ରୁ ଟି -୨୦ ବିଶ୍ୱକପ ୨୦୨୪ ଆୟୋଜିତ ହେଉଛି ଏହି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ବଡ ସୂଚନା ସାମ୍ନାକୁ ଆସୁଛି। ମିଡିଆ ରିପୋର୍ଟ ଅନୁଯାୟୀ, ଟି -୨୦ ବିଶ୍ୱକପରେ ଷ୍ଟପ କ୍ଲକ ନିୟମ ଲାଗୁ କରିବାକୁ ଆଇସିସି ପ୍ରସ୍ତୁତ ହେଉଛି।

କିନ୍ତୁ ଷ୍ଟପ କ୍ଲକ ନିୟମ କଣ ଆପଣ ଜାଣନ୍ତି କି? ବାସ୍ତବରେ, ଷ୍ଟପ କ୍ଲକ ନିୟମ ଲାଗୁ ହେବା ପରେ ଫିଲ୍ଡିଂ ଦଳକୁ ନୂତନ ଓଭର ଆରମ୍ଭ କରିବାକୁ ୬୦ ସେକେଣ୍ଡ ଦିଆଯିବ। ଉଦାହରଣ ସ୍ୱରୂପ, ଯଦି କୌଣସି ଦଳର ବୋଲର ତାଙ୍କ ଓଭର ଶେଷ କରନ୍ତି, ତେବେ ଦ୍ୱିତୀୟ ଓଭରକୁ ୬୦ ସେକେଣ୍ଡ ମଧ୍ୟରେ ଆରମ୍ଭ କରିବାକୁ ପଡିବ। ଏହିସମୟରେ, ତୃତୀୟ ଅମ୍ପାୟାର ୬୦ ସେକେଣ୍ଡର ଏକ ଟାଇମର ସ୍ଥିର କରିବେ, ଯାହାଫଳରେ ଫିଲ୍ଡିଂ ଦଳ ଠିକ ସମୟରେ ଓଭର ଆରମ୍ଭ କରିପାରିବେ। କିନ୍ତୁ ଯଦି ଧାର୍ଯ୍ୟ ୬୦ ସେକେଣ୍ଡ ମଧ୍ୟରେ ଦ୍ୱିତୀୟ ଓଭର ଆରମ୍ଭ କରିବାକୁ ସକ୍ଷମ ନୁହଁନ୍ତି। ତେବେ ଫିଲ୍ଡିଂ ଦଳକୁ ମୂଲ୍ୟ ଦେବାକୁ ପଡିବ। ଏହାର ପ୍ରତିବଦଳରେ ବ୍ୟାଟିଂ ଦଳ ପେନାଲ୍ଟି ଭାବରେ ୫ ରନ ପାଇବେ। ତେବେ ଏହାପୂର୍ବରୁ ଅମ୍ପାୟାର ସଂପୃକ୍ତ ଫିଲ୍ଡିଂ ଦଳକୁ ଦୁଇଥର ଚେତାବନୀ ଦେବେ, କିନ୍ତୁ ଯଦି ତୃତୀୟ ଥର ପାଇଁ ଭୁଲ କରାଯାଏ ତେବେ ବ୍ୟାଟିଂ କରୁଥିବା ଦଳ ୫ ରନ ପାଇବେ।





## ଓଡ଼ିଶା ପ୍ରେସ ଏକାଡେମୀର ୨୯ ତମ ପ୍ରତିଷ୍ଠା ଦିବସ

# କାର୍ଯ୍ୟରତ ସାମ୍ବାଦିକଙ୍କୁ ପେନ୍‌ସନ୍ ପ୍ରଦାନ ଦାବି ନେଇ ନୂଆ ସରକାରଙ୍କୁ ସ୍ମାରକପତ୍ର ଦିଆଯିବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଓଡ଼ିଶା ପ୍ରେସ ଏକାଡେମୀର ୨୯ ତମ ପ୍ରତିଷ୍ଠା ଦିବସ ତଥା ବାର୍ଷିକୋତ୍ସବ ଶନିବାର ସନ୍ଧ୍ୟାରେ ଏକାଡେମୀ କାର୍ଯ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି।
ବରିଷ୍ଠ କଂଗ୍ରେସ ନେତା ତଥା **'କଂଗ୍ରେସ ବାର୍ତ୍ତା'**ର ସଂପାଦକ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ **'କାର୍ଯ୍ୟରତ ସାମ୍ବାଦିକଙ୍କୁ ପେନ୍‌ସନ'** ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ରାଜ୍ୟର ବହୁ ପ୍ରତିଷ୍ଠିତ ତଥା ବରିଷ୍ଠ ସାମ୍ବାଦିକ ଏଥିରେ ଯୋଗ ଦେଇ କାର୍ଯ୍ୟରତ ସାମ୍ବାଦିକଙ୍କ ଏକତା ଉପରେ ଗୁରୁତ୍ୱ ଦେଇଥିଲେ। ପଡୋଶୀ ପଶ୍ଚିମବଙ୍ଗ, ତେଲେଙ୍ଗାନା, ପଞ୍ଜାବ ଓ ହରିୟାନା ଭଳି ଅନେକ ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ସମ୍ପୃକ୍ତ ରାଜ୍ୟ ସରକାରମାନେ ପେନ୍‌ସନ୍ ପ୍ରଦାନ କରୁଥିବା ବେଳେ ଓଡ଼ିଶାରେ ଏପର୍ଯ୍ୟନ୍ତ ଏହି ନାଯ୍ୟ ଦାବି ପ୍ରତି ରାଜ୍ୟ ସରକାର ସୁବିଚାର କରିନାହାଁନ୍ତି। ରାଜ୍ୟରେ ନୂଆ ସରକାର ଗଠନ ହେବା ପରେ ଜୁନ୍ ୧୯ ତାରିଖ ଦିନ ଓଡ଼ିଶା ପ୍ରେସ୍ ଏକାଡେମୀର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟି କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ପାଇଁ ପେନ୍‌ସନ୍ ବ୍ୟବସ୍ଥା ଅବିଳମ୍ବେ ଲାଗୁ କରିବା ଦାବି ସମ୍ବଳିତ ସ୍ମାରକ ପତ୍ର ପ୍ରଦାନ କରିବା ନେଇ ଆଲୋଚନା ଚକ୍ରରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ସୁଜ୍ଞାନ ଚୌଧୁରୀ, ଜୟଦେବ ବେହେରା, ବିବେକାନନ୍ଦ ଜେନା, ଗଣେଶ୍ୱର ମିଶ୍ର, ତୁଷାର ପଟ୍ଟନାୟକ, ବଳରାମ ନନ୍ଦ, ବଳରାମ କାନୁନ୍‌ଗୋ, କିଶୋର ମଙ୍ଗରାଜ, ପାର୍ଥ ସାରଥୀ ଜେନା, ରୂପାଲି ଋତୁପର୍ଣ୍ଣା, ତପସ୍ୱିନୀ ରଥ, ଜ୍ୟୋତି ପ୍ରକାଶ କରଣ, ପୁଷ୍ପଲତା ସାହୁ ପ୍ରମୁଖ ବହୁ ସାମ୍ବାଦିକ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଓଡ଼ିଶା ପ୍ରେସ ଏକାଡେମୀର ପ୍ରତିଷ୍ଠାତା ସଭାପତି ସଂଜୟ କୁମାର ପ୍ରଧାନ ଏକାଡେମୀର ଭବିଷ୍ୟତ କାର୍ଯ୍ୟକ୍ରମ ଓ ଆଭିମୁଖେ ସମ୍ପର୍କରେ ମତ ରଖିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ରାଜ୍ୟପାଳ ରଘୁବର ଦାସଙ୍କ ଦ୍ୱାରା ପ୍ରେରିତ ଏକ ବାର୍ତ୍ତା ପାଠ କରାଯାଇଥିଲା।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଜ୍ୟରେ ସନ୍ଧ୍ୟା...

ଅଭିଯୋଗ ଆସିଥିଲା। ୨୦୧୯ରେ ୩୨୭ ଏବଂ ୨୦୨୪ରେ ୧୨୪ଟି ହିଂସା ହୋଇଛି । ମୋଟ ୩୭ ହଜାର ୮୯୮ ବୁଥ କରାଯାଇଥିଲା। ୪୬୮୭ ସଖୀ ବୁଥ କରାଯାଇଥିଲା। ୧୯ଟି ବୁଥରେ ମତଦାନ ବର୍ଜନ ହୋଇଛି । ୨ ଲକ୍ଷ ୫୦ ହଜାରରୁ ଅଧିକ ପୋଲିଂ ଅଫିସର ନିଯୁକ୍ତି ହୋଇଛନ୍ତି । ୧୦୬୩ଟି ଅଭିଯୋଗ ଆସିଛି । ୧ ଲକ୍ଷ ୪୭ ହଜାର ପୋଷ୍ଟାଲ ବ୍ୟାଲେଟ ଭୋଟ ୭୫ % ମତଦାନ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ୨୮୦ କୋଟି ଟଙ୍କାର ସିଜର ଜବତ ହୋଇଛି । ୧୫ ହଜାର ୬୦ ଅଭିଯୋଗ ସିଭିଜିଲ ମାଧ୍ୟମରେ ଆସିଥିଲା । ପୁରୁଷଙ୍କ ଅପେକ୍ଷା ମହିଳାଙ୍କ ମତଦାନ ହାର ଅଧିକ ହୋଇଛି।

### ଆସିଲା ଏକଜିଟ୍ ପୋଲ...

ଦୈନିକ ଭାସ୍କର କହିଛି ଯେ ବିଜେପି ୨୮୧ରୁ ୩୫୦, ଇଣ୍ଡିଆ ୧୪୫ରୁ ୨୦୧ ଓ ଅନ୍ୟାନ୍ୟ ଦଳ ୩୩ରୁ ୪୯ଟି ଆସନ ଜିତିବେ। ଯଦି ଆମେ ପୋଲ ଅଫ ଏକଜିଟ ପୋଲ୍ସ ଦେଖିବା ତାହେଲେ ବିଜେପି ୩୫୮, ଇଣ୍ଡିଆ ୧୪୮ ଓ ଅନ୍ୟାନ୍ୟ ଦଳ ୩୭ଟି ଆସନ ଜିତିବେ।

### ୨ରୁ ୩ ଡ଼ିଗ୍ରୀ ହ୍ରାସ ...

ରହିଛି ଏବଂ ଏହା ପରେ ଓଡ଼ିଶାର ଅନେକ ଜିଲ୍ଲାରେ ବଡ଼ ପରିବର୍ତ୍ତନ ହେବାର ଆଶଙ୍କା ନାହିଁ। ଆସନ୍ତା ୨୪ ଘଣ୍ଟା ପାଇଁ କଳାହାଣ୍ଡି, ବଲାଙ୍ଗୀର, କନ୍ଧମାଳ , ସୋନପୁର, ସମ୍ବଲପୁର ଜିଲ୍ଲାରେ ହିଟ୍‌ୱେଭ ଅଧିକ ହେବାର ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସମାନ ସମୟରେ ବୌଦ୍ଧ, ନୂଆପଡା, ଝାରସୁଗୁଡ଼ା, ବରଗଡ ଜିଲ୍ଲାରେ ସାମାନ୍ୟ କମ ହିଟ୍‌ୱେଭ ଅନୁଭୂତ ହୋଇପାରେ, କିନ୍ତୁ ଏହି ଜିଲ୍ଲା ଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ସୋମବାର ବରଗଡ, ସମ୍ବଲପୁର, ସୋନପୁର, ବଲାଙ୍ଗୀର, ନୂଆପଡା ଜିଲ୍ଲାରେ ହିଟ୍‌ୱେଭ ଅନୁଭୂତ ହେବାର ସମ୍ଭାବନା ରହିଛି । ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ଯାଜପୁର, ଢେଙ୍କାନାଳ, ଖୋର୍ଦ୍ଧା, ନୟାଗଡ଼, ପୁରୀ, ଗଞ୍ଜାମ, କେନ୍ଦୁଝର ଏବଂ ଗଜପତି ଜିଲ୍ଲାରେ ମଧ୍ୟ ହିଟ୍‌ୱେଭ ସମ୍ଭାବନା ଥିବା ପାଣିପାଗ ବିଭାଗ କହିଛି।

### ଓଡ଼ିଶାରେ ବିଜେପି ...

ସପକ୍ଷରେ ଯାଇଛି । ଏହାର ଆକଳନ ଅନୁଯାୟୀ, ବିଜେପି ରାଜ୍ୟରେ ୧୫-୧୮ଟି ଲୋକସଭା ଆସନ ଜିତିବ। ବିଜେଡି ୩ରୁ ୭ଟି ଆସନ ଜିତିବ। ଗତ ଥର ଗୋଟିଏ ଆସନ ଜିତିଥିବା କଂଗ୍ରେସର ହାତ ଖାଲି ରହିପାରେ। ଋଣକ୍ୟ ପକ୍ଷରୁ କରାଯାଇଥିବା ଏକଜିଟ ପୋଲ କହୁଛି ବିଜେପି ରାଜ୍ୟରେ ୧୬ଟି ଲୋକସଭା ଆସନରେ ବିଜୟୀ ହେବ। ବିଜେଡିକୁ ୪ଟି ଆସନ ମିଳିବ। ୨୦୧୯ ଭଳି କଂଗ୍ରେସକୁ ଏଥର ମଧ୍ୟ ଗୋଟିଏ ଆସନ ମିଳିବ। ଇଣ୍ଡିଆ ନ୍ୟୁଜ୍'ର ଏକଜିଟ ପୋଲ ଅନୁଯାୟୀ ରାଜ୍ୟରେ ୨୧ଟି ଲୋକସଭା ଆସନରୁ ବିଜେପି ୧୩ଟିରେ ବିଜୟୀ ହେବ। ବିଜେଡିକୁ ୮ଟି ଆସନ ମିଳିବ। କଂଗ୍ରେସ ଗୋଟିଏ ବି ଆସନରେ ଜିତିବ ନାହିଁ। ମତରାଇଜ୍'ର ଏକଜିଟ ପୋଲ ରିପୋର୍ଟରେ ଟିକେ ଅଲଗା ତଥ୍ୟ ରହିଛି। ଏହାର ଆକଳନ କହୁଛି ବିଜେପି ୯ରୁ୧୨ଟି ଆସନ ଜିତିବ। ବିଜେଡି ହାତକୁ ୭ରୁ୧୦ଟି ଆସନ ଯିବ। କଂଗ୍ରେସ ଗୋଟିଏ ଆସନ ଜିତିପାରେ । ସେହିପରି ଏନଡି ଟିଭି'ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଓଡ଼ିଶାରେ ବିଜେପି ୧୫ଟି ଲୋକସଭା ଆସନରେ ବିଜୟୀ ହେବ। ବିଜେଡି ୩ରୁ୮ଟି ଆସନ ପାଇପାରେ। ଏଥିରେ ଉଲ୍ଲେଖ କରାଯାଇଛି ଯେ-ଏକଜିଟ ପୋଲ ଗୁଡ଼ିକର ତଥ୍ୟ କହୁଛି ଯେ ଓଡ଼ିଶାରେ ବିଜେପି ଅତିକମ୍‌ରେ ୧୫ଟି ଆସନରେ ବିଜୟୀ ହେବ। ସୂଚନାଯୋଗ୍ୟ, ୨୦୧୯ ନିର୍ବାଚନରେ ୨୧ଟି ଲୋକସଭା ଆସନରୁ ବିଜେଡି ୧୨ଟି ଜିତିଥିବା ବେଳେ ବିଜେପି ୮ ଓ କଂଗ୍ରେସ ଗୋଟିଏ ଆସନ ପାଇଥିଲେ। ୨୦୧୪ରେ ବିଜେଡି ୨୧ଟିରୁ ୨୦ଟି ଲୋକସଭା ଆସନ ଜିତିଥିଲା ।

### କେଉଁ ରାଜ୍ୟରେ...

ଦଳଗୁଡ଼ିକ କେତୋଟି ଲେଖାଏଁ ଆସନ ଜିତିବେ, ତା'ର ଆକଳନ କରାଯାଇଛି। ସଂସ୍ଥା କହିଛି ଯେ ହରିୟାଣାର ୧୦ଟି ଲୋକସଭା ଆସନରୁ ବିଜେପି ୬ରୁ ୮ଟି ଜିତିବାକୁ ଥିବା ବେଳେ ଇଣ୍ଡିଆ ମେଣ୍ଟ ୨ରୁ ୪ଟି ଓ ଅନ୍ୟାନ୍ୟ ଦଳ ଖାତା ଖୋଲିବାକୁ ସକ୍ଷମ ହେବେ ନାହିଁ। ହିମାଚଳ ପ୍ରଦେଶର ୪ଟି ଲୋକସଭା ଆସନରୁ ଏନଡିଏ ସମସ୍ତ ୪ଟି ଯାକ ଆସନରେ ବାଜିମାତ କରିବ।
ଉତ୍ତରାଖଣ୍ଡର ସମସ୍ତ ୫ଟି ଆସନ ବିଜେପି ଖାତାକୁ ଯିବ ।
ଆସାମର ୧୪ଟି ଲୋକସଭା ଆସନରୁ କଂଗ୍ରେସକୁ ୨ରୁ ୪ଟି, ବିଜେପିକୁ ୯ରୁ ୧୧ ଓ ଅନ୍ୟାନ୍ୟ ଦଳ ଖାତା ଖୋଲି ପାରିବେ ନାହିଁ ।
ପଞ୍ଜାବର ୧୩ଟି ଲୋକସଭା ଆସନରୁ ଏନଡିଏ ୨ରୁ ୪, ଆପ ୦ରୁ ୨, କଂଗ୍ରେସ ୭ରୁ ୯, ଅକାଳୀ ୨ରୁ ୩ ଓ ଅନ୍ୟାନ୍ୟ ଦଳ ଶୂନରୁ ଗୋଟିଏ ଆସନ ଜିତିବେ। ଦେଶର ରାଜଧାନୀ ଦିଲ୍ଲୀରେ ଆପ ଓ କଂଗ୍ରେସ ଏକାଠି ନିର୍ବାଚନ ଲଢୁଛନ୍ତି । କିନ୍ତୁ ବିଜେପି ଏଠାରେ ୬ରୁ ୭ଟି ଓ ଇଣ୍ଡିଆ ମେଣ୍ଟ ଶୂନରୁ ୧ ଆସନ ଜିତିପାରେ। ଗୋଆର ୨ଟି ଲୋକସଭା ଆସନରୁ କଂଗ୍ରେସ ୧ ଓ ବିଜେପି ୧ ଆସନ ଜିତିପାରେ। ରାଜସ୍ଥାନର ୨୫ଟି ଲୋକସଭା ଆସନରୁ ଏନଡିଏ ୧୬ରୁ ୧୯, ଇଣ୍ଡିଆ ୫ରୁ ୭ ଓ ଅନ୍ୟାନ୍ୟ ଦଳ ୧ରୁ ୨ଟି ଆସନ ଜିତିପାରନ୍ତି। ମଧ୍ୟପ୍ରଦେଶର ୨୯ଟି ଲୋକସଭା ଆସନରୁ ଏନଡିଏ ୨୮ରୁ ୨୯ଟି, ଇଣ୍ଡିଆ ୦-୧ ଓ ଅନ୍ୟାନ୍ୟ ଦଳ ଖାତା ଖୋଲିବେ ନାହିଁ। ଗୁଜରାଟର ୨୬ଟି ଲୋକସଭା ଆସନରୁ ଏନଡିଏ ୨୫ରୁ ୨୬ ଓ ଇଣ୍ଡିଆ ମେଣ୍ଟ ଶୂନରୁ ୧ ଆସନ ଜିତିବେ। ଛତିଶଗଡ଼ର ୧୧ଟି ଲୋକସଭା ଆସନରୁ ଏନଡିଏ ୧୦-୧୧, ଇଣ୍ଡିଆ ୦ରୁ ୧ ଓ ଅନ୍ୟାନ୍ୟ ଦଳ ଖାତା ଖୋଲି ପାରିବେ ନାହିଁ। ଝାଡଖଣ୍ଡର ୧୪ଟି ଲୋକସଭା ଆସନରୁ ଏନଡିଏ ୮-୧, ଇଣ୍ଡିଆ ୪ରୁ ୬ ଓ ଅନ୍ୟାନ୍ୟ ଦଳ ଖାତା ଖୋଲି ପାରିବେ ନାହିଁ। ବିହାରର ୪୦ଟି ଲୋକସଭା ଆସନରୁ ଏନଡିଏ ୨୯-୩୩, ଇଣ୍ଡିଆ ୭ରୁ ୧୦ ଓ ଅନ୍ୟାନ୍ୟ ଦଳ ୦ରୁ ୨ଟି ଆସନ ଜିତି ପାରନ୍ତି। କେରଳ ୨୦ଟି ଲୋକସଭା ଆସନରୁ ଏନଡିଏ ୨ରୁ ୩ଟି, ୟୁଡିଏଫ ୧୭ରୁ ୧୮ଟି ଓ ଏଲଡିଏଫ ୦-୧ଟି ଆସନ ଜିତିପାରେ। କର୍ଣ୍ଣାଟକରେ ୨୮ଟି ଲୋକସଭା ଆସନରୁ ଏନଡିଏ ୨୩ରୁ ୨୫, ଇଣ୍ଡିଆ ୩ରୁ ୫ ଓ ଅନ୍ୟାନ୍ୟ ଦଳ ଖାତା ଖୋଲି ପାରିବେ ନାହିଁ। ତାମିଲନାଡୁର ୩୯ଟି ଲୋକସଭା ଆସନରୁ ଏନଡିଏ ୨ରୁ ୪ଟି, ଇଣ୍ଡିଆ ୩୩ରୁ ୩୭ ଓ ଏଆଇଏଡିଏମକେ ୦-୨ଟି ଆସନ ଜିତି ପାରନ୍ତି।

### ଲିଙ୍ଗଗତ ସମ୍ବେଦନଶୀଳତା...

ପ୍ରୀତମ, ବରିଷ୍ଠ ଆଇନଜୀବୀ ମୀନାକ୍ଷୀ ଅରୋରା ଓ ମହାଲକ୍ଷ୍ମୀ ପାୱାନି ରହିଛନ୍ତି। ଧାରା ୪(୨)(ସି) ଅନୁଯାୟୀ ସୁପ୍ରିମ୍‌କୋର୍ଟ ବାର ଆସୋସିଏସନର ଆଇନଜୀବୀ ତଥା ପ୍ରତିନିଧି ସୌମ୍ୟଜିତ ପାଣି, ଆଇନଜୀବୀ ଅନ ରେକର୍ଡ ଅନିନ୍ଦିତା ପୂଜାରୀ, ଆଇନଜୀବୀ ମଧୁ ଚୌହାନ, ପ୍ରଫେସର ଶ୍ରୁତି ପାଣ୍ଡେ, ବରିଷ୍ଠ ଆଇନଜୀବୀ ଜୟଦୀପ ଗୁପ୍ତା ଓ ମେନକା ଗୁରୁସ୍ୱାମୀ ଏବଂ ୟୁନିଭର୍ସିଟି ଅଫ ଚିକାଗୋର ଭାରତସ୍ଥିତ ସେଣ୍ଟରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଲେନି ଚୌଧୁରୀ ଏହି କମିଟିର ଅନ୍ୟ ସଦସ୍ୟ ଅଛନ୍ତି।

### ଜୁନ ୪ ନୁହେଁ,...

ତାରିଖରେ ଘୋଷଣା କରାଯିବ। ଅରୁଣଚଳ ପ୍ରଦେଶର ସମସ୍ତ ୬୦ ବିଧାନସଭା ଆସନ ଓ ସିକ୍କିମର ୩୨ଟି ବିଧାନସଭା ଆସନ ପାଇଁ ଗତ ଏପ୍ରିଲ ୧୯ ତାରିଖରେ ଭୋଟିଂ ହୋଇଥିଲା। ଅରୁଣାଚଳ ପ୍ରଦେଶରେ ଏବେ ବିଜେପି କ୍ଷମତାରେ ରହିଛି। ବିଜେପି ସମସ୍ତ ୬୦ ଆସନରେ ପ୍ରାର୍ଥୀ ଦେଇଥିବା ବେଳେ କଂଗ୍ରେସ କେବଳ ୧୯ଟି ଆସନରେ ନେତାଙ୍କୁ ଟିକେଟ ଦେଇଥିଲା। ଏନପିପି ଓ ଏନସିପିର ମଧ୍ୟ ଏଠାରେ ବେଶ ଦବଦବା ରହିଛି । ୬୦ଟି ଆସନରୁ ବିଜେପି ନିର୍ଦ୍ୱନ୍ଦ୍ୱରେ ୧୦ଟି ଆସନ ଜିତି ସାରିଛି । ତେଣୁ ବିଜେପି ଏଠାରେ ପୁଣି ସରକାର ଗଢିବା ଏକପ୍ରକାରର ନିଶ୍ଚିତ ହୋଇଛି। ସିକ୍କିମରେ ବିଜେପି ଓ କଂଗ୍ରେସର ସେତେଟା ଦବଦବା ନାହିଁ । ଏଠାରେ ସିକ୍କିମ କ୍ରାନ୍ତିକାରୀ ମୋର୍ଚ୍ଚା ଓ ସିକ୍କିମ ଡେମୋକ୍ରାଟିକ ଫ୍ରଣ୍ଟ ମଧ୍ୟରେ ଲଢେଇ ହେଉଛି। ସିକ୍କିମରେ ଏଥର ୭୯.୮୮% ଭୋଟିଂ ହୋଇଥିଲା । ୨୦୧୯ରେ ସିକ୍କିମ କ୍ରାନ୍ତିକାରୀ ମୋର୍ଚ୍ଚା ୧୭ଟି ଓ ଏସଡିଏଫ ୧୫ଟି ସ୍ଥାନରେ ବାଜିମାତ କରିଥିଲା। ଏବେ ପ୍ରେମ ସିଂହ ତମାଙ୍ଗ ସିକ୍କିମର ମୁଖ୍ୟମନ୍ତ୍ରୀ ରହିଛନ୍ତି ।

### ଦକ୍ଷିଣ ଭାରତରେ...

ଫାଇଦା ହେଉଥିବା ଜଣାପଡିଛି। ସବୁଠାରୁ ବଡ କଥା ହେଉଛି ବିଜେପି ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଓ କେରଳରେ ଖାତା ଖୋଲିପାରେ । ଗତ ନିର୍ବାଚନରେ ଏହି ତିନି ରାଜ୍ୟରେ ବିଜେପିକୁ ଗୋଟିଏ ବି ଆସନ ମିଳିନଥିଲା। କେରଳରେ ବିଜେପି କେବେ ବି ଖାତା ଖୋଲିପାରିନାହିଁ । କିନ୍ତୁ ଏଥର କେରଳରେ ଦଳ ଖାତା ଖୋଲିବାର ସମ୍ଭାବନା ରହିଛି । ସେହିପରି ଇଣ୍ଡିଆ ଟିଭି-ସିଏନଏକ୍ସର ରିପୋର୍ଟ ଅନୁସାରେ ତାମିଲନାଡୁରେ ବିଜେପି ଏଥର ୫ରୁ ୭ ଆସନ ଜିତିପାରେ। ସେହିପରି କର୍ଣ୍ଣାଟକରେ ମୋଟ ୨୮ ଆସନରୁ ବିଜେପିକୁ ୧୮ରୁ ୨୨ଟି ଆସନ ମିଳିପାରେ। ସେହିପରି ଏହି ରିପୋର୍ଟ ଅନୁସାରେ କେରଳରେ ଏଥର ବିଜେପି ଖାତା ଖୋଲିପାରେ।

### ଭୋଟ ଦେବାକୁ ...

ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ହତ୍ୟାକାଣ୍ଡ ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ଗ୍ରାମାଞ୍ଚଳ ପୋଲିସ ପହଞ୍ଚି ସ୍ୱାମୀକୁ ଅଟକ ରଖିବା ସହ ତଦନ୍ତ ଆରମ୍ଭ କରିଛି। ପାରିବାରିକ କଳହରୁ ଏହି ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଛି।

### ଗ୍ରୀଷ୍ମପ୍ରବାହ ପାଇଁ ...

ପ୍ରଚାରକୁ ବଢ଼ାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଡାକ୍ତରଖାନାଗୁଡ଼ିକୁ ପ୍ରସ୍ତୁତ କରି ରଖାଯାଇଛି। ରୌଦ୍ରତାପ ପ୍ରଭାବିତ ସ୍ଥିତିରେ ବା ଯଦି ଏଭଳି ଅସ୍ୱାଭାବିକ ତାପମାତ୍ରାରେ ପ୍ରଭାବିତ ଯଦି କେହି ସନ୍ଦିଗ୍ଧ ବ୍ୟକ୍ତି ଡାକ୍ତରଖାନାକୁ ଆସନ୍ତି, ତେବେ ତାଙ୍କର କିପରି ଚିକିତ୍ସା କରାଯିବ, ସେ ସଂପର୍କରେ ସବିଶେଷ ନିର୍ଦ୍ଦେଶ ଆଗରୁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଦିଆଯାଇଛି। ଗତ କିଛିଦିନରେ ମଧ୍ୟ ଡାକ୍ତରମାନଙ୍କ ସହିତ ଆଲୋଚନା କରାଯାଇଛି। ଡାକ୍ତରଖାନାଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରି ରଖାଯାଇଛି । ଯଦି କୌଣସି କ୍ଷେତ୍ରରେ ଏପରି କୌଣସି ଅସୁସ୍ଥତା ଜନିତ ସନ୍ଦିଗ୍ଧ ବ୍ୟକ୍ତି ନିକଟସ୍ଥ ଡାକ୍ତରଖାନାରେ ପହଁଚନ୍ତି, ତେବେ ଡାକ୍ତରଖାନାରେ ତୁରନ୍ତ ସୁବିଧା ମିଳିପାରିବ ବୋଲି ସେ କହିଛନ୍ତି। ଏହି ଗ୍ରୀଷ୍ମ ପ୍ରବାହଜନିତ ଉତ୍ତାପ ଆହୁରି କିଛିଦିନ ରହିବ ବୋଲି ପାଣିପାଗ ବିଭାଗ ତରଫରୁ ଅନୁମାନ କରାଯାଇଛି।ଏଣୁ ଆମେ ସମସ୍ତେ ସତର୍କତା ଅବଲମ୍ବନ କରିବା, ଅଯଥାରେ ଖରାରେ ବେଶୀ ସମୟ ବୁଲାବୁଲି କରିବାନାହିଁ, ଯୁବକମାନେ ମୋଟରସାଇକେଲ ବା ଗାଡ଼ିରେ ବୁଲାବୁଲି କରୁଥିଲେ ସାଙ୍ଗରେ ହେଲମେଟ୍, ପାଣି ରଖିବେ, ଓଦା ତଉଲିଆ ରଖିବେ ଓ ବ୍ୟବହାର କରିବେ। ଶ୍ରମିକମାନଙ୍କୁ ଅତ୍ୟଧିକ ଖରାରେ କାମ କରିବାକୁ ବାଧ୍ୟ ନକରିବା, ଶ୍ରମିକମାନେ ମଧ୍ୟ ସିଧାସଳଖ ଖରାରେ ଦିନ ୧୧ଟାରୁ ୩ଟା ମଧ୍ୟରେ, ଯେତେବେଳେ ସବୁଠୁ ଅଧିକ ତାପମାତ୍ରା ଥାଏ, ସେ ସମୟରେ କାମ ନକରିବାକୁ ସେ ଅନୁରୋଧ କରିଛନ୍ତି ଏବଂ ପ୍ରତ୍ୟେକ କାର୍ଯ୍ୟସ୍ଥଳରେ ଯେଉଁଠି କ୍ୟାମ୍ପ ରହିଛି, ସେଠାରେ ଠିକାଦାରମାନେ ଥଣ୍ଡା ପାଣି ଏବଂ ଓଆରଏସ୍‌ର ବ୍ୟବସ୍ଥା କରିବେ। ଶିଳ୍ପାଞ୍ଚଳରେ ଯେଉଁମାନେ ଟ୍ରକ୍‌ରେ ଯିବାଆସିବା କରୁଛନ୍ତି, ଖଣି ଖାଦାନରେ ଯେଉଁମାନେ କାମ କରୁଛନ୍ତି, ସେମାନେ ୧୧ରୁ ୩ଟା ମଧ୍ୟରେ ମଧ୍ୟ ସେମାନଙ୍କର କାର୍ଯ୍ୟକଳାପକୁ କମ୍ କରିବା ବନ୍ଦ ରଖିବା, ଅଧିକ ଖରାରେ ଯେପରି କାମ ନକରିବେ ସେଥିପ୍ରତି ଯଥେଷ୍ଟ ଦୃଷ୍ଟି ଦେବେ। ବସରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ସାଙ୍ଗରେ ପାଣି ବୋତଲ ନେବା, ତଉଲିଆ ନେବାକୁ ପରାମର୍ଶ ଦେବା ସହ ବସ୍ ଚାଳକ ବା ବସ୍ ମାଲିକମାନେ ବସରେ ପର୍ଯ୍ୟାପ୍ତ ପରିମାଣର ଆଇସ୍ କ୍ୟୁବ୍ ବା ଥଣ୍ଡା ପାନୀୟ ଜଳ ରଖିବା, ଓଆରଏସ୍ ପ୍ୟାକେଟ ରଖିବା ଓ ଆବଶ୍ୟକ ସମୟରେ ଓଆରଏସ୍ ପାଣି ପିଇବା ପାଇଁ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଯେତେଦିନ ପର୍ଯ୍ୟନ୍ତ ପାଣିପାଗ ବିଭାଗ ତରଫରୁ ସତର୍କ କରାଯାଉଛି, ସେ ପର୍ଯ୍ୟନ୍ତ ଓଡ଼ିଶାର ସମସ୍ତ ଜନସାଧାରଣ ତଥା ଭାଇଭଉଣୀମାନଙ୍କୁ ଏଥିପ୍ରତି ସମସ୍ତ ସତର୍କତା ଅବଲମ୍ବନ କରିବାକୁ ସେ ଅନୁରୋଧ କରିଛନ୍ତି ।

## କିଟ୍ ଓ କିସ୍ ଏଫ୍‌ଆଇଭିବି ଭଲିବଲ୍ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ସହଯୋଗୀ

# ନୂଆ ଫାଉଣ୍ଡେସନ୍ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଏଫ୍‌ଆଇଭିବି ସଭାପତିଙ୍କ ଘୋଷଣା

**ଭୁବନେଶ୍ୱର, ୧।୬ ନ୍ୟୁଜ ବ୍ୟୁରୋ**
ଅନ୍ତର୍ଜାତୀୟ ଭଲିବଲ୍ ସଂଘ (ଏଫ୍‌ଆଇଭିବି) ପକ୍ଷରୁ ନୂଆକରି ଗଠନ କରାଯାଇଥିବା ଏଫ୍‌ଆଇଭିବି ଭଲିବଲ୍ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ସହଯୋଗୀ ଭାବେ ଭାରତର ଖ୍ୟାତି ସମ୍ପନ୍ନ ଅନୁଷ୍ଠାନ କିଟ୍ ଓ କିସ୍‌ର ନାମ ଘୋଷଣା କରାଯାଇଛି । ଗତ ମେ' ୩୦ ତାରିଖରେ ଏଫ୍‌ଆଇଭିବି ପକ୍ଷରୁ ସୁଇଜରଲାଣ୍ଡର ଜେନେଭାଠାରେ ଥିବା ଏହାର ମୁଖ୍ୟାଳୟରେ ନୂତନ କରି ଏଫ୍‌ଆଇଭିବି ଭଲିବଲ୍ ଫାଉଣ୍ଡେସନ୍‌ର ଶୁଭାରମ୍ଭ ଅବସରରେ ଏଫ୍‌ଆଇଭିବି ସଭାପତି ଡ. ଆରି ଗ୍ରାକା କିଟ୍ ଓ କିସ୍ ନାମ ଘୋଷଣା କରିଥିଲେ । କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ସମାଜସେବା କ୍ଷେତ୍ରରେ କରିଥିବା କାର୍ଯ୍ୟରେ ଅନୁପ୍ରାଣୀତ ହୋଇ ଏଫ୍‌ଆଇଭିବି ପକ୍ଷରୁ ଏହି ପ୍ରୟାସ ଆରମ୍ଭ ହୋଇଛି। ସମଗ୍ର ବିଶ୍ୱରେ ଭଲିବଲ ମ୍ୟାଚ୍ ଆୟୋଜନ କରି ଏଫ୍‌ଆଇଭିବି ସେଥିରୁ କିଛି ଅର୍ଥ ଦାନ ଆକାରରେ ଗ୍ରହଣ କରିବ । ଏହି ଦାନ ଅର୍ଥକୁ ଏଫ୍‌ଆଇଭିବି ବିଶ୍ୱର ବିଭିନ୍ନ ଦେଶରେ ସମାଜସେବା କ୍ଷେତ୍ରରେ ବିନିଯୋଗ କରିବା ହେଉଛି ଏଫ୍‌ଆଇଭିବି ଭଲିବଲ୍ ଫାଉଣ୍ଡେସନ୍‌ର ମୁଖ୍ୟ ଲକ୍ଷ୍ୟ । ଏଫ୍‌ଆଇଭିବି ଭଲିବଲ୍ ଫାଉଣ୍ଡେସନ୍ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟିର ସଭାପତି ଥୋମାସ ବାକ୍‌ଙ୍କ ସମେତ ସମଗ୍ର ବିଶ୍ୱରୁ ୨ଶହରୁ ଊର୍ଦ୍ଧ୍ୱ ଦେଶରେ ଥିବା ଭଲିବଲ୍ ସଂଘର ପ୍ରତିନିଧି ଓ ଅନ୍ୟାନ୍ୟ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।
ମେ' ୩୦ ତାରିଖରେ ଏ ନେଇ ଏଫ୍‌ଆଇଭିବି ଓ କିଟ୍ ଓ କିସ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟକ୍ରମ ଥିଲେ ମଧ୍ୟ ନିର୍ବାଚନ ଯୋଗୁଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଉପସ୍ଥିତ ରହି ନ ପାରିବାରୁ ଏହି ବୁଝାମଣା ପରେ ସ୍ୱାକ୍ଷରିତ ହେବ । ସୂଚନାଯୋଗ୍ୟ, କ୍ରୀଡ଼ା କ୍ଷେତ୍ରରେ କିଟ୍ ଓ କିସ୍‌ର ଅବଦାନ ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ବିଶ୍ୱରେ ଯେତେସବୁ କ୍ରୀଡ଼ା ସଂଘ ରହିଛି ସମସ୍ତେ କ୍ରୀଡ଼ା ପ୍ରତି କିଟ୍ ଓ କିସ୍‌ର ଥିବା ଅବଦାନକୁ ପ୍ରଶଂସା କରିଆସିଛନ୍ତି । ସଂପ୍ରତି ଏଫ୍‌ଆଇଭିବି କିଟ୍ ଓ କିସ୍‌କୁ ଏଫ୍‌ଆଇଭିବି ଭଲିବଲ୍ ଫାଉଣ୍ଡେସନ୍‌ର ଏକମାତ୍ର ସହଯୋଗୀ ଶିକ୍ଷାନୁଷ୍ଠାନ ଭାବେ ଗ୍ରହଣ କରିଛି । ଫାଉଣ୍ଡେସନ୍ ଶୁଭାରମ୍ଭ ଅବସରରେ ଏଫ୍‌ଆଇଭିବି ସହ କିଟ୍ ଓ କିସ୍‌ର ଲୋଗୋ ରଖି କିଟ୍ ଓ କିସ୍‌କୁ ଏହାର ସହଯୋଗୀ ଅନୁଷ୍ଠାନ ଘୋଷଣା କରାଯାଇଥିଲା । ଏହା ସହ କିଟ୍ ଓ କିସ୍‌କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏହି ସଫଳତାରେ ଖୁସି ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତ ଏଫ୍‌ଆଇଭିବି, ଏହାର ସଭାପତି ଡ. ଆରି ଗ୍ରାକ. ମହାନିର୍ଦ୍ଦେଶକ ଫାବିଓ ଆଜେଭେଦୋଙ୍କୁ ନିଜର କୃତଜ୍ଞତା ଜଣାଇଛନ୍ତି । ଡ. ସାମନ୍ତ କହିଛନ୍ତି "ମୋ ସମାଜସେବା କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଏଫ୍‌ଆଇଭିବି ବିଭିନ୍ନ ଦେଶରେ ଭଲିବଲ୍ ଆୟୋଜନ ସହ ସମାଜସେବା କରିବା ନେଇ ନିଷ୍ପତ୍ତି ନେଇଥିବାରୁ ମୁଁ ଏଫ୍‌ଆଇଭିବିକୁ ସାଧୁବାଦ ଜଣାଉଛି । ନିର୍ବାଚନ ଯୋଗୁଁ ମୁଁ ଜେନେଭାରେ ଉପସ୍ଥିତ ରହିପାରି ନ ଥିଲେ ମଧ୍ୟ ଏଫ୍‌ଆଇଭିବି କିଟ୍ ଓ କିସ୍ ଅନୁଷ୍ଠାନକୁ ଯଥେଷ୍ଟ ସମ୍ମାନୀତ କରିଛନ୍ତି ।" ସମଗ୍ର ବିଶ୍ୱରୁ କିଟ୍ ଓ କିସ୍‌କୁ ଏକମାତ୍ର ସହଯୋଗୀ ଅନୁଷ୍ଠାନ ଭାବେ ଏଫ୍‌ଆଇଭିବି ଭଲିବଲ୍ ଫାଉଣ୍ଡେସନ୍ ଗ୍ରହଣ କରିଥିବାରୁ ଏହା ଓଡ଼ିଶା ଓ ସମଗ୍ର ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ଡ. ସାମନ୍ତ କହିଛନ୍ତି ।




# ବେଦାନ୍ତର ନୂଆ ପ୍ରକଳ୍ପ: ୫ ବର୍ଷରେ ୨୦ ହଜାର ଲୋକଙ୍କୁ ମିଳିବ ସ୍ଥାୟୀ ଜୀବିକା

**ଲାଞ୍ଜିଗଡ, ନ୍ୟୁଜ ବ୍ୟୁରୋ**
ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ଆଲୁମିନିୟମ କମ୍ପାନୀ ଏକ ନୂଆ ପ୍ରକଳ୍ପ ଶୁଭାରମ୍ଭ କରିଛି। ଏହା ଜରିଆରେ ରାଜ୍ୟରେ ୨୦ ହଜାର ଲୋକଙ୍କୁ ସ୍ଥାୟୀ ନିଯୁକ୍ତି ଦେବାକୁ ଯୋଜନା ରଖାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ପ୍ରକଳ୍ପର ନାଁ ହେଉଛି 'ସଙ୍ଗମ: ଜୀବନ ପ୍ରକୃତି ଏବଂ ସଂସ୍କୃତିର ଏକ ମିଳନ'। ଏହା ପରିବେଶ ଅନୁକୂଳ ବିକାଶ ମାଧ୍ୟମରେ ଗ୍ରାମୀଣ ଚାଷୀଙ୍କୁ ସହାୟତା କରିବାକୁ ଲକ୍ଷ୍ୟ ରଖିଛି। ବର୍ତ୍ତମାନ ସୁଦ୍ଧା ୪୦ରୁ ଅଧିକ ଗାଁରେ ପ୍ରକଳ୍ପ ଗଠନ ହୋଇଥିବାବେଳେ ୫୦୦ରୁ ଅଧିକ ହିତାଧିକାରୀ ଉପକୃତ ହୋଇଛନ୍ତି । କୃଷକ ଉତ୍ପାଦକ କମ୍ପାନୀ (ଏଫପିସି) ତତ୍ତ୍ୱାବଧାନରେ କ୍ଷୁଦ୍ର ଚାଷୀମାନଙ୍କ ଏକ ଫେଡେରେସନ ଜରିଆରେ ସ୍ଥାୟୀ ଓ ଲାଭଜନକ ଅଣ କୃଷିଭିତ୍ତିକ କାର୍ଯ୍ୟକଳାପରେ ଦକ୍ଷତା ବିକାଶ ତାଲିମ ପ୍ରଦାନ କରାଯିବ। କ୍ରମାଗତ ଉତ୍ପାଦନ ଓ ଅମଳର ସର୍ବାଧିକ ସ୍ତର ହାସଲ କରିବାକୁ ବିଭିନ୍ନ କୃଷି ଅଭ୍ୟାସ ନିୟୋଜିତ କରାଯିବ। କୃଷକମାନେ କିପରି ଅଧିକରୁ ଅଧିକ ଆୟ କରିପାରିବେ ତାହା ଉପରେ ଧ୍ୟାନ ଦିଆଯିବାକୁ ପ୍ରକଳ୍ପ ଲକ୍ଷ୍ୟ ରଖିଛି । ଭୂତଳ ଜଳ ସଂରକ୍ଷଣ ଓ ଜଳ ଉପଲବ୍ଧତା ବୃଦ୍ଧି ଲାଗି ପ୍ରକଳ୍ପ ସଙ୍ଗମ ଅଧୀନରେ ଅନେକ ଜଳ ସଂପଦ ବିକଶିତ ହେବ । ଏଥିରେ ଅତିରିକ୍ତ ସଂରକ୍ଷଣ ବ୍ୟବସ୍ଥା ଓ ପୋଖରୀ ନିର୍ମାଣ, କେନାଲଗୁଡ଼ିକର ପୁନଃଥଇଥାନ, ଫସଲର ବିବିଧକରଣ ଓ ପଶୁପାଳନ ଉପରେ ଗୁରୁତ୍ୱ ଦିଆଯିବ । ଏହି ଅଞ୍ଚଳର ୬୦%ରୁ ଅଧିକ ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା କରାଯିବ ।
ବେଦାନ୍ତର ସିଇଓ(ଆଲୁମିନା ବ୍ୟବସାୟ) ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ, ଅଣସଂରକ୍ଷିତ ଗୋଷ୍ଠୀ ପାଇଁ ନିରନ୍ତର ଜୀବିକା ନିର୍ବାହ କରିବା ଓ ଏହି ଅଂଚଳର ସମାଜିକ ଆର୍ଥିକ ଉନ୍ନତି ପାଇଁ ଏକ ପରିବେଶ ଅନୁକୂଳ ବିକାଶ କରାଯାଇ ସ୍ଥାୟୀ ଜୀବିକା ନିର୍ବାହକୁ ସୁଗମ କରାଯିବ । ପ୍ରକଳ୍ପ ସଂଗମ ଆମ ଗୋଷ୍ଠୀକୁ ଆତ୍ମନିର୍ଭରଶୀଳ କରିବାରେ ସହଯୋଗ କରିବ। ଜିଲାର ଜଣେ କୃଷକ ଶଙ୍କର ଚଣ୍ଡି କହିଛନ୍ତି, ପୂର୍ବରୁ କଳାହାଣ୍ଡି ଏହାର ସ୍ୱାଦ ଓ ରଙ୍ଗ ପାଇଁ ଜଣାଶୁଣା ଥିଲା। କିନ୍ତୁ ଜଳବାୟୁର ଚରମ ପ୍ରଭାବ ଓ ଜଳାଭାବ ହେତୁ ଆଖୁ ଫସଲ କାର୍ଯ୍ୟକ୍ଷମ ହେଉନାହିଁ। ଆଜି ଏହି ପ୍ରକଳ୍ପ ମାଧ୍ୟମରେ ଆମେ ଏହାର ଉତ୍ପାଦନକୁ ପୁଣି ଥରେ ଆରମ୍ଭ କରିବୁ । ଠିକ କୃଷି ଅଭ୍ୟାସ ଓ ଜଳ ପରିଚାଳନା ହେବା ଦ୍ୱାରା ଆମେ ଆୟ ବୃଦ୍ଧି କରିବାକୁ ସକ୍ଷମ ହେବୁ ବୋଲି ବିଶ୍ୱାସ ରହିଛି । ସାମାଜିକ ପଦକ୍ଷେପ ସ୍ୱରୂପ ଶିକ୍ଷା, ସ୍ୱାସ୍ଥ୍ୟସେବା, ଜୀବିକା, ଭିତ୍ତିଭୂମି, ମହିଳା ସଶକ୍ତୀକରଣ, ପରିମଳ, ପରିବେଶର ଉନ୍ନତି ଓ ତୃଣମୂଳ ସ୍ତରୀୟ କ୍ରୀଡ଼ା ପ୍ରତି ସମର୍ଥନ ଯୋଗାଇ ଦେଉଛି। ୩୭୮ରୁ ଅଧିକ ଏସଏଚଜିରେ ୪୦୦୦ରୁ ଅଧିକ ମହିଳାଙ୍କୁ ସଶକ୍ତ କରାଯାଇଛି। ବାର୍ଷିକ ପ୍ରାୟ ୬୦,୦୦୦ ଲୋକଙ୍କୁ ଉନ୍ନତ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ଲାଞ୍ଜିଗଡ଼ରେ ଶିକ୍ଷାର ପ୍ରସାର ଲାଗି ଡିଏଭି ଆନ୍ତର୍ଜାତିକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି।



## ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ



**କଣ୍ଟାବାଞ୍ଜି, ନ୍ୟୁଜ ବ୍ୟୁରୋ**
ବାଲାଙ୍ଗିର ଜିଲା କଣ୍ଟାବାଞ୍ଜି ରେଳ ଷ୍ଟେସନରେ ଏକ ମାଲ ଗାଡିର ୪ଟି ବଗି ଲାଇନଚ୍ୟୁତ ହୋଇଛି । ଯାହା ଫଳରେ ରେଳଯାତ୍ରା ବାଧାପ୍ରାପ୍ତ ହୋଇଛି । ସୂଚନା ଅନୁସାରେ ଗତକାଲି ବିଳମ୍ବିତ ରାତିରେ ରେ ଏକ ମାଲବାହୀ ଟ୍ରେନ ରାୟପୁର ପଟୁ ଆସୁଥିଲା। କୌଣସି କାରଣରୁ ଟ୍ରେନର ଦୁର୍ଘଟଣା ହୋଇଥିବାରୁ ୪ଟି ବଗି ଲାଇନଚୁତ ହୋଇଛି। ଟ୍ରେନରେ ଚାଉଳ ବୋଝେଇ ହୋଇ ଥିବା ଜଣାପଡିଛି । ତେବେ ବର୍ତ୍ତମାନ ଉଦ୍ଧାର କାର୍ଯ୍ୟ ଜାରି ଅଛି। ଏଥିରେ କୌଣସି ଲୋକଙ୍କ କ୍ଷତି ହୋଇନାହିଁ। ବିପୁଳ ପରିମାଣର ଚାଉଳ ନଷ୍ଟ ହୋଇଛି ।, କ୍ରେନ୍ ସାହାଯ୍ୟରେ ବଗି ପୁନଃ ଲାଇନରେ ଅବସ୍ଥାପିତ କରାଯାଉଛି।


ଯାଜପୁର : ବିଜେଡିର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ନିଜ ଗ୍ରାମ ବାହାବଳପୁର ବୁଥ୍‌ରେ ଭୋଟ୍ ଦେଉଛନ୍ତି। (ଫଟୋ : ସମ୍ବାଦ କଳିକା)

# ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ତାଳଚେର ଅଞ୍ଚଳ ପରିଦର୍ଶନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଶନିବାର ତାଳଚେର ଅଞ୍ଚଳ ପରିଦର୍ଶନ କରି ରେଳବାଇ ଭିତ୍ତିଭୂମି ବିକାଶ ଏବଂ ଟ୍ରାଫିକ ସୁବିଧା ସମେତ ତାଳଚେର ଅଞ୍ଚଳରେ ଚାଲୁଥିବା ନିର୍ମାଣ କାର୍ଯ୍ୟ ନିରୀକ୍ଷଣ କରିଛନ୍ତି । ମହାପ୍ରବନ୍ଧକଙ୍କ ଏହି ନିରୀକ୍ଷଣ ସମୟରେ ପୂର୍ବତଟ ରେଳପଥ ମୁଖ୍ୟାଳୟର ପ୍ରମୁଖ ଓ ବରିଷ୍ଠ ଅଧିକାରୀ ଏବଂ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଶ୍ରୀ ଏଚ୍ ଏସ୍ ବଜୱା ପ୍ରମୁଖ ଯୋଗଦାନ କରିଥିଲେ । ନିରୀକ୍ଷଣ ସମୟରେ ଶ୍ରୀ ଫୁଙ୍କୱାଲ ଭିତ୍ତିଭୂମି କାର୍ଯ୍ୟର ସମୀକ୍ଷା କରିବା ସହ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକଳ୍ପ ସମାପ୍ତି ପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ମହାପ୍ରବନ୍ଧକ ମଧ୍ୟ ତାଳଚେର ଅଞ୍ଚଳରେ ରେଳବାଇ ସାଇଡିଙ୍ଗ ନିରୀକ୍ଷଣ କରି ଉନ୍ନତ ଟ୍ରାଫିକ ଗତିବିଧି ପାଇଁ ପରାମର୍ଶ ଦେଇଛନ୍ତି। ଟ୍ରାଫିକ ସୁବିଧା କାର୍ଯ୍ୟର ସମୀକ୍ଷା କରି ମହାପ୍ରବନ୍ଧକ ଶ୍ରୀ ଫୁଙ୍କୱାଲ ସଂପୃକ୍ତ ଅଧିକାରୀମାନଙ୍କୁ ଅସୁବିଧା ମୁକ୍ତ ଟ୍ରାଫିକ ଗତିବିଧି ପାଇଁ ଗତିଶୀଳତାକୁ ଉନ୍ନତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ବ୍ୟତୀତ ମହାପ୍ରବନ୍ଧକ ତାଳଚେର ଅଞ୍ଚଳର ବିଭିନ୍ନ କୋଲିଆରୀରୁ ଦେଶର ବିଭିନ୍ନ ଗନ୍ତବ୍ୟସ୍ଥଳକୁ ଶୀଘ୍ର କୋଇଲା ଉତ୍ତୋଳନ କରି ପରିବହନ ଉପରେ ଗୁରୁତ୍ୱାରୋପ କରିଥିଲେ ।



**ପୂର୍ବ ତଟ ରେଳପଥ**
ସଂ.MCS/Stores/E-Procure/Tender Notice/5422/228, ତା.23.05.2024ରିଖ
ଟେଣ୍ଡର ସଂ.92245422, ବିବରଣୀ: 25 KVA ଅଣ୍ଡର ସ୍ଲଙ୍ଗ୍ ଇନଭର୍ଟର୍ (slung inverter), ପରିମାଣ: 06 ଗୋଟି) ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.24.06.2024 ରିଖ 1500 ଘଟିକାରେ ।
ଉପରୋକ୍ତ ଇ-ଟେଣ୍ଡରର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ।
ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର, ଭୁବନେଶ୍ୱର
PR-166/P/24-25

**ଦକ୍ଷିଣ ପୂର୍ବ ମଧ୍ୟ ରେଲୱେ**
ଇ-ଟେଣ୍ଡର ନୋଟିସ ନଂ NIT / ୧୪/୨୪/୨୮ ତାରିଖ : ୦୮.୦୫.୨୦୨୪

| କ୍ର ସଂ | ଟେଣ୍ଡର ସଂଖ୍ୟା | ସଂକ୍ଷିପ୍ତ ବିବରଣୀ | ଟେଣ୍ଡର ବନ୍ଦ / ଖୋଲିବାର ତାରିଖ ଏବଂ ସମୟ | ପରିମାଣ |
|---|---|---|---|---|
| 1 | 08242033 | ଗ୍ରୀସ ସେଲ୍ ଗାଡସ ଏସ୍ ୩ ଭି ୨୨୦ ସି୨ | ୧୦/୬/୨୦୨୪ ୧୦.୩୦ ସମୟ | ୩୧୬୪ |
| 2 | 03242059 | ଏଲାଷ୍ଟୋମର ୟୁନିଟ୍ (ରବର ପ୍ୟାଡ୍ ଆର ଏଫ୍-୮) ଫର ଆର ଏଫ୍-୩୬୧ ଡ୍ରାଫ୍ଟ ଗିୟର | ୧୧/୦୬/୨୦୨୪ ୧୦.୩୦ ସମୟ | ୩୦୧୩ ଟି |
| 3 | 03242917 | ପଲି କାର୍ବୋନେଟ୍ ସିଟ୍ | ୨୦/୦୬/୨୦୨୪ ୧୦.୩୦ ସମୟ | ୫୧ ଟି |
| 4 | 04241194 | ଷ୍ଟାଣ୍ଡାର୍ଡ ଏନିଲ୍ଡ କପର ଜମ୍ପର ୱେୟାର | ୨୪/୦୬/୦୨୦୨୪ ୧୦.୩୦ ସମୟ | ୪୫୫୯ କେ.ଜି. |
| 5 | 06240083 | ରେଟ୍ କଣ୍ଟାକ୍ଟ ଫର ସପ୍ଲାଇ ଅଫ୍ ଓଭର ରାଇଡିଂ କର୍ଭଡ୍ ସୁଇଚେସ-୬୦ କେଜି. ୧ ଇଞ୍ଚି ୮.୫ | ୨୪/୦୬/୨୦୨୪ ୧୦.୩୦ ସମୟ | ୯୨ ସେଟ୍ |

ରେଳବାଇର କୌଣସି ଟେଣ୍ଡର ନିମନ୍ତେ ସୁଧିପତ୍ର ଜାରି କରିବାର ଅଧିକାର ରହିଛି । ସୁଧିପତ୍ର ଓ ଇ ଖରିଦ୍‌ରେ ଜରୁରୀ ସୂଚନା ଭେଣ୍ଡର www.ireps.gov.in. ଦେଖିପାରିବେ।
ସହାୟକ ସାମଗ୍ରୀ ପ୍ରବନ୍ଧକ -୧
ଦକ୍ଷିଣ ପୂର୍ବ ମଧ୍ୟ ରେଲୱେ, ବିଳାସପୁର
ସିପିଆର/ ୧୦/୭୩

ଭୁବନେଶ୍ୱର
୨ ଜୁନ୍
ରବିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ରଥଖଳା ହାଲ୍‌ଚାଲ: ଆଗେଇ ଚାଲିଛି ରଥ ନିର୍ମାଣ କାର୍ଯ୍ୟ



**ପୁରୀ, ୦୧/୦୬ ନ୍ୟୁଜ ବ୍ୟୁରୋ**
ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ନିମନ୍ତେ ରଥ ନିର୍ମାଣ କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି । ତିନି ରଥର ୨୪ ଗୋଟି ରଥ ଚକ ନିର୍ମାଣ ଶେଷ ହୋଇଛି । ତିନି ରଥର ଚକ ନିର୍ମାଣ ସହ ତିନିରଥ ମୁହାଣ୍ଟ ଏବଂ ନିରାଡି ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରତି ରଥର ଚାରି ପାର୍ଶ୍ୱରେ ଗୋଟିଏ ଗୋଟିଏ ନିରାଡି ଏବଂ ଗୋଟିଏ ଗୋଟିଏ ମୁହାଣ୍ଟ ଲାଗିଥାଏ । ଦୁଇଟି ମୁହାଣ୍ଟ ଏବଂ ଦୁଇଟି ନିରାଡ଼ି ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏହି ମୁହାଣ୍ଟ ଉପରେ ଗୁଜ ସଂଯୋଗ କରାଯିବା ପରେ ଗୁଜ ଉପରେ ନିରାଡ଼ି ପଡ଼ି ଗଧଳ ମୋଡା ହୁଏ । ତାଳଧ୍ୱଜ ରଥର ୧୪ ଚକ ମଧ୍ୟରୁ ୯ ଗୋଟି ଚକ ନିର୍ମାଣ ଶେଷ ହୋଇଛି। ଦଶମ ଚକର ପଇ କଳସା ସହ ୧୧ ତମ ଚକ ସିଙ୍ଗଡ଼ାରେ ପଇ ସଂଯୋଗ ସହ ନିରାଡି ଏବଂ ମୁହାଣ୍ଟ ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଶନିବାର ସୁଦ୍ଧା ଦର୍ପଦଳନ ରଥର ୧୨ ଗୋଟି ଚକ ମଧ୍ୟରୁ ଦେବୀ ରଥର ମହାରଣା ସେବକମାନେ ୯ଗୋଟି ଚକ ନିର୍ମାଣ ଶେଷ କରିଛନ୍ତି। ଏହାଛଡା ଦୁଇଟି ଲେଖାଏଁ ନିରାଡି ଏବଂ ମୁହାଣ୍ଟର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନନ୍ଦିଘୋଷ ରଥର ୧୬ ଗୋଟି ଚକ ମଧ୍ୟରୁ ମହାରଣା ସେବକମାନେ ୧୦ ଗୋଟି ଚକ ନିର୍ମାଣ ଶେଷ କରିଛନ୍ତି । ଏଥିସହ ଏକାଦଶ ଚକର ପଇ କଳସା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଦ୍ୱାଦଶ ଚକର ପଇ ସାଲ ଶେଷ ହୋଇ ତୁମ୍ବ ଅଖ ବିନ୍ଧର ଠେକ ତିଲିଆ କାର୍ଯ୍ୟ ଜାରୀ ରହିଛି । ଏଥିସହ ନନ୍ଦିଘୋଷ ରଥର ଦୁଇଟି ଲେଖାଏଁ ନିରାଡି କାଠର ଚଉପଟ ଶେଷ ହୋଇ ଦୁଇଟି ମୁହାଣ୍ଟର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରୂପକାର ସେବକମାନେ ତିନି ରଥର ସାଲଗୁଜ ବା କୋଣଗୁଜ ଗୁଡିକରେ ରୂପ ଖୋଦେଇ ଜାରୀ ରଖିବା ସହ ଶେଷ ହୋଇଥିବା ଖୋଦେଇ ରୂପ ଗୁଡ଼ିକରେ ବାଲି କାଗଜ ଦ୍ୱାରା ପଲିସ କାର୍ଯ୍ୟ ଜାରୀ ରଖିଛନ୍ତି। ଦୋଳ ବେଦୀ ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ତିନି ରଥର ଅର କଣ୍ଟା, ପନ୍ଦାରି ନିର୍ମାଣ ଶେଷ କରି ତିନି ରଥର ଯୋକା କଣ୍ଟା ନିର୍ମାଣ ଜାରି ରଖିଛନ୍ତି ।



ଭୁବନେଶ୍ୱର : ରାଜ୍ୟରେ ଅପରାଧୀଙ୍କୁ ସୁରକ୍ଷା ଦିଆଯିବା ପ୍ରତିବାଦରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ସମ୍ମୁଖରେ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ : ସମ୍ବାଦ କଳିକା)

# ପଞ୍ଚଭୂତରେ ଲୀନ ହେଲେ ପଦ୍ମଶ୍ରୀ ମାଗୁଣି କୁଅଁର





**କେନ୍ଦୁଝର, ୦୧/୦୫ ନ୍ୟୁଜ ବ୍ୟୁରୋ**
ଶନିବାର ବିଶିଷ୍ଟ କାଠି କଣ୍ଢେଇ ନୃତ୍ୟ ଗୁରୁ ତଥା ପଦ୍ମଶ୍ରୀ ମାଗୁଣି ଚରଣ କୁଅଁରଙ୍କ ଦେହାନ୍ତ ହୋଇଛି । ୮୯ ବର୍ଷ ବୟସରେ ତାଙ୍କ ନିଜସ୍ୱ ଘର ପୁରୁଣା ସହରର ବୈଦ୍ୟରାଜ ସାହିରେ ତାଙ୍କ ମୃତ୍ୟୁ ହୋଇଛି । ସେ କିଛି ଦିନ ହେବ ଗୁରୁତର ଥିଲେ । ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଯୋଗୁଁ ତାଙ୍କୁ ଘର ଲୋକେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । କଣ୍ଢେଇ ନୃତ୍ୟକୁ ନିଜର ଅକ୍ଳାନ୍ତ ପରିଶ୍ରମ ଦ୍ୱାରା ବିଶ୍ୱ ଦରବାରରେ ପରିଚିତ କରି ଥିବାରୁ ତାଙ୍କୁ ଭାରତ ସରକାର ୨୦୨୩ ମସିହାରେ ପଦ୍ମଶ୍ରୀରେ ସମ୍ମାନିତ କରିଥିଲେ। ଗତ କିଛିଦିନ ତଳେ ସେ ତାଙ୍କ ବଡ ପୁଅଙ୍କୁ ହରାଇଥିବା ବେଳେ କିଛି ବର୍ଷ ପୂର୍ବେ ତାଙ୍କ ସାନ ପୁଅଙ୍କୁ ହରାଇ ଥିଲେ । ଏହି ସବୁ ଦୁଃଖଦ ଘଟଣାକୁ ଭାବି ଭାବି ତାଙ୍କ ଶରୀର ଅସୁସ୍ଥ ରହୁଥିଲେ । ତାଙ୍କ ମୃତ୍ୟୁ ପରେ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। ତାଙ୍କର ଶେଷ ଦର୍ଶନ ପାଇଁ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସୁଅ ଛୁଟିଥିଲା। ପ୍ରଶାସନ ପକ୍ଷରୁ ତାଙ୍କୁ ସସମ୍ମାନ ଶ୍ରଦ୍ଧାଞ୍ଜଳି ଦେବାର କାର୍ଯ୍ୟକ୍ରମ ଥିଲା । ଏହା ସହ ତାଙ୍କ ମର ଶରୀରକୁ ସହର ପରିକ୍ରମା କରିବା ନେଇ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯିବା ନେଇ ଘର ଲୋକଙ୍କ ସହ ଆଲୋଚନା ହୋଇଥିଲା । କିନ୍ତୁ ଦୀର୍ଘ ସମୟ ଅପେକ୍ଷା ପରେ ମଧ୍ୟ ଜିଲ୍ଲା ପ୍ରଶାସନ ଏକ ବିନା ସୁସଜ୍ଜିତ ଆମ୍ବୁଲାନ୍ସ ଘର ନିକଟକୁ ପଠାଇ ଦେଇଥିଲା । ଏହାକୁ ପରିବାର ଲୋକଙ୍କ ସହ ବୁଦ୍ଧିଜୀବୀ ବିରୋଧ କରିଥିଲେ । ଫଳରେ ଆମ୍ବୁଲାନ୍ସଟିକୁ ଫେରିବାକୁ ପଡ଼ିଥିଲା । ସ୍ଥାନୀୟ ସ୍ୱେଚ୍ଛାସେବୀ ଓ ଶୁଭେଚ୍ଛୁଙ୍କ ସହାୟତାରେ ଏକ ସୁସଜ୍ଜିତ ଗାଡିରେ ପଦ୍ମଶ୍ରୀଙ୍କ ମର ଶରୀରକୁ କେନ୍ଦୁଝର ବଜାର ପରିକ୍ରମା କରାଯାଇଥିଲା । ପରେ ତାଙ୍କ ଘର ନିକଟସ୍ଥ ଶ୍ମଶାନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହାପରେ ପୋଲିସ ପକ୍ଷରୁ ଗାର୍ଡ ଅଫ ଅନର ପ୍ରଦାନ ପରେ ତାଙ୍କ ମର ଶରୀରରେ ତାଙ୍କ ନାତି ମୁଖାଗ୍ନି ପ୍ରଦାନ କରିଥିଲେ। ଜିଲ୍ଲା ପ୍ରଶାସନର ପଦ୍ମଶ୍ରୀଙ୍କୁ ଅବହେଳା ନେଇ ଅଭିଯୋଗ କରିଥିବା ବେଳେ ସ୍ଥାନୀୟ ରାଜନେତା ମାନେ ମଧ୍ୟ କ୍ଷୋଭ ପ୍ରକାଶ କରିଥିଲେ । ଏନେଇ ଜିଲ୍ଲା ପ୍ରଶାସନକୁ ପଚାରିବାରୁ ତାଙ୍କ ଘର କାର୍ଯ୍ୟ ନେଇ ଅସନ୍ତୋଷ ରହିଛି ଶୀଘ୍ର ଏହାର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ । ଏହି ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ଅନନ୍ତ ନାୟକ, ସଦର ବିଧାୟକ ମୋହନ ଚରଣ ମାଝୀ, ଜିଲ୍ଲା ପରିଷଦ ସିଇଓ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟଙ୍କ ସହ ବହୁ ପୋଲିସ, ଜିଲ୍ଲା ପ୍ରଶାସନର ଅଧିକାରୀ ଓ ବୁଦ୍ଧିଜୀବୀ ଉପସ୍ଥିତ ରହିଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର, ୧/୬ ନ୍ୟୁଜ ବ୍ୟୁରୋ**
ବିଶିଷ୍ଟ କଣ୍ଢେଇ ନୃତ୍ୟଗୁରୁ ପଦ୍ମଶ୍ରୀ ମାଗୁଣି ଚରଣ କୁଅଁରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେନ୍ଦୁଝର ଜିଲ୍ଲାର ଗୁରୁ ମାଗୁଣି କୁଅଁରଙ୍କର ଓଡ଼ିଶାର ଲୁପ୍ତପ୍ରାୟ କଣ୍ଢେଇ ନାଚ ପରମ୍ପରାକୁ ଉଜ୍ଜିବୀତ କରି ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଅନେକ ପୁରସ୍କାର ଓ ସମ୍ମାନର ଅଧିକାରୀ ଗୁରୁ ମାଗୁଣି କୁଅଁରଙ୍କ ବିୟୋଗ ଓଡ଼ିଶାର ପାରମ୍ପରିକ କଳା ଜଗତ ପାଇଁ ଅପୂରଣୀୟ କ୍ଷତି ଘଟିଛି। ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛନ୍ତି।

# ଅସ୍ୱାଭାବିକ ମୃତ୍ୟୁ : ରାଉରକେଲା ସରକାରୀ ହସ୍ପିଟାଲରେ ସ୍ୱତନ୍ତ୍ର ମେଡିକାଲ ଟିମ୍

**ସୁନ୍ଦରଗଡ, ୧/୦୬ ନ୍ୟୁଜ ବ୍ୟୁରୋ**
ରାଉରକେଲାରେ ପହଞ୍ଚିଲା ସ୍ୱତନ୍ତ୍ର ମେଡିକାଲ୍ ଟିମ୍। ସରକାରୀ ହସ୍ପିଟାଲରେ ପହଞ୍ଚିଛନ୍ତି ୩ ଜଣିଆ ଡାକ୍ତରୀ ଟିମ୍। ଅସ୍ୱାଭାବିକ ମୃତ୍ୟୁକୁ ନେଇ ୩ଜଣିଆ ଟିମ୍ ତଦନ୍ତ କରିବ। ସୁନ୍ଦରଗଡ଼ ଜିଲ୍ଲାରେ ଅସ୍ୱାଭାବିକ ମୃତ୍ୟୁ ସଂଖ୍ୟା ୨୮ଟପିଛି। ରାଉରକେଲା ଓ ଏହାର ଆଖପାଖ ଅଞ୍ଚଳରେ ରୌଦ୍ରତାପ ଜନିତ ମୃତ୍ୟୁ ସଂଖ୍ୟା ୨୩ ଟପିଥିବାବେଳେ ସୁନ୍ଦରଗଡ଼ରେ ୫ଜଣଙ୍କ ମୃତ୍ୟୁ ଘଟିଛି। ସମସ୍ତ ମୃତ୍ୟୁ ଅଂଶୁଘାତ ଜନିତ ବୋଲି ଅଭିଯୋଗ ହେଉଛି। ଅଂଶୁଘାତ ଜନିତ ପ୍ରକୃତ ମୃତ୍ୟୁ ନେଇ ଆସିଥିବା ଅଭିଯୋଗ ସହିତ ସରକାରୀ ତଥ୍ୟରେ ତାଳମେଳ ରହୁ ନ ଥିବାରୁ ଜନସାଧାରଣ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ରାଉରକେଲାରେ ଗୁରୁବାର ରାତି ୧୦ଟା ସୁଦ୍ଧା ୧୦ଜଣଙ୍କର ଓ ରାତି ୧୨ଟା ସୁଦ୍ଧା ଆଉ ଚାରିଜଣଙ୍କ ମୃତ୍ୟୁ ଘଟିଥିଲା। ଶୁକ୍ରବାର ୧୪ ମଧ୍ୟରୁ ୧୨ ଶବ ଚିହ୍ନଟ କରାଯାଇ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅଚିହ୍ନା ୨ଟି ଶବର ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ଶୁକ୍ରବାର ଆଉ ୪/୫ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଥିଲେ ହେଁ ଏ ନେଇ ସ୍ୱାସ୍ଥ୍ୟ ବିଭାଗ ମୁହଁ ଖୋଲୁନାହିଁ। ଏମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ହାସପାତାଳ ପହଞ୍ଚିବା ପୂର୍ବରୁ ମୃତ୍ୟୁ ଘଟିଥିବା ଜଣାଯାଇଛି। ରାଉରକେଲା ସରକାରୀ ହାସପାତାଳରେ ଅଂଶୁଘାତରେ ଆକ୍ରାନ୍ତ ୩୧ ଜଣଙ୍କୁ ଭର୍ତ୍ତି କରାଯାଇଛି। ସେଠାରେ ଗୁରୁବାର ୧୪ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଶୁକ୍ରବାର ଆଉ ୯ଜଣଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି। ଅଧିକ ୧୧ଜଣଙ୍କୁ ଗୁରୁତର ଅବସ୍ଥାରେ ହାସପାତାଳ ଅଣାଯାଇଥିବା ଯୋଗୁଁ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିବା ଆଶଙ୍କା କରାଯାଉଛି।



## ପୁରୀ ବାଣ ବିସ୍ଫୋରଣ ଘଟଣା : ଆଉ ଜଣେ ମୃତ, ମୃତ୍ୟୁ ସଂଖ୍ୟା ୮

**ପୁରୀ, ୧/୦୫ ନ୍ୟୁଜ ବ୍ୟୁରୋ**
ପୁରୀ ନରେନ୍ଦ୍ର ପୁଷ୍କରିଣୀ ବାଣ ବିସ୍ଫୋରଣ ଘଟଣାରେ ଶନିବାର ଆଉ ଜଣଙ୍କ ମୃତ୍ୟୁ ଘଟିଛି। ଫଳରେ ମୃତ୍ୟୁ ସଂଖ୍ୟା ୮କୁ ବୃଦ୍ଧି ପାଇଛି। ଆଉ ଜଣଙ୍କ ମୃତ୍ୟୁ ହୋଇଥିବା ନେଇ ଏସଆରସିଙ୍କ ପକ୍ଷରୁ ସୂଚନା ମିଳିଛି। ବିଭିନ୍ନ ମେଡିକାଲରେ ୨୨ ଜଣ ଚିକିତ୍ସିତ ହେଉଛନ୍ତି। ସୂଚନା ଯୋଗ୍ୟ, ନରେନ୍ଦ୍ର ପୁଷ୍କରିଣୀରେ ବୁଧବାର ରାତିରେ ଠାକୁରଙ୍କ ଭଉଁରି ଚନ୍ଦନ ଯାତ୍ରା ଚାଲିଥିବାବେଳେ ବାଣ ବିସ୍ଫୋରଣ ଘଟି ପ୍ରଥମେ ୩ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩୦ରୁ ଅଧିକ ଆହତ ହୋଇଥିଲେ। ବୁଧବାର ରାତିରେ ନାବାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ଭୁବନେଶ୍ୱରର ଘରୋଇ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ଅନ୍ୟ ୨ଜଣଙ୍କ ମୃତ୍ୟୁ ହୋଇଥିଲା । ଏହି ଘଟଣାରେ ପୁଲିସ ନିଜ ଆଡୁ ମାମଲା ରୁଜୁ କରିଛି।

## ପ୍ରଗତିଶୀଳ ଶିକ୍ଷା ପରିବେଶ ସୃଷ୍ଟି ଉପରେ ଗୁରୁତ୍ୱାରୋପ

**ଭୁବନେଶ୍ୱର, ୧/୬ ନ୍ୟୁଜ ବ୍ୟୁରୋ**
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୁଲ୍ୟରେ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନଙ୍କ ଦୁଇଦିନିଆ କର୍ମଶାଳା ଉଦ୍‌ଯାପିତ ହୋଇଛି । ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଅଶ୍ୱଥୀ ଏସ୍ ଯୋଗଦେଇ ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ସହିତ ରାଜ୍ୟରେ କିପରି ଏକ ପ୍ରଗତିଶୀଳ ଶିକ୍ଷା ପରିବେଶ ସୃଷ୍ଟି କରାଯାଇ ପାରିବ ସେ ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥି ସହିତ ଯୋଗଦେଇଥିବା ସମସ୍ତ ପ୍ରଶାସନିକ ଅଧିକାରୀମାନେ କିପରି ଗଠନ ମୂଳକ ଆଭିମୁଖ୍ୟ ନେଇ କାର୍ଯ୍ୟ କରିବା ସହିତ ସେମାନଙ୍କ ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରିବେ ସେ ଉପରେ ମତାମତ ଦେଇଥିଲେ । ଏହି କର୍ମଶାଳାରେ ଆଇଆଇଏମ୍ କୋଲକାତାର ପ୍ରଫେସର ସୁରେନ ଶିଷ୍ଟା ଏବଂ ହରିୟାଣା ସ୍କୁଲ ଅଫ ବିଜନେସ୍ ମ୍ୟାନଜମେଣ୍ଟର ପ୍ରଫେସର ଡଃ ସୁନୀତା ରାଣୀ ପ୍ରମୁଖ ଯୋଗଦେଇ ଯୋଗାଯୋଗ, ସମୟ ପରିଚାଳନା, ସମସ୍ୟା ସମାଧାନ ଭଳି ବିଭିନ୍ନ ଦକ୍ଷତା ଉପରେ ପ୍ରଶିକ୍ଷଣ ଦେବା ସହିତ ନିଜ ନିଜର ଅଭିଜ୍ଞତା ପରିପ୍ରକାଶ କରିଥିଲେ । ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ଏହି କର୍ମଶାଳାରେ ଶିକ୍ଷା ବିଭାଗର ୧୨୦ରୁ ଅଧିକ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଯୋଗ ଦେଇଥିଲେ ।

